Follow Us On @
www.ekamaatra.com
editor@ekamaatra.com
ekamaatra@gmail.com
advt@ekamaatra.com
ekamaatraodia
ekamaatranews

EKAMAATRA

# ଏକମାତ୍ର

ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524







ବର୍ଷ-୧ ସଂଖ୍ୟା-୩୨ ୨୧ ଅଗଷ୍ଟ - ୨୭ ଅଗଷ୍ଟ, ୨୦୧୭ ଭୁବନେଶ୍ୱର ● Monday Weekly ● VOL-1 ISSUE-32 21st August-27th August, 2017 BHUBANESWAR ₹ 5/- (8 Pages)


### କେନ୍ଦ୍ରରେ ମୋଦି, ଓଡ଼ିଶାରେ ନବୀନ ଲହର

# ଏଥର ଶଙ୍ଖ ନା ପଦ୍ମ !



**ଭୁବନେଶ୍ୱର :** ଆଗୁଆ ନିର୍ବାଚନ ନେଇ ସାରା ଦେଶରେ ଚର୍ଚ୍ଚା ହେଉଥିଲା ବେଳେ ଓଡ଼ିଶାରେ ମଧ୍ୟ ଏହାକୁ ନେଇ ଚର୍ଚ୍ଚା କିଛି କମ୍ ନୁହେଁ। ଗୋଟିଏ ଜାତୀୟ ଗଣମାଧ୍ୟମ ଖବର ଅନୁସାରେ ୨୦୧୮ ନଭେମ୍ବର ଓ ଡିସେମ୍ବର ସୁଦ୍ଧା ଲୋକସଭା ନିର୍ବାଚନ ହେବାର ଆଶଙ୍କା ଦେଖାଦେଇଛି। ଏଥିରେ କେନ୍ଦ୍ର ବିଜେପି ସରକାର ଆଗୁଆ ନିର୍ବାଚନ ସପକ୍ଷରେ ରହିଥିବା ଦର୍ଶାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ଉଭୟ ଲୋକସଭା ଓ ବିଧାନସଭା ନିର୍ବାଚନ ଗୋଟିଏ ସମୟରେ କରାଯିବା ସପକ୍ଷରେ ଅଛନ୍ତି। ନିର୍ବାଚନ କମିଶନ ମଧ୍ୟ ଏନେଇ କେନ୍ଦ୍ର ସରକାରଙ୍କୁ ପ୍ରସ୍ତାବ ଦେଇଛନ୍ତି। ସମ୍ବିଧାନ ଅନୁସାରେ ଧାର୍ଯ୍ୟ ସମୟର ୬ମାସ ଆଗରୁ ନିର୍ବାଚନ କମିଶନ ଚାହିଁଲେ ଭୋଟ କରିପାରିବେ। ହେଲେ ଓଡ଼ିଶାରେ ଦୀର୍ଘବର୍ଷ ହେବ ଶାସନ କ୍ଷମତାରେ ଥିବା ନବୀନ ସରକାର ଏହାକୁ କିଭଳି ଭାବେ ଗ୍ରହଣ କରୁଛନ୍ତି, ତାହାକୁ ନେଇ ରାଜନୈତିକ ହଟଚମଟ୍ ସୃଷ୍ଟି ହେଲାଣି।

ସୂଚନା ଅନୁସାରେ ନଭେମ୍ବର-ଡିସେମ୍ବର ମାସ ସୁଦ୍ଧା ମଧ୍ୟପ୍ରଦେଶ, ରାଜସ୍ଥାନ, ଛତିଶଗଡ଼ ଓ ମିଜୋରାମ ଏହି ୪ଟି ରାଜ୍ୟରେ ନିର୍ବାଚନ ସମୟ ହେଉଛି। ଏଣୁ ସେହି ସମୟରେ ଯଦି ନିର୍ବାଚନ ହୁଏ, ତା'ର ୬ମାସ ପରେ ଓଡ଼ିଶା, ଆନ୍ଧ୍ରପ୍ରଦେଶ ଓ ତେଲେଙ୍ଗାନା ଏହି ୩ଟି ରାଜ୍ୟରେ ନିର୍ବାଚନ ପାଇଁ ସମୟ ଆସୁଥିବାରୁ ଏକାସଙ୍ଗେ ନିର୍ବାଚନ ହୋଇପାରେ ବୋଲି କୁହାଯାଉଛି। ଏ କ୍ଷେତ୍ରରେ ରାଜ୍ୟ ସରକାରଙ୍କ ନିଷ୍ପତ୍ତି ନେବାର ସୁଯୋଗ ଦିଆଯିବାର ବ୍ୟବସ୍ଥା ମଧ୍ୟ ରହିଛି। ସରକାର ଯଦି ୬ମାସ ପୂର୍ବରୁ ବିଧାନସଭାକୁ ଭାଙ୍ଗି ଲୋକସଭା ସହ ନିର୍ବାଚନ କରିବାକୁ ନ ଚାହାନ୍ତି, ସେ କ୍ଷେତ୍ରରେ ନିର୍ବାଚନ କମିଶନ ସମ୍ପୃକ୍ତ ରାଜ୍ୟର ସରକାରଙ୍କୁ ଭାଙ୍ଗି ନିର୍ବାଚନ ଘୋଷଣା କରିପାରିବେ। ➤ ପୃ-୭

### ନବ ଭାରତ ଗଠନ ଲାଗି ମୋଦିଙ୍କ ଆହ୍ୱାନ

## 'ସ୍ୱପ୍ନ ସାକାର ପାଇଁ ସଂକଳ୍ପ ନେଇଛି'



**ନୂଆଦିଲ୍ଲୀ :** ୭୧ତମ ସ୍ୱାଧୀନତା ଦିବସରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନବ ଭାରତ ଗଠନ ଲାଗି ତାଙ୍କର ଦୃଷ୍ଟିକୋଣ ସମ୍ପର୍କରେ ଦେଶବାସୀଙ୍କୁ ଅବଗତ କରିବା ସହ ୨୦୨୨ ସୁଦ୍ଧା ଏହି ସ୍ୱପ୍ନ ସାକାର କରିବାକୁ ସଂକଳ୍ପ ନେଇଛନ୍ତି। ୨୦୨୨ରେ ଦେଶ ସ୍ୱାଧୀନ ହେବାର ୭୫ ବର୍ଷ ପୂରିବ। ୭୧ତମ ସ୍ୱାଧୀନତା ଦିବସରେ ନୂଆଦିଲ୍ଲୀର ଐତିହାସିକ ଲାଲ୍‌କିଲ୍ଲାରେ ଜାତୀୟ ପତାକା ଉତ୍ତୋଳନ କରି ପ୍ରଧାନମନ୍ତ୍ରୀ ମୋଦି ଦେଶବାସୀଙ୍କୁ ସମ୍ବୋଧନ କରି କହିଲେ, "ଟିମ୍ ଇଣ୍ଡିଆ ୨୦୨୨ ସୁଦ୍ଧା ଦେଶକୁ ନବ ଭାରତ ଆଡ଼କୁ ଆଗେଇନେବ। ସେତେବେଳକୁ ଗରିବଙ୍କର ନିଜସ୍ୱ କଂକ୍ରିଟ୍ ଘର ଥିବ, କୃଷକଙ୍କ ଆୟ ଦ୍ୱିଗୁଣିତ ହୋଇଥିବ ଏବଂ ଯୁବକ ଓ ମହିଳାମାନଙ୍କୁ ସବୁ କ୍ଷେତ୍ରରେ ଯଥେଷ୍ଟ ସୁବିଧାସୁଯୋଗ ମିଳୁଥିବ। ଏଭଳି ଭାରତ ଗଠନ ହେବ, ଯେଉଁଠି ଜାତିଆଣବାଦ, ଆତଙ୍କବାଦ ଓ ଦୁର୍ନୀତି ନଥିବ।" ସେ ଆହୁରି କହିଲେ ଯେ, ନବଭାରତରେ 'ଚଲ୍‌ତା ହେ' ମନୋଭାବ ଆଉ ରହିବ ନାହିଁ। ଆମକୁ ମନଭିତରେ 'ବଦଲ୍ ସକ୍‌ତା ହେ' ଭାବନା ଆଣିବାକୁ ପଡ଼ିବ। ଏହା ଫଳରେ ଦେଶରେ ପରିବର୍ତ୍ତନ ସମ୍ଭବ ହେବ। ➤ ପୃ-୭

### ରିପୋର୍ଟ ଦାଖଲ

## ଖୋଲିବ ବ୍ରହ୍ମ ବିଭ୍ରାଟ ଗୁମର

**ପୁରୀ :** ୨୦୧୫ ମସିହାର ନବକଳେବର ଘଟଣାବହୁଳ ଥିଲା। ଏଥିରେ ବ୍ରହ୍ମ ସଂସ୍ଥାପନରେ ବିଭ୍ରାଟ ଅଭିଯୋଗ ହେବା ସହ ଏହାକୁ ନେଇ ସାରା ଦେଶରେ ଏକପ୍ରକାର ଆଲୋଚନା ଚାଲିଥିଲା। ଯାହାକୁ ନେଇ ଶ୍ରୀମନ୍ଦିର ପ୍ରଶାସନ ଓ ରାଜ୍ୟ ସରକାର ଅଡୁଆରେ ପଡିଯାଇଥିଲେ। ପରେ ମୁଖ୍ୟମନ୍ତ୍ରୀ ଏହାର ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଏହି ଅଭିଯୋଗର ତଦନ୍ତ ପରେ ଏବେ ରିପୋର୍ଟ ଶ୍ରୀମନ୍ଦିର ପ୍ରଶାସନକୁ ଦିଆଯାଇଥିବା ଜଣାପଡିଛି। ପୂର୍ବତନ ଶ୍ରୀମନ୍ଦିର ମୁଖ୍ୟପ୍ରଶାସକ ସୁରେଶ ଚନ୍ଦ୍ର ମହାପାତ୍ର ଏହି ରିପୋର୍ଟକୁ ଶ୍ରୀମନ୍ଦିର ପ୍ରଶାସନ ନିକଟରେ ଦାଖଲ କରିଥିବା ସୂଚନା ମିଳିଛି। ଗତ ଜୁଲାଇ ୧୩ ତାରିଖ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକର ନିଷ୍ପତ୍ତିକ୍ରମେ ତିନି ସପ୍ତାହ ମଧ୍ୟରେ ବ୍ରହ୍ମ ବିଭ୍ରାଟ ରିପୋର୍ଟ ଦାଖଲ କରିବା ପାଇଁ ଶ୍ରୀ ମହାପାତ୍ରଙ୍କୁ କୁହାଯାଇଥିଲା । ତଦନୁଯାୟୀ ୧୦ଦିନ ତଳୁ ଶ୍ରୀ ମହାପାତ୍ର ଚୂଡ଼ାନ୍ତ ରିପୋର୍ଟ ଏକ ଜଉମୁଦଦିଆ ଲଫାପାରେ ଶ୍ରୀମନ୍ଦିର ପ୍ରଶାସନକୁ ପ୍ରଦାନ କରିଛନ୍ତି । ଆସନ୍ତା ପରିଚାଳନା କମିଟି ବୈଠକରେ ଲଫାପା ଖୋଲାଯାଇ ରିପୋର୍ଟ ସମ୍ପର୍କରେ ଅବଗତ ହେବାପରେ ପରିଚାଳନା କମିଟି କିଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ସେ ସମ୍ପର୍କରେ ନିଷ୍ପତ୍ତି ନେବ। ମାତ୍ର ଏ ସଂକ୍ରାନ୍ତରେ ଅଦ୍ୟାବଧି ସେଭଳି କିଛି ସୂଚନା ସାମ୍ନାକୁ ଆସିନାହିଁ। ତଦନ୍ତ ରିପୋର୍ଟରେ କ'ଣ ଉଲ୍ଲେଖ ରହିଛି ତାହା ସର୍ବସାଧାରଣରେ ପ୍ରକାଶ କରାଯାଉ ବୋଲି ଗଣମାଧ୍ୟମରେ ବାରମ୍ବାର ଖବର ପ୍ରକାଶ ପାଇବା ପରେ ତଦନ୍ତ ରିପୋର୍ଟ ଦାଖଲ କରିବା ପାଇଁ ଶ୍ରୀମନ୍ଦିର ପ୍ରଶାସନ ➤ ପୃ-୭

### ନୂଆଦିଲ୍ଲୀରେ ନବୀନ-ଧର୍ମେନ୍ଦ୍ର ଏକାଠି

## ଆଇଓସିଏଲ୍ ଆଳରେ ବନ୍ଧୁତା

### ସମାଧାନ ପନ୍ଥା ବାହାରିବ ବୋଲି ଉଭୟ ଆଶାବାଦୀ



**ନୂଆଦିଲ୍ଲୀ :** ଦୀର୍ଘ ତିନିବର୍ଷ ହେବ ଓଡ଼ିଶାରେ ବିଜେଡି-ବିଜେପି ଯେଭଳି ଛକାପଞ୍ଝା ସ୍ଥିତିରେ ଥିଲେ ଏଥିରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯେ ଏକାଠି ହୋଇ ବୈଠକ କରିବେ ଏହା କେହି ଭାବି ନଥିଲେ। କିନ୍ତୁ ଆଇଓସିଏଲ୍‌କୁ ନେଇ ବିବାଦ ଏଭଳି ସ୍ଥିତିରେ ପହଞ୍ଚିଥିଲା ଯେ, ବିଜେଡି ସୁପ୍ରିମୋ ଏବଂ ଏନ୍‌ଡିଏର ମନ୍ତ୍ରୀ ଏକାଠି ବସିଛନ୍ତି। ନିଜ ଦଳ ଭିତରେ ନବୀନଙ୍କ ସହ ଧର୍ମେନ୍ଦ୍ରଙ୍କ ସାକ୍ଷାତକୁ ବିରୋଧ କରିଛନ୍ତି ବରିଷ୍ଠ ମନ୍ତ୍ରୀ ଡା. ଦାମୋଦର ରାଉତ। ପ୍ରୋଟୋକଲ ଉଲ୍ଲଘଂନ ହୋଇଥିବା ଦର୍ଶାଇ ମନ୍ତ୍ରୀ ନିଜ ଦଳର ମୁଖିଆଙ୍କୁ ପରାମର୍ଶ ଦେଇଛନ୍ତି କିମ୍ବା ଏହି ଭେଟଘାଟକୁ ବିରୋଧ କରିଛନ୍ତି ତାହା ସ୍ପଷ୍ଟ ହୋଇନି। ହେଲେ ରାଜ୍ୟର ସ୍ୱାର୍ଥ ଦୃଷ୍ଟିରୁ ନବୀନ-ଧର୍ମେନ୍ଦ୍ରଙ୍କ ସାକ୍ଷାତକୁ ରାଜ୍ୟବାସୀ ସ୍ୱାଗତ କରିଛନ୍ତି।


ଆଇଓସିଏଲ୍ ବିବାଦର ସମାଧାନ ନେଇ ୱାର୍କିଂ ଗ୍ରୁପ୍ ବୈଠକ ଫେଲ୍ ମାରିବା ପରେ ଏନେଇ ଦିଲ୍ଲୀଠାରେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଏବଂ କେନ୍ଦ୍ର ପେଟ୍ରୋଲିୟମ୍ ମନ୍ତ୍ରୀ ଶ୍ରୀ ପ୍ରଧାନ ଆଲୋଚନା କରିଛନ୍ତି। ଦିଲ୍ଲୀ ସ୍ଥିତ ଓଡ଼ିଶା ଭବନରେ ଦୀର୍ଘ ସମୟ ଧରି ହୋଇଥିବା ଏହି ଶୀର୍ଷସ୍ତରୀୟ ବୈଠକ ପରେ ଆଇଓସିଏଲ୍ ବିବାଦର ସମାଧାନ ନେଇ ରାଜ୍ୟ ସରକାର ଏବଂ ଭାରତୀୟ ତୈଳ ନିଗମ ➤ ପୃ-୭

## 'ଓଡ଼ିଶା ୧ ନମ୍ବର ହେଲେ ମୁଁ ସନ୍ତୁଷ୍ଟ'

**ନୂଆଦିଲ୍ଲୀ :** ସାରା ଦେଶରେ ଓଡ଼ିଶା ୧ ନମ୍ବର ରାଜ୍ୟ ହୋଇପାରିଲେ ମୁଁ ସନ୍ତୁଷ୍ଟ ହେବି ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। 'ଆଉଟ୍‌ଲୁକ୍' ପକ୍ଷରୁ ଦେଶର ଶ୍ରେଷ୍ଠ ପ୍ରଶାସକ ଭାବେ ପୁରସ୍କାର ଗ୍ରହଣ କରିବା ଅବସରରେ ଏକଥା କହିଛନ୍ତି ମୁଖ୍ୟମନ୍ତ୍ରୀ। ଏହି ପତ୍ରିକା ପକ୍ଷରୁ ଅନଲାଇନ୍ ସର୍ଭେ କରାଯିବା ପରେ ଓଡ଼ିଶାର

### ନବୀନଙ୍କୁ 'ଆଉଟ୍‌ଲୁକ୍' ସ୍ପିକ୍‌ଆଉଟ୍ ସମ୍ମାନ

ମୁଖ୍ୟମନ୍ତ୍ରୀଙ୍କ ନାମ ଶ୍ରେଷ୍ଠ ସ୍ଥାନରେ ରହିଥିଲା। ଦିଲ୍ଲୀରେ ଏନେଇ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ଉତ୍ସବରେ ମୁଖ୍ୟମନ୍ତ୍ରୀଙ୍କୁ ଏହି ସମ୍ମାନ ପ୍ରଦାନ କରିଛନ୍ତି ପୂର୍ବତନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀ। ଶ୍ରେଷ୍ଠ ପ୍ରଶାସକ ତାଲିକାରେ ନବୀନଙ୍କ ସହିତ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼୍‌ନାବିଶ୍, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନର୍ଜୀ, ତ୍ରିପୁରା ମୁଖ୍ୟମନ୍ତ୍ରୀ ମାନିକ ସରକାର, ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଏବଂ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧରାମାୟାଙ୍କ ନାମ ରହିଥିଲା। ➤ ପୃ-୭



## ପାଇପ୍ ଗ୍ୟାସ୍ ଯୋଗାଣ ଯୋଜନାରେ ଆଉ ୪ ସହର



**ଭୁବନେଶ୍ୱର :** ଦେଶର ସହରାଞ୍ଚଳରେ ପାଇପ୍ ଯୋଗେ ରନ୍ଧନ ଗ୍ୟାସ୍ ଯୋଗାଣ ନିମନ୍ତେ କେନ୍ଦ୍ର ସରକାରଙ୍କ ଯୋଜନାରେ ଓଡ଼ିଶାର ୫ଟି ସହରକୁ ପୂର୍ବରୁ ସାମିଲ କରାଯାଇଥିବା ବେଳେ ବର୍ତ୍ତମାନ ଆଉ ଚାରୋଟି ସହରରେ ପାଇପ୍ ଗ୍ୟାସ୍ ଯୋଜନା କାର୍ଯ୍ୟକାରୀ କରିବାକୁ ପ୍ରସ୍ତାବ ଓ ଅନୁମତି ଲୋଡିଛନ୍ତି କେନ୍ଦ୍ର ନଗର ଉନ୍ନୟନ ମନ୍ତ୍ରଣାଳୟ। ଉଲ୍ଲେଖଯୋଗ୍ୟ, କଟକ, ଭୁବନେଶ୍ୱର, ପାରାଦୀପ, ରାଉରକେଲା ଏବଂ ଅନୁଗୁଳ ଆଦି ସହରରେ ପାଇପ୍ ଯୋଗେ ରନ୍ଧନ ଗ୍ୟାସ୍ ଯୋଜନା ପ୍ରସ୍ତୁତ ହୋଇଥିବା ବେଳେ ଏବେ ରାଜ୍ୟର ଆଉ ଚାରି ସହର ଯୋଡି ହେବା ନିଶ୍ଚୟ ଖୁସିର ଖବର। ଏହି ଚାରି ନୂଆ ସହର ମଧ୍ୟରେ ବାଲେଶ୍ୱର, ବାରିପଦା, ଭଦ୍ରକ ଓ ପୁରୀ ସହର ରହିଛି। ଏଠାରେ ପାଇପ୍ ସଂଯୋଗ କାର୍ଯ୍ୟ ଆରମ୍ଭ କରିବାକୁ ସମ୍ପୃକ୍ତ ପୌରପାଳିକାଙ୍କ ଠାରୁ ଅନୁମତି ଲୋଡିଛି କେନ୍ଦ୍ର ନଗର ଉନ୍ନୟନ ମନ୍ତ୍ରଣାଳୟ।

କେନ୍ଦ୍ର ସରକାରଙ୍କ ଆଗ୍ରହ ଆଧାରରେ ରାଜ୍ୟ ଗୃହ ନିର୍ମାଣ ଓ ସହରାଞ୍ଚଳ ବିକାଶ ବିଭାଗ ସମ୍ପୃକ୍ତ ୪ ପୌରପାଳିକାକୁ ରିପୋର୍ଟ ପ୍ରଦାନ କରିବାକୁ ଚିଠି ଲେଖିଛନ୍ତି। ➤ ପୃ-୭








ଗଛରେ ଚଢ଼ି ପିଜୁଳି ଖାଇ ଖୁସୀ ମନାଏ ଗୁଣ୍ଡୁଚିମୂଷା

### ଦୁଷ୍କର୍ମ ପରେ ଏକାଧିକ ମହିଳାଙ୍କୁ ହତ୍ୟା

## ଜେଲ୍ ଗଲା ଯୌନ ରାକ୍ଷସ



**ପିପିଲି :** ବହୁଚର୍ଚ୍ଚିତ ଡେଲାଙ୍ଗ ବଳାତ୍କାର ଓ ହତ୍ୟା ମାମଲାର ଅଭିଯୁକ୍ତ ବୁଦ୍ଧଦେବ ବେହେରା (୩୩)କୁ ଡେଲାଙ୍ଗ ପୁଲିସ ଗିରଫ କରି କଡ଼ା ସୁରକ୍ଷା ମଧ୍ୟରେ ପିପିଲି କୋର୍ଟକୁ ଚାଲାଣ କରିଛି। ତା'ର ଜାମିନ ପାଇଁ କେହି ଆବେଦନ କରିନଥିବା ବେଳେ ପିପିଲି କୋର୍ଟର ବିଚାରପତି ତାକୁ ୧୪ଦିନ ପାଇଁ ରିମାଣ୍ଡରେ ନିମାପଡ଼ାସ୍ଥିତ ବିଚାର ବିଭାଗୀୟ ଜେଲ୍ ହାଜତକୁ ପଠାଇ ଦେଇଛନ୍ତି। ଗିରଫ ବୁଦ୍ଧଦେବ ୫ଜଣ ମହିଳାଙ୍କୁ ବିଭିନ୍ନ ସ୍ଥାନରେ ବଳାତ୍କାର ପରେ ତଣ୍ଟି କାଟି ବୀଭତ୍ସ ଭାବେ ହତ୍ୟା କରିଥିବା ବେଳେ ତା' ନାମରେ ବିଭିନ୍ନ ଥାନାରେ ୮ଟି ମାମଲା ଅଛି। ତା'ର ଘର ଦେବଗଡ଼ ଜିଲାର କୁଣ୍ଢେଇଗୋଲା ଥାନା ଗିନାହଜ ଗ୍ରାମରେ ହୋଇଥିବା ବେଳେ ସେ ବିଭିନ୍ନ ସ୍ଥାନରେ ନିଜର ପରିଚୟ ବଦଳାଇ ଅପରାଧ ପରେ ଅପରାଧ ଘଟାଇଥିବା ଜଣାଯାଇଛି । କେଉଁଠି ବୁଢ଼ା ନାମରେ ତ ଆଉ କେଉଁଠି ରାଜେଶ, ରାଜନ, ଜିତୁ, ସାବନ ଓ ବୁଦ୍ଧ ନାମରେ ସେ ନିଜର ପରିଚୟ ଦେଇ ଅପରାଧ ଘଟାଉଥିଲା । ଗତ ୧ ତାରିଖ ରାତିରେ ଜଣେ ଅପରିଚିତା ମହିଳାଙ୍କୁ ଡେଲାଙ୍ଗ ଥାନା ଜଗଦଳପୁର ନିକଟ ଜଙ୍ଗଲରେ ବଳାତ୍କାର ପରେ ଅତି ବୀଭତ୍ସ ଭାବେ ଗଳା କାଟି ହତ୍ୟା ଘଟଣା ସମଗ୍ର ରାଜ୍ୟରେ ଚାଞ୍ଚଲ୍ୟ ସୃଷ୍ଟି କରିଥିଲା। ହତ୍ୟାକାଣ୍ଡ ସମ୍ପର୍କରେ ବୁଦ୍ଧଦେବର ସ୍ୱୀକାର ପରେ ସେ ଜଣେ ନିଷ୍ଠୁର, ମାନସିକ ବିକୃତ ଓ ଯୌନ ପିପାଷୁ ହତ୍ୟାକାରୀ ବୋଲି ପୁଲିସ ଜାଣିବାକୁ ପାଇଥିଲା।

ସୂଚନାଯୋଗ୍ୟ, ଗତ ୧ତାରିଖ ରାତିରେ ଡେଲାଙ୍ଗଥାନା ଅନ୍ତର୍ଗତ ଜଗଦଳପୁର ନିକଟସ୍ଥ ମନୁପଡ଼ା ଗାଁ ପାଖରେ ସମ୍ପୂର୍ଣ୍ଣ ଉଲଗ୍ନ ଅବସ୍ଥାରେ ପଡ଼ିଥିବା ଜଣେ ମହିଳାଙ୍କର ଶବକୁ ଡେଲାଙ୍ଗଥାନା ପୁଲିସ ଜବତ କରିଥିଲା। ସମ୍ପୃକ୍ତ ମହିଳାଙ୍କୁ ଧର୍ଷଣ କରାଯିବା ପରେ ତାଙ୍କ ଗଳାକାଟି ତାଙ୍କୁ ହତ୍ୟା କରାଯାଇଥିବା ପୁଲିସ ସୂତ୍ରରୁ ଜଣାପଡ଼ିଥିଲା। ତେବେ ଏହି ରହସ୍ୟଜନକ ହତ୍ୟା ଘଟଣାର ପର୍ଦ୍ଦାଫାସ କରିଛି ପୁରୀ ପୁଲିସ। ମାନସିକ ବିକାରଗ୍ରସ୍ତ ଜନୈକ ଯୌନପିପାସୁ ଏହି ହତ୍ୟାକାଣ୍ଡ ଘଟାଇଥିବା ପୁଲିସ ଜାଣିବା ପରେ ସମ୍ପୃକ୍ତ ହତ୍ୟାକାରୀକୁ ଯାଜପୁରରୁ ଗିରଫ କରିଛି। ➤ ପୃ-୭

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

## କେମିତି କଟିବ ଏ ସପ୍ତାହ

ଏ ସପ୍ତାହରୁ ଆପଣଙ୍କର ଭାଗ୍ୟ ଉଦୟ ଆରମ୍ଭ ହେବ। ଉନ୍ନତି ପାଇଁ ପଥ ପରିଷ୍କାର ହେବା ସହିତ ଶତ୍ରୁମାନେ ଦୂରେଇ ଯିବେ। ପ୍ରତ୍ୟେକ କ୍ଷେତ୍ରରେ ଆପଣ ଲାଭାବନ ହେବା ସହିତ ଆଗକୁ ଗତିକରିବା ଆଶା ଦେଖାଦିଏ। ସବୁଆଡୁ ସହଯୋଗ ମିଳିବ।

ଏ ସପ୍ତାହ ଆପଣଙ୍କ ପାଇଁ ଆଦୌ ଶୁଭପ୍ରଦ ନୁହେଁ। ପ୍ରତ୍ୟେକ କ୍ଷେତ୍ରରେ ସତର୍କତା ଅବଲମ୍ବନ କରିବାକୁ ହେବ। ଶୁଭଫଳ ଅପେକ୍ଷା ସପ୍ତାହ ସାରା ବିଶେଷ ଅଶୁଭ ଫଳ ପ୍ରଦାନ କରିବ। ତେଣୁକରି ଜଗିରଖି ଚଳିବାକୁ ହେବ।

ସପ୍ତାହର ପ୍ରଥମ ଦିନରୁ ଶୁଭଫଳ ପ୍ରଦାନ କରିବା ଆରମ୍ଭ ହେବ। ପରିବାରରେ ଶାନ୍ତି ବିରାଜମାନ କରିବା ସହିତ ସର୍ବସମ୍ପଦ ଲାଭ ଯୋଗ ଦେଖାଦିଏ। ପରିବାରରେ ଶାନ୍ତି ବଜାୟ ରହିବ।

ସୋମବାର ପ୍ରଚୁର ଧନଲାଭ ହେବ। ମଙ୍ଗଳବାର ଚୋରି ଭୟ ରହିଛି। ବୁଧବାର ଦିନ ଯଶପ୍ରାପ୍ତି ହେବ। ଗୁରୁବାର ହାନୀକାରକ ଏବଂ ଶୁକ୍ରବାର ସାହାଯ୍ୟକାରୀ ଶନି ଅଶୁଭରେ ଥିବା ଜଣାଯାଏ।

ସୋମବାରରୁ ବୁଧବାର ଅତ୍ୟନ୍ତ ଅଶୁଭ ଫଳ ପ୍ରଦାନ କରିବ। କିନ୍ତୁ ସପ୍ତାହର ଶୁକ୍ରବାର ଏବଂ ଶନିବାର ଯଥେଷ୍ଟ ଶୁଭଫଳ ପ୍ରାପ୍ତିର ଯୋଗ ରହିଛି। ରବିବାର ଦିନଟି ଅଶୁଭ ଓ ଘାତଚନ୍ଦ୍ର ଯୋଗ ରହିଛି।

ସପ୍ତାହର ଆରମ୍ଭରୁ ଗୁରୁବାର ପର୍ଯ୍ୟନ୍ତ ଅତ୍ୟନ୍ତ ଅଶୁଭଯୋଗ, ହତାଶାଭାବ ଏବଂ ଦ୍ରବ୍ୟ ହାନୀର ଆଶଙ୍କା ରହିଛି। ଶୁକ୍ରବାରଠାରୁ ରବିବାର ପର୍ଯ୍ୟନ୍ତ ପ୍ରେମ ସମ୍ପର୍କ ବୃଦ୍ଧି ଏବଂ ଦାମ୍ପତ୍ୟ ଜୀବନ ସୁଖମୟ ହେବାର ଜଣାପଡେ।

ସୋମବାର ଯଶପ୍ରାପ୍ତି ଓ ସମ୍ମାନିତ ହେବାର ଯୋଗ ରହିଛି। ଏହାବ୍ୟତୀତ ଏ ସପ୍ତାହର ସମସ୍ତ ବାର ଅଶୁଭ ଫଳ ପ୍ରଦାନ କରିବାର ଜଣାପଡେ। ତେଣୁ ଜଗିରଖି ଚଳିବାକୁ ହେବ।

ସପ୍ତାହର ଆରମ୍ଭରୁ ପରିବାରରେ ହସଖୁସି ଲାଗି ରହିବ। ପ୍ରତ୍ୟେକ କ୍ଷେତ୍ରରେ ଆପଣ ସଫଳତା ଲାଭ କରିବେ। ମାନସମ୍ମାନ ବୃଦ୍ଧି ସହ ଦ୍ରବ୍ୟଲାଭ, ଅର୍ଥଲାଭ ଏବଂ ସମସ୍ତ ପ୍ରାପ୍ତିର ସୁବର୍ଣ୍ଣଯୋଗ ରହିଛି।

ସପ୍ତାହଟି ଆପଣଙ୍କ ପାଇଁ ଅତ୍ୟନ୍ତ ଅଶୁଭକାରକ। ହତାସା ଓ ନୈରାଶ୍ୟରେ ସପ୍ତାହସାରା ଗତି କରିବାକୁ ପଡିବ। ତେଣୁ ଜଗିରଖି ବାଟ ନ ଚାଲିଲେ ବିପଦ ପଡିବାର ଆଶଙ୍କା ରହିଛି।

ସୋମବାର, ମଙ୍ଗଳବାର ସମସ୍ତ ପ୍ରକାର ଶୁଭଫଳ ପ୍ରାପ୍ତିଯୋଗ ରହିଛି। ବୁଧବାର, ଗୁରୁବାର ଓ ଶନିବାର ଅଶୁଭ ଫଳ ପ୍ରଦାନ କରିବ। କିନ୍ତୁ ଶୁକ୍ରବାର ଦିନ ଧନପ୍ରାପ୍ତିର ଯୋଗ ରହିଅଛି।


ସୋମବାରରୁ ବୁଧବାର ପର୍ଯ୍ୟନ୍ତ ସମସ୍ତ ଶୁଭଫଳ ପ୍ରାପ୍ତ ସହ ଭଲ ଯୋଗ ରହିଛି। ଗୁରୁବାରରୁ ଶନିବାର ମଧ୍ୟରେ ମିଶ୍ରିତ ଫଳ ପାଇବାର ଆଶା ଦେଖାଯାଏ। ଗୃହରେ ଶାନ୍ତି ବଜାୟ ରହିବ। ମୋଟାମୋଟି ସପ୍ତାହଟି ଭଲରେ କଟିବ।

ସାପ୍ତାହିକ ଗଣନା ଅନୁଯାୟୀ ଏ ସପ୍ତାହରେ ଆପଣ ସମସ୍ତ ପ୍ରକାର ଶୁଭଫଳ ଲାଭ କରିବେ। କିନ୍ତୁ ଶନିବାର ବନ୍ଧନ ଭୟ ଯୋଗ ରହିଥିବାରୁ ଏଥିପାଇଁ ସତର୍କତା ଅବଲମ୍ବନ ଜରୁରୀ।



ଚନ୍ଦ୍ରଶେଖର ମିଶ୍ର
ଜ୍ୟୋତିର୍ବିଦ୍ ଓ ବାସ୍ତୁବିଶାରଦ
କାକଟପୁର, ପୁରୀ
ମୋ-୯୭୭୭୦୬୩୪୧୧

# ‘୧୨୫ କୋଟି ଶିକ୍ଷିତଙ୍କ ପ୍ରଦୀପରେ ଝଲସିବ ଦେଶ’



**ନୂଆଦିଲ୍ଲୀ :** ‘ଆସ ଗଢ଼ିବା ନୂଆ ଭାରତ। ଏକ ସତ୍ୟନିଷ୍ଠ ଓ ନ୍ୟାୟଚିତ ସମାଜ ସହ ଯେଉଁଠି ଆର୍ତ୍ତଙ୍କ ପାଇଁ ସମସ୍ତଙ୍କ ଠାରୁ ଝରୁଥିବ କରୁଣାସିକ୍ତ ଭାବାନା। ୨୦୨୨ ମସିହା ସୁଦ୍ଧା ଏହି ନବଭାରତ (ନିୟୁ ଇଣ୍ଡିଆ) ଗଠନ କରିବାକୁ ସମସ୍ତେ ପ୍ରଯତ୍ନଶୀଳ ହେବା। ଲିଙ୍ଗ, ଜାତି ଓ ବର୍ଣ୍ଣଗତ ଭେଦାଭେଦକୁ ଭୁଲି ନବଭାରତ ଗଠନ ଆମ ସମସ୍ତଙ୍କ ରାଷ୍ଟ୍ରୀୟ ଧର୍ମ ହେଉ।’ ୭୧ତମ ସ୍ୱାଧୀନତା ଦିବସ ଅବସରରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଦେଶବାସୀଙ୍କୁ ପ୍ରଥମ ବାର୍ତ୍ତାରେ ଉପରୋକ୍ତ ଆହ୍ୱାନ ଦେଇଛନ୍ତି। ରାଷ୍ଟ୍ରପତି ଶ୍ରୀ କୋବିନ୍ଦ ସମସ୍ତଙ୍କୁ ଏହି ଐତିହାସିକ ପାର୍ବଣ ମୁହୂର୍ତ୍ତରେ ଅଭିନନ୍ଦନ ଜଣାଇବା ସହ ଏକ ନୂଆ ଭାରତ ଗଠନ ଲାଗି ବିଶେଷ କରି ଯୁବଶକ୍ତିକୁ ପରାମର୍ଶ ଦେଇଛନ୍ତି। ଏହି ଅବସରରେ ଦେଶବାସୀଙ୍କୁ ଆହ୍ୱାନ ଦେଇ ରାଷ୍ଟ୍ରପତି କୋବିନ୍ଦ କହିଛନ୍ତି, ପ୍ରତ୍ୟେକ ସ୍ୱଚ୍ଛଳ ନାଗରିକ ନିଜ ପିଲାଙ୍କୁ ପାଠ ପଢ଼ାଇବା ସହ ଆଉ ଜଣେ ଗରିବ ପିଲାକୁ ଶିକ୍ଷିତ କରାନ୍ତୁ। ଏହାଦ୍ୱାରା ଦେଶର ସମସ୍ତ ଜନତା ଶିକ୍ଷିତ ହୋଇପାରିବେ ଏବଂ ୧୨୫କୋଟି ଜନତାଙ୍କ ଶିକ୍ଷା ପ୍ରଦୀପରେ ଆମ ଦେଶ ଝଲସି ଉଠିବ। ନିଜର ଅବସୋସ ପ୍ରକାଶ କରି ରାଷ୍ଟ୍ରପତି କହିଥିଲେ ଆଗଭଳି ଆଉ ଲୋକଙ୍କ ମଧ୍ୟରେ ସହଯୋଗ ମନୋଭାବ ରହୁନାହିଁ। ଗାଁ ହେଉ କି ସହର ସବୁଠି ପରସ୍ପର ମଧ୍ୟରେ ସୌହାର୍ଦ୍ଦ୍ୟ ବଜାୟ ରହିବା ଉଚିତ। ଦୁର୍ନୀତି, କଳାଧନ ବିରୋଧରେ ସରକାରଙ୍କ ବିମୁଦ୍ରାୟନ ନିଷ୍ପତ୍ତିକୁ ଜନତା ସମର୍ଥନ କରିଥିବାରୁ ଏହାକୁ ରାଷ୍ଟ୍ରପତି ପ୍ରଶଂସା କରିଛନ୍ତି। ସ୍ୱେଚ୍ଛାକୃତ ଭାବେ ଏଲ୍‌ପିଜି ଗ୍ୟାସ ସିଲିଣ୍ଡର ରିଆତି ଛାଡ଼ିଥିବା ପରିବାରଙ୍କୁ ଏହି ଅବସରରେ ସେ ବିଶେଷ ଧନ୍ୟବାଦ ଜଣାଇଛନ୍ତି। ଜିଏସ୍‌ଟି (ସାମଗ୍ରୀ ଓ ସେବା କର) ଆଇନ୍ କାର୍ଯ୍ୟକାରୀ ହେବା ଦେଶପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ବୋଲି ସେ କହିଛନ୍ତି। ସୋମବାର ରାଷ୍ଟ୍ରପତି କହିଛନ୍ତି ଯେ ନୂଆ ଭାରତ ଗଠନ ଲାଗି ଆମକୁ ନୂଆ ନୂଆ ସଫଳତା ହାସଲ କରିବାକୁ ପଡିବ। ବିଶ୍ୱ ସମୁଦାୟଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ୨୦୨୦ ଟୋକିଓ ଅଲମ୍ପିକ ଆମ ପାଇଁ ଏକ ସୁଯୋଗ। ନୂଆ ସଫଳତା ହାସଲ ପୂର୍ବକ ନୂଆ ଭାରତ ଗଠନ ଆମ ସମସ୍ତଙ୍କର ଜାତୀୟ ଧର୍ମ ହେବା ଦରକାର। ୨୦୨୨ ଦେଶ ସ୍ୱାଧୀନତାର ୭୫ବର୍ଷ ପୂରଣ ହେବାକୁ ଯାଉଛି। ନୂଆ ଭାରତ ଏପରି ହେବା ଦରକାର ଯେଉଁଠି ଦାରିଦ୍ର୍ୟର କୌଣସି ଚିହ୍ନ ନଥିବ। ଏଥିପାଇଁ ଆମେ ଗରିବ ଓ ଭିନ୍ନକ୍ଷମଙ୍କ ଜୀବନରେ ଉନ୍ନତି ଆଣିବା ଲାଗି ସ୍ୱତନ୍ତ୍ର ଧ୍ୟାନ ଦେବା। ଆମେ ପ୍ରଥମେ ନିଜକୁ ଆଲୋକିତ କରିବା ଦରକାର। ଶିକ୍ଷା ଦ୍ୱାରା ଆମେ ଯଦି ନିଜକୁ ଆଲୋକିତ କରିବା ସହ ଅନ୍ୟକୁ ଆଲୋକିତ କରି ଆଗକୁ ବଢ଼ିବା; ତେବେ ସାରା ଦେଶ ଆଲୋକିତ ହୋଇପାରିବ। ରାଷ୍ଟ୍ରପତି କହିଛନ୍ତି ଯେ ଦେଶ ସ୍ୱାଧୀନତା ପାଇଁ ପ୍ରାଣବଳି ଦେଇଥିବା ସଂଗ୍ରାମୀଙ୍କ ନିକଟରେ ଆମେ ଚିରଋଣୀ। ଏହି ସଂଗ୍ରାମୀମାନଙ୍କ ଜୀବନରୁ ଆମେ ପ୍ରେରଣା ପାଇ ଆଗକୁ ବଢିବା ଦରକାର। ଆମେ ସମସ୍ତେ ଶାନ୍ତି ଓ ଏକତାରେ ବିଶ୍ୱାସ କରିବା ଦରକାର। ଶାନ୍ତି ଓ ଏକତା ବଜାୟ ରଖିବା ପାଇଁ ଆମେ ଆଇନକୁ ସମ୍ମାନ ଦେବା। ସରକାରଙ୍କ କାମ ହେଉଛି ଆଇନ ତିଆରି କରିବା; ମାତ୍ର ଏହି ଆଇନକୁ ପାଳନ କରିବା ଆମର ଦାୟିତ୍ୱ ହେବା ଦରକାର। ସରକାର ସ୍ୱଚ୍ଛ ଭାରତ ଅଭିଯାନ ଆରମ୍ଭ କରିଛନ୍ତି; ମାତ୍ର ଦେଶକୁ ସ୍ୱଚ୍ଛ ରଖିବା ଆମ ସମସ୍ତଙ୍କ କର୍ତ୍ତବ୍ୟ। ଠିକ୍ ସମୟରେ କର ପୈଠ ପ୍ରତ୍ୟେକ ନାଗରିକଙ୍କ କର୍ତ୍ତବ୍ୟ। ସେହିପରି ଏକ ସଭ୍ୟ ଓ ସତ୍ୟନିଷ୍ଠ ସମାଜ ଗଠନ ପାଇଁ ବିମୁଦ୍ରାୟନ ଭଳି ପଦକ୍ଷେପ ନିଆଯାଇଥିଲା। ସଭ୍ୟ ଓ ସତ୍ୟନିଷ୍ଠ ସମାଜ ଗଠନର ଆଦର୍ଶରେ ଆମେ ସର୍ବଦା ଅନୁପ୍ରାଣିତ ହେବା ଦରକାର ବୋଲି ରାଷ୍ଟ୍ରପତି କହିଛନ୍ତି। ‘ନ୍ୟୁ ଇଣ୍ଡିଆ’ର ଅଭିପ୍ରାୟ ହେଲା ଆମେ ଯେଉଁଠି ଏବେ ଅଛୁ ତା’ଠାରୁ ଆଗୁ ଯିବା। ଆମେ ସେତେବେଳେ ଯାଇ ଏ ନ୍ୟୁ ଇଣ୍ଡିଆ ତିଆରି କରିପାରିବା ଯେତେବେଳେ ଏହାକୁ ନେଇ ସମସ୍ତେ ଗର୍ବ କରିପାରିବେ। ଏଭଳି ନ୍ୟୁ ଇଣ୍ଡିଆ ଯେଉଁଠି ପ୍ରତ୍ୟେକ ଭାରତୀୟ ନିଜର କ୍ଷମତାର ପୂରା ବିକାଶ ଏବଂ ଉପଯୋଗ କରିବାରେ ଏପରି ସକ୍ଷମ ହେବ ଯଦ୍ୱାରା ସାରା ଭାରତବାସୀ ସୁଖରେ ରହିପାରିବେ। ଏହା ଏପରି ଏକ ‘ନ୍ୟୁ ଇଣ୍ଡିଆ’ ହେବା ଉଚିତ ଯେଉଁଠି ପ୍ରତ୍ୟେକ ବ୍ୟକ୍ତିର ପୂରା ଦକ୍ଷତା ଜାଗ୍ରତ ହୋଇପାରିବ ଏବଂ ସଂପୃକ୍ତ ବ୍ୟକ୍ତି ସମାଜ ଏବଂ ରାଷ୍ଟ୍ର ପାଇଁ ନିଜର ସହଯୋଗ ଦେଇପାରିବ। ନିଜ ପରିବାର ସମ୍ପର୍କରେ ଭାବିବା ସ୍ୱାଭାବିକ କଥା; ମାତ୍ର ଏହା ସହିତ ଆମକୁ ସମଗ୍ର ସମାଜ ବିଷୟରେ ଚିନ୍ତା କରିବାକୁ ପଡ଼ିବ।

## ଦେଶର ବହୁ ସହରରେ ଚାଲିବ ମେଟ୍ରୋ ଟ୍ରେନ୍



**ନୂଆଦିଲ୍ଲୀ :** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ ବୈଠକରେ ନୂଆ ଜାତୀୟ ମେଟ୍ରୋ ରେଳ ନୀତିକୁ ମଞ୍ଜୁରି ମିଳିଛି। ଯାହା ଦେଶର ବହୁସଂଖ୍ୟକ ସହରରେ ମେଟ୍ରୋ ରେଳ ଚଳାଚଳ ସ୍ୱପ୍ନକୁ ସାକାର ରୂପ ଦେବ। ଏହି ନୀତି ଦ୍ୱାରା ମେଟ୍ରୋ ରେଳ ଚଳାଚଳ କ୍ଷେତ୍ରରେ ବୃହତ ଘରୋଇ ନିବେଶ ପାଇଁ ବାଟ ଖୋଲିବ ଏବଂ ସରକାରୀ-ଘରୋଇ ଭାଗୀଦାରିତା (ପିପିପି) ଢ଼ାଞ୍ଚାରେ ନୂଆ ମେଟ୍ରୋ ରେଳ ପ୍ରକଳ୍ପ ଲାଗି କେନ୍ଦ୍ରୀୟ ସହାୟତାକୁ ବାଧ୍ୟତାମୂଳକ କରିବ। ଉଚ୍ଚକ୍ଷମତା ସମ୍ପନ୍ନ ମେଟ୍ରୋ ପ୍ରକଳ୍ପ ପାଇଁ ଅଧିକ ପୁଞ୍ଜିନିବେଶର ଆବଶ୍ୟକତା ପଡୁଥିବାରୁ ବ୍ୟାପକ ଚାହିଦା ପୂରଣ ପାଇଁ ମେଟ୍ରୋ ପ୍ରକଳ୍ପରେ ଘରୋଇ ନିବେଶ ଏବଂ ଅନ୍ୟ ଅଭିନବ ଆର୍ଥିକ ନିବେଶ ପ୍ରକ୍ରିୟାକୁ ବାଧ୍ୟତାମୂଳକ କରିଦିଆଯାଇଛି। ବର୍ତ୍ତମାନ କମ୍ ଉପଲବ୍ଧତା ଏବଂ ଶେଷ ମାଇଲ୍ ପର୍ଯ୍ୟନ୍ତ ଯୋଗାଯୋଗ ନ ଥିବାରୁ ନୂଆ ନୀତିରେ ୫ କିଲୋମିଟର ଦୂରତାର ଜଳ ଅବବାହିକା ଅଞ୍ଚଳରେ ମେଟ୍ରୋ ରେଳ ପ୍ରକଳ୍ପ ନିର୍ମାଣ କରାଯିବା ଲାଗି ବ୍ୟବସ୍ଥା ସୁନିଶ୍ଚିତ କରାଯାଇଛି। ମେଟ୍ରୋ ଷ୍ଟେସନର ଦୁଇ ପକ୍ଷରେ ଥିବା ରାଜ୍ୟଗୁଡ଼ିକୁ ଫିଡର ସେବା ମାଧ୍ୟମରେ ଆବଶ୍ୟକ ଅନ୍ତିମ ମାଇଲ୍ ଯୋଗାଯୋଗ ପ୍ରଦାନ, ଅଣମୋଟର ଯାତାୟାତ ଭିତ୍ତିଭୂମି ଯେପରିକି ଚାଲିବା ଏବଂ ସାଇକଲ୍ ଚଳାଇବା ରାସ୍ତା ଏବଂ ପାରା ଟ୍ରାନ୍ସପୋର୍ଟ ସେବା ଆଦି ହାସଲ କରିବା ଲାଗି ପ୍ରକଳ୍ପ ରିପୋର୍ଟ ଦାଖଲ କରିବାର ଆବଶ୍ୟକତା ରହିଛି। ନୂଆ ମେଟ୍ରୋ ରେଳ ପ୍ରକଳ୍ପ ପାଇଁ ପ୍ରସ୍ତାବ ଦେଉଥିବା ରାଜ୍ୟଗୁଡ଼ିକ ପ୍ରକଳ୍ପ ରିପୋର୍ଟରେ ଏହିପରି ସେବା ପାଇଁ ପ୍ରସ୍ତାବ ଏବଂ ନିବେଶ ସମ୍ପର୍କରେ ଉଲ୍ଲେଖ କରିବାର ଆବଶ୍ୟକତା ରହିଛି। ଏହି ନୂଆ ମେଟ୍ରୋ ରେଳ ନୀତିରେ ନୂଆ ମେଟ୍ରୋ ରେଳ ପ୍ରସ୍ତାବଗୁଡ଼ିକୁ ବିସ୍ତୃତ ଭାବେ ଆକଳନ ଲାଗି ବ୍ୟବସ୍ଥା କରାଯାଇଛି ଏବଂ ଇନଷ୍ଟିଚ୍ୟୁଟ୍ ଅଫ୍ ଅର୍ବାନ୍ ଟ୍ରାନ୍ସପୋର୍ଟ ଏବଂ ଏହି ଦିଗରେ ଆବଶ୍ୟକ ପଡୁଥିବା ଅନ୍ୟାନ୍ୟ ଉତ୍କର୍ଷ କେନ୍ଦ୍ର ଭଳି ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ସଂସ୍ଥା ଦ୍ୱାରା ତୃତୀୟ ପକ୍ଷ ଅନୁଧ୍ୟାନର ବ୍ୟବସ୍ଥା ମଧ୍ୟ ରହିଛି। ଏହି ନୂଆ ନୀତିରେ ରାଜ୍ୟଗୁଡ଼ିକୁ ସ୍ଥାୟୀ ଯାତ୍ରୀ ଭଡ଼ା କର୍ତ୍ତୃପକ୍ଷ ଗଠନ ଏବଂ ଯାତ୍ରୀ ଭଡ଼ା ନିର୍ଦ୍ଧାରଣ ଓ ସଂଶୋଧନ ପାଇଁ ନୀତି-ନିୟମ ପ୍ରଣୟନ କରିବା ଲାଗି କ୍ଷମତା ଦିଆଯାଇଛି।

## ୪ବର୍ଷ ପାଇଁ ଶୁଭିବନି ପ୍ରସିଦ୍ଧ ବିଗ୍‌ବେନ୍ ଘଣ୍ଟିର ଶବ୍ଦ



**ଲଣ୍ଡନ :** ଶତାଧିକ ବର୍ଷ ଧରି ବ୍ରିଟିଶ ପାର୍ଲାମେଣ୍ଟ ପରିସରରେ ବାଜୁଥିବା ପ୍ରସିଦ୍ଧ ବିଗ୍‌ବେନ୍ ଘଣ୍ଟି ବିଶ୍ରାମ ନେବ ! ତେବେ ସବୁଦିନ ପାଇଁ ନୁହେଁ, ମାତ୍ର ୪ ବର୍ଷ ପାଇଁ। ଲଣ୍ଡନର ବିଗ୍‌ବେନ୍ କ୍ଲକ୍ ଟାୱାରରେ ଥିବା ଏହି ୧୩.୭ ଟନ୍ ଓଜନ ବିଶିଷ୍ଟ ଘଣ୍ଟି ୧୫୭ ବର୍ଷ ହେଲା ନିରବଚ୍ଛିନ୍ନ ଭାବେ ବାଜି ଆସୁଅଛି। କେବଳ ସେତିକି ନୁହେଁ ନବବର୍ଷ ପାଳନ ଓ ବଡଦିନ ଭଳି ଉତ୍ସବ ଅବସରରେ ଏହା ସ୍ୱତନ୍ତ୍ର ଭାବେ ବାଜିଥାଏ। ସୂଚନାନୁଯାୟୀ, ବିଗ୍‌ବେନ୍ ଟାୱାରର ମରାମତି ଓ ପୁନରୁଦ୍ଧାର କାର୍ଯ୍ୟ ପାଇଁ ଘଣ୍ଟିର ସଂଯୋଗ ବିଚ୍ଛିନ୍ନ କରାଯିବ। ଏହି ପୁନରୁଦ୍ଧାର କାର୍ଯ୍ୟ ୪ ବର୍ଷ ପର୍ଯ୍ୟନ୍ତ ଚାଲିବ ବୋଲି ସୂଚନା ଦେଇଛନ୍ତି ବିରାଟକାୟ ବିଗ୍‌ବେନ୍ ଘଣ୍ଟା ଓ ଘଣ୍ଟି ଖଞ୍ଜା ଯାଇଥିବା ଏଲିଜାବେଥ୍ ଟାୱାରର ତତ୍ତ୍ୱାବଧାରକ ଷ୍ଟିଭ ଜାଗ୍ସ। ଟାୱାର ଓ ଘଣ୍ଟା ଇତ୍ୟାଦିକୁ ଦୀର୍ଘସ୍ଥାୟୀ ରଖିବା ପାଇଁ ମରାମତି ଅପରିହାର୍ଯ୍ୟ ବୋଲି ଷ୍ଟିଭ କହିଛନ୍ତି। ଥେମ୍‌ସ ନଦୀ କୂଳସ୍ଥ ୱେଷ୍ଟ ମିନିଷ୍ଟର ପ୍ରାସାଦ ଓ ବ୍ରିଟିଶ ପାର୍ଲାମେଣ୍ଟକୁ ଲାଗି ରହିଥିବା ବିଗ୍‌ବେନ୍ ଘଣ୍ଟା ଏକ ବିଶ୍ୱ ଐତିହ୍ୟ ସ୍ଥଳୀ ଭାବେ ପରିଚିତ ଓ ପର୍ଯ୍ୟଟକଙ୍କ ପାଇଁ ଆକର୍ଷଣର କେନ୍ଦ୍ର। ଏଲିଜାବେଥ ଟାୱାରର ଉଚ୍ଚତା ୯୬ ମିଟର। ଏଥିରେ ଖଞ୍ଜା ଯାଇଛି ବୃହଦକାର ଘଣ୍ଟା। ଏହାର ଫ୍ରେମ୍ କାଷ୍ଟ ଲୁହାରେ ନିର୍ମିତ। ସମୟ ସହ ତାଳ ଦେଇ ପ୍ରତି ଘଣ୍ଟାକୁ ଘଣ୍ଟା ବାଜେ ବିଗ୍‌ବେନ୍ ଘଣ୍ଟି। ଦେଶରେ ଏହି ଟାୱାର ସହ ଘଣ୍ଟା ଓ ଘଣ୍ଟିର ସର୍ବାଧିକ ଚିତ୍ର ଉତ୍ତୋଳିତ ହୋଇଛି ଓ ଏହା ସାରା ବିଶ୍ୱରେ ପରିଚିତ।

### ବେଣୀ କଟା ଆତଙ୍କ

## ହେଲମେଟ୍ ପିନ୍ଧି ଶୋଉଛନ୍ତି ମହିଳା



**ନୂଆଦିଲ୍ଲୀ :** ଦିଲ୍ଲୀର ଜାତୀୟ ରାଜଧାନୀ କ୍ଷେତ୍ରରେ ବେଶ୍ କିଛି ଦିନ ଧରି ମହିଳାଙ୍କ ବେଣୀ କାଟୁଥିବା ଦୁର୍ବୃତ୍ତ ସକ୍ରିୟ ହେବା ସହ ଏହା କ୍ରମଶଃ ଆତଙ୍କରେ ପରିଣତ ହେବାରେ ଲାଗିଛି। ଏହି ଘଟଣାକୁ ନେଇ ସମଗ୍ର ଏନସିଆର କ୍ଷେତ୍ରରେ ଅଦ୍ୟାବଧି ୮ରୁ ଉର୍ଦ୍ଧ୍ୱ ମାମଲା ରୁଜୁ ହୋଇଥିଲେ ମଧ୍ୟ ଏ ସମ୍ପର୍କରେ କୌଣସି ସୁରାକ ପୁଲିସକୁ ମିଳିନାହିଁ। ସମ୍ପ୍ରତି ଦିଲ୍ଲୀ ପୁଲିସ ପକ୍ଷରୁ ଏହି ରହସ୍ୟର ସମାଧାନ କରିବା ନିମନ୍ତେ ଘରୋଇ ଗୁଇନ୍ଦା ଓ ଖବରଦାତାଙ୍କୁ ନିୟୋଜିତ କରାଯାଇଛି ବୋଲି ସୂଚନା ଦିଆଯାଇଥିଲେ ମଧ୍ୟ ଦୁର୍ବୃତ୍ତ ଏନସିଆରର ବିଭିନ୍ନ ସ୍ଥାନରେ ମହିଳାଙ୍କୁ ତା’ର ଶିକାର କରୁଛି। ସାଧାରଣତଃ ବେଣୀ କାଟୁଥିବା ମହିଳାମାନେ ଶୋଇଥିବାବେଳେ ଏଭଳି ଘଟଣା ଘଟୁଥିବା ପ୍ରାରମ୍ଭିକ ତଦନ୍ତରୁ ଜଣାପଡୁଥିଲେ ମଧ୍ୟ ଦିନରେ ମଧ୍ୟ ଶୋଇଥିବା କେତେକ ମହିଳାଙ୍କ ବେଣୀ କାଟିଥିବା ଅଭିଯୋଗ ପୁଲିସ ପାଇଁ ଆହ୍ୱାନରେ ପରିଣତ ହୋଇଛି। ପରିସ୍ଥିତି ଏପରି ହୋଇଛି ଯେ, କେତେକ ଅଞ୍ଚଳର ମହିଳା ରାତ୍ରିରେ ନିଜ ବେଣୀର ସୁରକ୍ଷା ପାଇଁ ହେଲମେଟ ପିନ୍ଧି ଶୋଇବା ଉଚିତ ମଣୁଛନ୍ତି।


## ମିଳିଲା ଜୀବ ସୃଷ୍ଟିର ରହସ୍ୟ

**ନୂଆଦିଲ୍ଲୀ :** ପୃଥିବୀରେ ଜୀବଜଗତ କିଭଳି ସୃଷ୍ଟିହେଲା, ତାହା ଅନେକ ଦିନରୁ ରହସ୍ୟମୟ ହୋଇ ରହିଛି। ପୃଥିବୀରେ ପ୍ରଥମେ କେଉଁ ଜୀବର ଆବିର୍ଭାବ ଘଟିଲା ଓ କିଭଳି ଘଟିଲା, ସେନେଇ ଅନେକ ଦିନରୁ ବୈଜ୍ଞାନିକମାନେ ଗବେଷଣା ଜାରି ରଖିଛନ୍ତି। ଏଭଳି ଗବେଷଣା ଦ୍ୱାରା ଅଷ୍ଟ୍ରେଲିଆର ନ୍ୟାସନାଲ ୟୁନିଭରସିଟିର ଗବେଷକଙ୍କୁ ଏକ ବଡ଼ ସଫଳତା ମିଳିଛି ବୋଲି ସେମାନେ ଦାବି କରିଛନ୍ତି। ମିଳିଥିବା ତଥ୍ୟ ଅନୁଯାୟୀ ପ୍ରଥମେ ଏକ ଶୈବାଳର ଆବିର୍ଭାବ ଘଟିଥିଲା। ଅଷ୍ଟ୍ରେଲିଆରୁ ମିଳିଥିବା ଏକ ଅବକ୍ଷିପ୍ତ ଶିଳାରୁ ଏହି ଶୈବାଳ ସମ୍ପର୍କରେ ସୂଚନା ମିଳିଛି। ଗବେଷଣାରୁ ଜଣାପଡ଼ିଛି, ୬୫ କୋଟି ବର୍ଷ ପୂର୍ବରୁ ଜୀବସତ୍ତାର ଆରମ୍ଭ ଏହି ଶୈବାଳ ପ୍ରଜାତିରୁ ଆରମ୍ଭ ହୋଇଥିଲା। ଏହି ବିଶ୍ୱବିଦ୍ୟାଳୟର ଆସୋସିଏଟ୍ ପ୍ରଫେସର ଜୋଶେନ୍ ବ୍ରୋକ୍ସଙ୍କ କହିବା ଅନୁଯାୟୀ ସେ ପାଇଥିବା ଶିଳାଖଣ୍ଡକୁ ଭାଙ୍ଗି ଗୁଣ୍ଡ କରିଥିଲେ। ସେହି ଗୁଣ୍ଡରୁ ଏହି ଶୈବାଳର ଜୀବାଶ୍ମ ସମ୍ପର୍କରେ ସୂଚନା ମିଳିଛି। ଏ ସମ୍ପର୍କରେ ବିସ୍ତୃତ ବିବରଣୀ ‘ନେଚର୍’ ଜର୍ଣ୍ଣାଲରେ ପ୍ରକାଶ ପାଇଛି। ଏଥିରେ ଉଲ୍ଲେଖ ରହିଛି ଯେ, ଏହି ଶୈବାଳର ବିକାଶ ପଛରେ ପରିବେଶଗତ ବିବର୍ତ୍ତନ ପ୍ରକ୍ରିୟାର ଭୂମିକା ରହିଛି। ଯଦି ଏହି ଶୈବାଳ ଜନ୍ମ ହୋଇନଥାଆନ୍ତା, ତେବେ ପ୍ରାଣୀ ବା ମଣିଷର ଅସ୍ତିତ୍ୱ ନଥା’ନ୍ତା। ତେବେ ଏହି ଶୈବାଳ ସୃଷ୍ଟି ହେବାର ୫ କୋଟି ବର୍ଷ ପୂର୍ବରୁ ପୃଥିବୀ ଏକ ହିମମଣ୍ଡଳ ଥିଲା। ପରେ ବିଶ୍ୱ ତାପନ ଯୋଗୁ ତାପମାତ୍ରା ବୃଦ୍ଧି ପାଇଲା ଏବଂ ଏହାର ପ୍ରଭାବରେ ହିମଖଣ୍ଡଗୁଡ଼ିକ ତରଳି ସମୁଦ୍ରରେ ରୂପାନ୍ତରିତ ହେଲା।

## ୭ ମାସରେ ୫୮୦ ଚାଷୀଙ୍କ ଆତ୍ମହତ୍ୟା

**ମୁମ୍ବାଇ :** ମହାରାଷ୍ଟ୍ରରେ ଏବେ ବି ଜାରି ରହିଛି ଚାଷୀଙ୍କ ଆତ୍ମହତ୍ୟା। ଦିନକୁ ଦିନ ଏହି ସଂଖ୍ୟା ବଢ଼ିବାରେ ଲାଗିଛି। ଏହାକୁ ରୋକିବାରେ ରାଜ୍ୟ ସରକାର ବିଫଳ ହୋଇଥିବା ଅନୁମାନ କରାଯାଉଛି। ସୂଚନାଥାଉ କି ଔରଙ୍ଗାବାଦର ବିଭାଗୀୟ କମିଶନରଙ୍କ ରିପୋର୍ଟ ମୁତାବକ, ଚଳିତ ବର୍ଷ ବର୍ତ୍ତମାନ ସୁଦ୍ଧା ରାଜ୍ୟର କେବଳ ମରାଠାୱାଡାରେ ହିଁ ୫୮୦ ଜଣ ଚାଷୀ ଆତ୍ମହତ୍ୟା କରିଛନ୍ତି। ଏହାମଧ୍ୟରୁ ଔରଙ୍ଗାବାଦରେ ୭୯ ଜଣ, ଜାଲନାରେ ୫୩, ପରଭଣିରେ ୭୩, ହିଙ୍ଗୋଲିରେ ୩୩, ନାନ୍ଦେଡରେ ୯୩, ବିଡ଼ରେ ୧୧୫, ଲାତୁରରେ ୫୬ ଓ ଓସ୍ମାନାବାଦରେ ୭୮ ଜଣ ଚାଷୀ ଆତ୍ମହତ୍ୟା କରିଛନ୍ତି। ରିପୋର୍ଟ ଅନୁଯାୟୀ, ମରୁଡ଼ିଗ୍ରସ୍ତ ମରାଠାୱାଡାରେ ପ୍ରତିଦିନ ହାରାହାରି ଦୁଇରୁ ତିନି ଜଣ ଚାଷୀ ଆତ୍ମହତ୍ୟା କରୁଛନ୍ତି। ତେବେ ରିପୋର୍ଟରେ ଚାଷୀଙ୍କ ଆତ୍ମହତ୍ୟାର କାରଣ ସ୍ପଷ୍ଟ ରୂପେ ଉଲ୍ଲେଖ କରାଯାଇ ନାହିଁ। କିନ୍ତୁ ଆତ୍ମହତ୍ୟା ପରେ କ୍ଷତିପୂରଣ ପାଇଁ ଯୋଗ୍ୟ ଓ ଅଯୋଗ୍ୟଙ୍କ ତାଲିକା ଜାରି କରାଯାଇଛି। ଆତ୍ମହତ୍ୟା କରିଥିବା ୫୮୦ ଚାଷୀଙ୍କ ମଧ୍ୟରୁ ୪୦୦ ଜଣଙ୍କୁ କ୍ଷତିପୂରଣ ପାଇଁ ଯୋଗ୍ୟ ଦର୍ଶାଯାଇଥିବା ବେଳେ ୧୦୦ ଜଣଙ୍କୁ ଅଯୋଗ୍ୟ ଦର୍ଶାଯାଇଛି। ସେହିପରି ୮୦ଟି ମାମଲାର ଯାଞ୍ଚ ଜାରି ରହିଛି। ମରାଠାୱାଡାରେ ଚଳିତ ବର୍ଷ ଖୁବ୍ କମ୍ ବର୍ଷା ହୋଇଥିବା ବେଳେ ଚାଷୀମାନଙ୍କ ପ୍ରଥମ ଫସଲବୁଣା ଏହାଯୋଗୁ ନଷ୍ଟ ହୋଇଛି। ମରାଠାୱାଡା ଗତ ୫ ବର୍ଷ ହେବ ମରୁଡ଼ିଗ୍ରସ୍ତ ଥିବା ବେଳେ ବର୍ତ୍ତମାନ ସୁଦ୍ଧା ରାଜ୍ୟ ସରକାର ଏଠାରେ ଜଳସେଚନର କୌଣସି ବୈକଳ୍ପିକ ବ୍ୟବସ୍ଥା କରିନାହାନ୍ତି।

## ସେନାରେ ସାମିଲ ହେବ ଆପାଚି ହେଲିକପ୍ଟର



**ନୂଆଦିଲ୍ଲୀ :** ଏଣିକି ଶତ୍ରୁପକ୍ଷ ଉପରେ ଆକ୍ରମଣ କରିବାକୁ ସ୍ଥଳସେନା ନିଜସ୍ୱ ହେଲିକପ୍ଟର ଉପଯୋଗ କରିବ। ଶତ୍ରୁପକ୍ଷ ଉପରେ ଆକାଶ ମାର୍ଗରୁ ଆକ୍ରମଣ ପାଇଁ ସ୍ଥଳସେନା ଏବେ ବାୟୁସେନାର ସହାୟତା ନେଉଛି। ଏହି ସମୟ ଖୁବ୍‌ଶୀଘ୍ର ଅପସରି ଯିବ। ଶତ୍ରୁପକ୍ଷ ଉପରେ ଆକାଶ ମାର୍ଗରୁ ଆକ୍ରମଣ ପାଇଁ ସ୍ଥଳସେନାରେ ଲଢୁଆ ହେଲିକପ୍ଟର ସାମିଲ କରାଯିବ। ଏଥିପାଇଁ ପ୍ରତିରକ୍ଷା ଅନୁମୋଦନ ପରିଷଦ (ଡିଏସି) ପ୍ରସ୍ତାବ ଅନୁମୋଦନ କରିଛି। ପ୍ରସ୍ତାବ ଅନୁଯାୟୀ ସ୍ଥଳସେନା ପାଇଁ ଆମେରିକାରୁ ୬ଟି ଆପାଚି ଏଏଚ-୬୪ଇ ହେଲିକପ୍ଟର କିଣାହେବ। ଏହି ହେଲିକପ୍ଟରର ଦାମ ହେଉଛି ୪୧୬୮ କୋଟି ଟଙ୍କା। ଆପାଚି ଏଏଚ୍-୬୪ ହେଉଛି ୪ଟି ବ୍ଲେଡ ବିଶିଷ୍ଟ ଟୁଇନ ଟର୍ବୋସାଫ୍ଟ ହେଲିକପ୍ଟର। ଏହାର ଏକ କକପିଟ୍ ରହିଛି। ଏହି କକ୍‌ପିଟରେ ଦୁଇଜଣ କର୍ମଚାରୀ ବସିପାରିବେ। ଆକାଶରେ ଥାଇ ଏହା ଶତ୍ରୁପକ୍ଷର ଗତିବିଧିକୁ ନିରୀକ୍ଷଣ କରିପାରିବ। ଏହା ଯେକୌଣସି ପାଗ ଓ ରାତିରେ ଶତ୍ରୁର ଗତିବିଧିକୁ ଠାବ କରିବା ସହ ଆକ୍ରମଣ କରିପାରିବ। ଏଥିରେ ହେଲଫାୟାର କ୍ଷେପଣାସ୍ତ୍ର ଖଞ୍ଜାଯାଇଛି। ଏହା ଗୋଟିଏ ମିନିଟ୍‌ରେ ୧୨୮ ସ୍ଥାନକୁ ନିଶାଣ କରିପାରିବ। ଏହା ବିଶ୍ୱର ସବୁଠାରୁ ମାରାତ୍ମକ ହେଲିକପ୍ଟର ଭାବେ ପରିଚିତ। ଗ୍ରୀସ, ଜାପାନ, ଇସ୍ରାଏଲ, ନେଦରଲ୍ୟାଣ୍ଡ, ସିଙ୍ଗପୁର ଓ ୟୁଏଇ ଭଳି ଦେଶର ହେଲିକପ୍ଟର ଠାରୁ ଏହା ଅଧିକ ଦକ୍ଷ। ୨୦୧୩ରେ ସୁରକ୍ଷା ସମ୍ପର୍କିତ କ୍ୟାବିନେଟ୍ କମିଟି (ସିସିଏସ) ୨୨ଟି ଆପାଚି ହେଲିକପ୍ଟର ଓ ୧୫ଟି ଚିନୁକ ହେଲିକପ୍ଟର କିଣିବାକୁ ଅନୁମୋଦନ କରିଥିଲା। ତେବେ ଏହି ପ୍ରକ୍ରିୟା ପଡିରହିଥିବା ବେଳେ ଗତବର୍ଷ ସେପ୍ଟେମ୍ବରରେ ଏହାକୁ କାର୍ଯ୍ୟକାରୀ କରିଥିଲା। ବିଗତ ୧୦ ବର୍ଷ ମଧ୍ୟରେ ଆମେରିକାର ବିଭିନ୍ନ କମ୍ପାନୀ ଭାରତ ଠାରୁ ୧୦୦୦ କୋଟି ଡଲାର ପ୍ରତିରକ୍ଷା ଟେଣ୍ଡର ହାତେଇଥିଲା। ଏହା ମଧ୍ୟରେ ରହିଥିଲା ପି-୮ଆଇ ସମୁଦ୍ର ତଦାରଖକାରୀ ବିମାନ, ସି-୧୩୦ଜେ ସୁପର ହର୍କୁଲେସ ଓ ସି-୧୭ ଗ୍ଲୋବମାଷ୍ଟର ୩ ପରିବହନକାରୀ ହେଲିକପ୍ଟର। ପ୍ରତିରକ୍ଷା ମନ୍ତ୍ରୀ ଅରୁଣ ଜେଟଲୀଙ୍କ ନେତୃତ୍ୱ ଡିଏସିର ଅନୁମୋଦନ ଅନୁଯାୟୀ ୟୁକ୍ରେନର ଦୁଇସେଟ୍ ଗ୍ୟାସ ଟର୍ବାଇନ କିଣାଯିବ।

## ବିଦେଶକୁ ଲମ୍ବିଛି ରେହମାନର ଡେର

**ନୂଆଦିଲ୍ଲୀ :** ଓଡ଼ିଶାରୁ ଗିରଫ ହୋଇଥିବା ଆତଙ୍କବାଦୀ ସଂଗଠନ ଅଲକାଏଦାର ସଦସ୍ୟ ଅବଦୁର ରେହମାନର ଜଣେ ସହଯୋଗୀକୁ ଦିଲ୍ଲୀ ସ୍ପେଶାଲ ସେଲ୍ ଦୁବାଇରୁ ଗିରଫ କରିଛି। ଏହି ଆତଙ୍କବାଦୀର ନାଁ ସୟିଦ ମହମ୍ମଦ ଜିସାନ ଓ ତା ନାଁରେ ୨୦୧୫ରୁ ଜାମିନ ବିହୀନ ଗିରଫ ପରୱାନା (ଏନ୍‌ବିଡବ୍ଲ୍ୟୁ) ଥିଲା। ରେହମାନ ଆତଙ୍କବାଦୀ ଲାଗି ପିଲାଙ୍କୁ ତାଲିମ ଦେଉଥିବାବେଳେ ଜିସାନ ଉତ୍ତେଜକ ଭାଷଣ ଜରିଆରେ ଭାରତୀୟ ଯୁବକଙ୍କୁ ଉଗ୍ରବାଦୀ ହେବାକୁ ପ୍ରବର୍ତ୍ତାଉଥିଲା ବୋଲି ସ୍ପେଶାଲ ସେଲ୍‌ର ଜଣେ ଅଧିକାରୀ କହିଛନ୍ତି। ଜିସାନକୁ ପୁଲିସ ଭାରତ ଆଣିବା ପରେ କୋର୍ଟ ତାକୁ ସୋମବାର ୧୪ ଦିନ ଲାଗି ପୁଲିସ ହେପାଜତ (ରିମାଣ୍ଡ)ରେ ଛାଡିଛନ୍ତି। ଜିସାନକୁ ବିଭିନ୍ନ ରାଜ୍ୟକୁ ନେଇ ସ୍ପେଶାଲ ପୁଲିସ ଅନୁସନ୍ଧାନ ସହ ଜେରା କରିବ। ପ୍ରକାଶଥାଉକି, ପୂର୍ବରୁ ଓଡ଼ିଶାରୁ ଧରାପଡ଼ିଥିବା ଅବଦୁର ରେହମାନ ମାମଲାରେ ପୁଲିସକୁ ଜିସାନ ସମ୍ପର୍କରେ ସୂଚନା ମିଳିଥିଲା। ଏହି ମାମଲାରେ ପୂର୍ବରୁ ମହମ୍ମଦ ଆସିଫ, ଜାଫର ମାସୁଦ, ମହମ୍ମଦ ଅବଦୁର ରେହମାନ ଓ ଅବଦୁଲ ସାମି ଗିରଫ ହୋଇଥିବାବେଳେ ଜିସାନ ପଞ୍ଚମ ଅଭିଯୁକ୍ତ। ସେହିପରି ଅନ୍ୟତମ ଉଗ୍ରବାଦୀ ରାଜା ଓଲ୍ ଅହମଦ୍(୨୫)କୁ ମଧ୍ୟ ଦିଲ୍ଲୀ ସ୍ପେଶାଲ ସେଲ୍ ଗିରଫ କରି କଲକାତା ପୁଲିସକୁ ହସ୍ତାନ୍ତର କରିଛି। ଅହମ୍ମଦ ବାଂଲାଦେଶର ‘ଅନସୁଲ୍ଲା ବାଂଲା ଟିମ୍’ ନାମକ ଏକ ଆତଙ୍କବାଦୀ ସଂଗଠନର ସକ୍ରିୟ ସଦସ୍ୟ। ପଶ୍ଚିମବଙ୍ଗରେ ଜାଲ ନୋଟ୍ କାରବାରର ସେ ମୁଖ୍ୟ ସୂତ୍ରଧର। ଅନସୁଲ୍ଲା ବାଂଲା ଟିମ୍ ସଂଗଠନ ହେଉଛି ଅଲ୍ କାଏଦାର ସହଯୋଗୀ ସଂଗଠନ ଓ ଭାରତୀୟ ନକଲି ମୁଦ୍ରା ବାଂଲାଦେଶରେ ଛାପି ଭାରତୀୟ ବଜାରରେ ଏହାକୁ ଚଳାଇବା ତା’ର ମୁଖ୍ୟ କାର୍ଯ୍ୟ ବୋଲି ପୁଲିସ ସୂଚନା ଦେଇଛି। ସ୍ୱାଧୀନତା ଦିବସ ଅବସରରେ ଦିଲ୍ଲୀରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି ଥିବାବେଳେ ଏହି ସମୟରେ ଦୁଇ ପ୍ରମୁଖ ଆତଙ୍କବାଦୀକୁ ଗିରଫ କରିବାରେ ଦିଲ୍ଲୀ ସ୍ପେଶାଲ ସେଲ୍ ସଫଳ ହୋଇଛି।

## ‘ପ୍ରଗତି’ ସମାବେଶ ଆୟୋଜନ ଯୋଜନା

# ସାଧାରଣ ଲୋକଙ୍କ ଗୁହାରି ଶୁଣିବେ ନବୀନ

**ଭୁବନେଶ୍ୱର :** ଜିଲ୍ଲା ପରିଷଦ ନିର୍ବାଚନରେ ଦଳର କ୍ଷମତା ଓ ଶକ୍ତି ଆକଳନ କରିବା ପରେ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସଙ୍ଗଠନ ସୁଦୃଢ଼ ପାଇଁ ପୂରା ଦମ୍ ଲଗାଇ ଦେଇଛନ୍ତି । ନିୟମିତ ବ୍ୟବଧାନରେ ସାଙ୍ଗଠନିକ ସ୍ଥିତିର ସମୀକ୍ଷା, ଯୁବ-ଛାତ୍ର ସଙ୍ଗଠନର ପୁନର୍ବିନ୍ୟାସ ସହ ସରକାରୀସ୍ତରରେ ବିଭିନ୍ନ ଲୋକପ୍ରିୟ ଯୋଜନାକୁ ହାତକୁ ନିଆଯାଇଛି । ତୃଣମୂଳସ୍ତରରୁ ଦଳକୁ ଶକ୍ତିଶାଳୀ କରିବା ନିମନ୍ତେ ବିଭିନ୍ନ ଜିଲାର ପର୍ଯ୍ୟବେକ୍ଷକଙ୍କ ସହ ଆଲୋଚନା ପରେ ରାଜଧାନୀରେ ‘ପ୍ରଗତି’ ସମାବେଶ ଆୟୋଜନ ନିମନ୍ତେ ଯୋଜନା ହୋଇଛି । ସେହିପରି ବିଭିନ୍ନ ଅଞ୍ଚଳରେ ଗ୍ରାମସଭାଗୁଡ଼ିକରେ ମୁଖ୍ୟମନ୍ତ୍ରୀ ନିଜେ ଯୋଗ ଦେଇ ସାଧାରଣ ଲୋକଙ୍କ ଗୁହାରି ଶୁଣିବେ ବୋଲି ମଧ୍ୟ ଏକ ଯୋଜନା ହୋଇଛି । ଏହାବ୍ୟତୀତ ୨୨ତାରିଖରେ ସମବାୟ ପ୍ରସ୍ତୁତି ସମ୍ମିଳନୀ ମଧ୍ୟ ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି । ୨୦୦୦ ମସିହାରୁ ରାଜ୍ୟରେ କ୍ଷମତାରେ ଥିଲେ ମଧ୍ୟ ୨୦୦୯ ପରେ ବିଜେଡି ସଙ୍ଗଠନକୁ ଦୃଢ଼ୀକରଣ କରିବାକୁ ଆରମ୍ଭ କରିଥିଲା ଯୋଜନା । ଯେଉଁଥିପାଇଁ ବିଜେପି ହାତ ଛାଡ଼ିବା ପରେ ମଧ୍ୟ ବିଜେଡି ନିରଙ୍କୁଶ ସଂଖ୍ୟା ଗରିଷ୍ଠତା ହାସଲ କରିବାକୁ ସକ୍ଷମ ହୋଇଥିଲା । ୨୦୧୪ ନିର୍ବାଚନରେ ନବୀନଙ୍କ ଭାବମୂର୍ତ୍ତି ଓ କର୍ମୀଙ୍କ ନିଷ୍ଠା ଦଳକୁ ୧୧୭ ଆସନରେ ବିଜୟୀ କରାଇଥିଲା । ମାତ୍ର ୨୦୧୭ ଜିଲା ପରିଷଦ ନିର୍ବାଚନରେ ଦଳର ସାଙ୍ଗଠନିକ ସ୍ଥିତିର ବାସ୍ତବ ଆକଳନ ହୋଇଛି । ମୁଖ୍ୟମନ୍ତ୍ରୀ ନିର୍ବାଚନ ପ୍ରଚାରକୁ ନ ଯାଇ ଫଳାଫଳକୁ ଅନୁଧ୍ୟାନ କରିଛନ୍ତି । ୨୦୧୪ ବିଧାନସଭା ଭୋଟ ତୁଳନାରେ ଦଳର ଭୋଟ ହାର ୨୦୧୭ ଜିଲାପରିଷଦ ନିର୍ବାଚନରେ ୩% ହ୍ରାସ ପାଇଥିବା ଏଥିରୁ ସ୍ପଷ୍ଟ ହୋଇଛି । ଏହାପରେ ନିଜେ ନବୀନ ଦଳୀୟ ସଙ୍ଗଠନକୁ ଦୃଢ଼ କରିବାକୁ ନେଇଛନ୍ତି ପଦକ୍ଷେପ । ଦଳୀୟ ନେତାମାନଙ୍କ ମଧ୍ୟରେ ବ୍ୟକ୍ତିଗତ ବିବାଦ ଅନେକ ସ୍ଥାନରେ ନିର୍ବାଚନକୁ ପ୍ରଭାବିତ କରିଥିବାରୁ ଲୋକଙ୍କ ସହ ଯୋଡ଼ି ହୋଇ ରହିବାକୁ ଦଳର ବିଧାୟକ ଓ ନେତାମାନଙ୍କୁ ପରାମର୍ଶ ଦେଇଛନ୍ତି ଏବଂ ସରକାରୀ ଯୋଜନାର କାର୍ଯ୍ୟାନ୍ୱୟନ ଉପରେ ଗୁରୁତ୍ୱ ଦେଇଛନ୍ତି । ଏପରିକି ଅନେକ ସମୟରେ ବ୍ୟକ୍ତିଗତ ଭାବରେ ତଳସ୍ତରର କର୍ମୀମାନଙ୍କ ସହ ବିଭିନ୍ନ ସମୟରେ ଆଲୋଚନା କରୁଛନ୍ତି । ଏହି କ୍ରମରେ ଖୁବ୍ ଶୀଘ୍ର ରାଜଧାନୀରେ ବିଜେଡିର ‘ପ୍ରଗତି’ ସମାବେଶ ଆୟୋଜନ ହେବ । ଏଥିରେ ତୃଣମୂଳସ୍ତରର କର୍ମୀମାନଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ବୋଧନ ଦେବେ । ରାଜ୍ୟ ସରକାରଙ୍କ ସଫଳତା ଓ ଗରିବ ଲୋକମାନଙ୍କ ପାଇଁ କରାଯାଉଥିବା ଯୋଜନାକୁ ସେମାନଙ୍କ ନିକଟରେ ପହଞ୍ଚାଇବାକୁ ମନ୍ତ୍ର ଫୁଙ୍କିବେ ନବୀନ । ସେହିପରି ଗ୍ରାମାଞ୍ଚଳରେ ବିଭିନ୍ନ ଗ୍ରାମସଭାଗୁଡ଼ିକରେ ନିଜେ ମୁଖ୍ୟମନ୍ତ୍ରୀ ଯୋଗ ଦେବେ ଓ ସାଧାରଣ ଲୋକଙ୍କ ସମସ୍ୟା ଶୁଣିବେ । ପୂର୍ବରୁ ମୁଖ୍ୟମନ୍ତ୍ରୀ ବ୍ଲକ୍‌ସ୍ତରରେ ପିସି ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି, ଏହା କିଛି ପରିମାଣରେ ଲୋକଙ୍କୁ ପ୍ରଭାବିତ କରିଛି । ସାଧାରଣ ଲୋକଙ୍କ ସହ ମୁଖ୍ୟମନ୍ତ୍ରୀ ସିଧାସଳଖ ଆଲୋଚନା କଲେ ଏହା ପ୍ରଶାସନିକସ୍ତରରେ ପରିବର୍ତ୍ତନରେ ସହାୟକ ହେବ ଏବଂ ଦୁର୍ନୀତି କରିବାକୁ ଅଧିକାରୀମାନେ ଭୟ କରିବେ ବୋଲି ମନେ କରାଯାଉଛି । ଗଞ୍ଜାମ ଜିଲାରୁ ଏହି କାର୍ଯ୍ୟକ୍ରମ ଆରମ୍ଭ ହେବା ନେଇ ପ୍ରାଥମିକ ସୂଚୀ ପ୍ରସ୍ତୁତ ହୋଇଛି । ଅପରପକ୍ଷରେ ଆସନ୍ତା ୨୨ ତାରିଖରେ ଦଳୀୟ କାର୍ଯ୍ୟାଳୟରେ ରାଜ୍ୟସ୍ତରୀୟ ସମବାୟ ପ୍ରସ୍ତୁତି ସମ୍ମିଳନୀ ଆହ୍ୱାନ କରାଯାଇଛି । ମୁଖ୍ୟମନ୍ତ୍ରୀ ଏହି ସମ୍ମିଳନୀକୁ ଉଦ୍‌ଘାଟନ କରିବେ । ଏଥିରେ ସମସ୍ତ ଶୀର୍ଷ ସମବାୟ ଅନୁଷ୍ଠାନର ନିର୍ବାଚିତ ସଭାପତି, ନିର୍ଦ୍ଦେଶକ, ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କମାନଙ୍କର ସଭାପତି ଓ ଜିଲା ବିଜେଡି ସଭାପତିଙ୍କ ସହିତ ଓଡ଼ିଶାର ସମବାୟ ଓ ଯୋଗାଣ, କୃଷି ଓ ପଶୁ ସଂପଦ ଏବଂ ହସ୍ତତନ୍ତ ଓ କୁଟୀର ଶିଳ୍ପ ମନ୍ତ୍ରୀ ବୃନ୍ଦ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ସମବାୟକୁ ଓଡ଼ିଶାରେ କିଭଳି ବ୍ୟାପକ ଲୋକାଭିମୁଖୀ କରାଯାଇପାରିବ ଓ ଏଥିରେ ସମାଜର ତଳସ୍ତରରେ ଥିବା କ୍ଷୁଦ୍ର ଚାଷୀ, ଶ୍ରମଜୀବୀ, ବୁଣାକାର, ମତ୍ସ୍ୟଜୀବୀ, ଅନୁସୂଚିତ ଜାତି ଓ ଜନଜାତି ଏବଂ ବିଶେଷକରି ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନେ କିଭଳି ଅଧିକ ଆତ୍ମନିର୍ଭରଶୀଳ ହେବେ ସେଥିପାଇଁ ଦଳ ତରଫରୁ ବ୍ୟାପକ କାର୍ଯ୍ୟକ୍ରମ ଗ୍ରହଣ କରାଯିବ । ମୋଟାମୋଟି ଦେଖିଲେ ବିଜୁ ଜନତା ଦଳ ନିର୍ବାଚନ ପାଇଁ ପ୍ରସ୍ତୁତି ଆରମ୍ଭ କରି ଦେଇଛି । କେନ୍ଦ୍ର ସରକାର ଆଗୁଆ ନିର୍ବାଚନ ପାଇଁ ଆଗ୍ରହ ପ୍ରକାଶ କରିଥିବାରୁ ଯେ କୌଣସି ସମୟରେ ନିର୍ବାଚନ ହେଲେ ବି ବିଜେଡି ଯେପରି ନିଜର ସଫଳତା ଦୋହରାଇ ପାରିବ ତାକୁ ଦୃଷ୍ଟିରେ ରଖି ତୃଣମୂଳ ସଙ୍ଗଠନକୁ ସୁଦୃଢ଼ କରିବାକୁ ପଦକ୍ଷେପ ଗ୍ରହଣ କରାଯାଇଛି ।

## ବିଏମ୍‌ସି ୧୮ନମ୍ବର ୱାର୍ଡ଼ ନିର୍ବାଚନ

# ମାମଲା ଉପରେ ରହିତାଦେଶ

**କଟକ :** ଭୁବନେଶ୍ୱର ମହାନଗର ନିଗମର ୧୮ ନମ୍ବର ୱାର୍ଡ ନିର୍ବାଚନୀ ମାମଲାରେ ଜଣିକିଆ ଖଣ୍ଡପୀଠଙ୍କ ନିର୍ଦ୍ଦେଶ ଉପରେ ହାଇକୋର୍ଟ ଖଣ୍ଡପୀଠ ରହିତାଦେଶ ଜାରି କରିଛନ୍ତି । ଏଥିସହ ପ୍ରତିପକ୍ଷ ପୁନମ ପରିଡାଙ୍କୁ ଜବାବ ରଖିବା ପାଇଁ ଆଦେଶ ଦେଇଛନ୍ତି । ଆସନ୍ତା ୭ ତାରିଖରେ ଏହାର ପରବର୍ତ୍ତୀ ଶୁଣାଣି ପାଇଁ କୋର୍ଟ ଧାର୍ଯ୍ୟ କରିଛନ୍ତି । ନାମରେ ଅସଙ୍ଗତିକୁ ନେଇ ବିଏମସି-୧୮ ନମ୍ବର ୱାର୍ଡ ନିର୍ବାଚନ ଉପରେ ପୂର୍ବରୁ ହାଇକୋର୍ଟ ଅସିଦ୍ଧ ଘୋଷଣା କରିଥିଲେ । ଏଥିସହ ଗତ ମହାନଗର ନିଗମ ନିର୍ବାଚନରେ ୧୮ ନମ୍ବର ୱାର୍ଡରୁ ନିର୍ବାଚିତ ସୁକାନ୍ତି ସୁବୁଦ୍ଧିଙ୍କ ସଭ୍ୟ ପଦକୁ କୋର୍ଟ ରଦ୍ଦ କରିଥିଲେ । ସୁକାନ୍ତିଙ୍କ ନାମାଙ୍କନପତ୍ରରେ ତ୍ରୁଟି ଥିବା ଦର୍ଶାଇ ହାଇକୋର୍ଟ ସଭ୍ୟ ପଦକୁ ରଦ୍ଦ କରିଥିଲେ । ଗତ ନିର୍ବାଚନରେ ସୁକାନ୍ତିଙ୍କ ସାର୍ଟିଫିକେଟରେ ଗୋଟିଏ ନାମ ଥିବାବେଳେ ନାମାଙ୍କନ ପତ୍ରରେ ଅନ୍ୟ ନାମ ପୂରଣ କରିଥିଲେ । ଏଥିସହ ବାପାଙ୍କ ନାଁରେ ମଧ୍ୟ କୌଣସି ତାଳମେଳ ନଥିଲା । ପରାଜିତ ପ୍ରାର୍ଥିନୀ ପୁନମ ପରିଡା ଏହା ବିରୋଧରେ ଭୁବନେଶ୍ୱର ଜିଲ୍ଲା ଦୌରାଜଜଙ୍କ ଦ୍ୱାରସ୍ଥ ହୋଇଥିଲେ । ସେଠାରୁ ନିରାଶ ହେବା ପରେ ହାଇକୋର୍ଟରେ ସେ ମାମଲା ରୁଜୁ କରିଥିଲେ । ନାମାଙ୍କନପତ୍ରରେ ସୁକାନ୍ତିଙ୍କର ତ୍ରୁଟି ଥିବା ଦର୍ଶାଇ ୨୦୧୫ରେ ହାଇକୋର୍ଟରେ ରିଟ ପିଟିସନ ଦାଖଲ କରିଥିଲେ ପୁନମ । ମାମଲାରେ ହାଇକୋର୍ଟ ରାୟ ପ୍ରକାଶ କରି ସୁକାନ୍ତିଙ୍କ ସଭ୍ୟ ପଦକୁ ରଦ୍ଦ କରିଥିଲେ । ଜଣିକିଆ ଖଣ୍ଡପୀଠ ଦେଇଥିବା ନିର୍ଦ୍ଦେଶକୁ ଚାଲେଞ୍ଜ କରି ଦୁଇଜଣିଆ ଖଣ୍ଡପୀଠରେ ଶୁଣାଣି ପାଇଁ ସୁକାନ୍ତି ପକ୍ଷରୁ ଏକ ରିଟ ଅପିଲ ଦାଖଲ କରାଯାଇଥିଲା । ଆବେଦନକାରିଣୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ବିଦ୍ୟାଧର ମିଶ୍ର, ତରୁଣୀକାନ୍ତ ବିଶ୍ୱାଳ ଓ ପୁଷ୍ପରାଜ ଭରଦ୍ୱାଜ ମାମଲା ପରିଚାଳନା କରୁଛନ୍ତି ।

## ସ୍ୱାସ୍ଥ୍ୟ ବିଭାଗର ଲକିଂ ବ୍ୟବସ୍ଥା ଲାଗୁ

# ନିର୍ଦ୍ଦେଶ ନ ମାନିଲେ ଡାକ୍ତରଙ୍କ ବହିଷ୍କାର

**ଭୁବନେଶ୍ୱର :** ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବିଭିନ୍ନ ବର୍ଗର ଡାକ୍ତରମାନଙ୍କ ନିମନ୍ତେ ଏକ ବଦଳି ବିଜ୍ଞପ୍ତି ପ୍ରକାଶ ପାଇଛି । ଏଥିରେ ଯଦି କୌଣସି ଡାକ୍ତର ସରକାରଙ୍କ ବଦଳି ନିର୍ଦ୍ଦେଶନାମାକୁ ଅବମାନନା କରନ୍ତି ତେବେ ସଂପୃକ୍ତ ଡାକ୍ତରଙ୍କୁ ନିୟମ-୭ ଅନୁଯାୟୀ କାର୍ଯ୍ୟରୁ ବହିଷ୍କାର କରାଯିବ ବୋଲି ଏଥିରେ ସ୍ପଷ୍ଟ ଉଲ୍ଲେଖ ରହିଛି । ଡାକ୍ତରଙ୍କ ବଦଳିକୁ ଶୃଙ୍ଖଳିତ କରିବା ପାଇଁ ବିଭାଗ ପକ୍ଷରୁ ଗ୍ରୁପ୍-ଏ(ବରିଷ୍ଠ ପାହ୍ୟା) ଓ ଗ୍ରୁପ୍-ବି (କନିଷ୍ଠ ପାହ୍ୟା)ଭଳି ଦୁଇଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଛି । ଡାକ୍ତରଙ୍କ ବଦଳିକୁ ନୀତିଗତ ଭାବେ କାର୍ଯ୍ୟକାରୀ କରିବାପାଇଁ ବିଭାଗ ପକ୍ଷରୁ ଲକିଂ ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଇଛି । ଲକିଂ ଅନୁଯାୟୀ ଯଦି ଜଣେ କନିଷ୍ଠ ପାହ୍ୟା ଡାକ୍ତର ଭାବେ ୩ବର୍ଷ ଏବଂ ବରିଷ୍ଠ ପାହ୍ୟା ଡାକ୍ତର ଭାବେ ୨ ବର୍ଷ କାର୍ଯ୍ୟ କରନ୍ତି ତେବେ ତାଙ୍କର ୫ବର୍ଷର କାର୍ଯ୍ୟକାଳ ପୂରିବାମାତ୍ରେ ସେ ଆପଣା ଛାଏଁ ବିଭାଗକୁ ବଦଳି ହୋଇଯିବେ । ଯେପର୍ଯ୍ୟନ୍ତ ସରକାରଙ୍କ ପକ୍ଷରୁ ସଂପୃକ୍ତ ଡାକ୍ତରଙ୍କ ବଦଳି ନେଇ ସାନି ନିର୍ଦ୍ଦେଶନାମା ଆସିନାହିଁ ସେ ପର୍ଯ୍ୟନ୍ତ ଉକ୍ତ ଡାକ୍ତର କୌଣସିଠାରେ କାର୍ଯ୍ୟ କରିପାରିବେ ନାହିଁ । ଏହାବାଦ୍ ଗ୍ରୁପ୍-ଏ’ର ବରିଷ୍ଠ ଡାକ୍ତର ପଦ ପୂରଣ ନହେବା ପର୍ଯ୍ୟନ୍ତ ସେ ପର୍ଯ୍ୟନ୍ତ ଗ୍ରୁପ୍-ଏ’ର କନିଷ୍ଠ ଡାକ୍ତରଙ୍କ ବଦଳି ତାଲିକା ପ୍ରକାଶ ପାଇବ ନାହିଁ । ବିଶେଷକରି ଜନସାଧାରଣଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଡାକ୍ତରମାନଙ୍କ ବଦଳି କରାଯିବାକୁ ରହିଥିବାବେଳେ ଆଉ କେତେକ କ୍ଷେତ୍ରରେ ଡାକ୍ତରଙ୍କ ଆବେଦନ ଏବଂ ସେମାନଙ୍କ କାର୍ଯ୍ୟକାଳକୁ ବିଚାରକୁ ନିଆଯିବ । ଡାକ୍ତରଙ୍କ ଆବେଦନଗୁଡିକୁ ବିଚାରକୁ ନେବାବେଳେ ପତି-ପତ୍ନୀ, ଜଟିଳ ରୋଗକୁ ପ୍ରାଧାନ୍ୟ ଦିଆଯିବ । ତେବେ ଭିନ୍ନକ୍ଷମ ଓ ଜଟିଳ ରୋଗ ଥିବା ଡାକ୍ତରଙ୍କ କ୍ଷେତ୍ରରେ ମେଡିକାଲ ବୋର୍ଡର ପ୍ରମାଣକୁ ଗୁରୁତ୍ୱ ଦିଆଯିବ । ବିଜ୍ଞପ୍ତିରେ ରହିଛି ଯେ ପ୍ରତ୍ୟେକ ଡାକ୍ତର ଅତି କମ୍‌ରେ ୧୦ବର୍ଷ ଗ୍ରାମାଞ୍ଚଳ ଡାକ୍ତରଖାନାରେ କାର୍ଯ୍ୟ କରିବେ । ସେଥିରୁ ୩ବର୍ଷ କେବିକେ ଅଞ୍ଚଳରେ ଏବଂ ଆଉ ୩ବର୍ଷ ଅନ୍ୟାନ୍ୟ ଗ୍ରାମାଞ୍ଚଳରେ କାର୍ଯ୍ୟକରିଥିବେ । ତେବେ ବଦଳି ସମୟରେ ଡାକ୍ତରଙ୍କ କାର୍ଯ୍ୟକାଳକୁ ଅଧିକ ଗୁରୁତ୍ୱ ଦିଆଯିବ । ଯେଉଁ ଡାକ୍ତରମାନେ ସରକାରଙ୍କ ନୀତି ଅନୁଯାୟୀ ଗ୍ରାମାଞ୍ଚଳ ଓ କେବିକେରେ କାର୍ଯ୍ୟକାଳ ପୂରଣ କରି ନଥିବେ ସେକ୍ଷେତ୍ରରେ ପଦୋନ୍ନତି କ୍ଷେତ୍ରରେ ଅନ୍ତରାୟ ସୃଷ୍ଟି ହେବ । ପ୍ରତ୍ୟେକ ଡାକ୍ତରଙ୍କ ଆବେଦନ ସଂପୃକ୍ତ ମୁଖ୍ୟ ଚିକିତ୍ସା ଅଧିକାରୀ କିମ୍ବା ନିର୍ଦ୍ଦେଶାଳୟ ଜରିଆରେ ଆସିବ । ମାତ୍ର ବିଶେଷଜ୍ଞଙ୍କ କ୍ଷେତ୍ରରେ କେତେକ କୋହଳନୀତି ଆପଣା ଯିବ । ଯଦି କୌଣସି ଡାକ୍ତରଖାନାରେ ତାଙ୍କ ପଦ ଯୋଗ୍ୟତା ନେଇ ଖାଲି ଥିବ ସେ କ୍ଷେତ୍ରରେ ବିଶେଷଜ୍ଞମାନେ ଚୟନ କରି ସରକାରଙ୍କୁ ଅବଗତ କରାଇବେ । ରାଜ୍ୟରେ କେତେ ଡାକ୍ତର ପଦ ଖାଲି ରହିଛି ସେମାନଙ୍କ କାଉନସେଲିଂ ସମ୍ପର୍କରେ ୱେବ୍‌ସାଇଟରେ ତଥ୍ୟ ଉପଲବ୍ଧ ହେବ । କାଉନସେଲିଂରେ ଡାକ୍ତର ଯେଉଁ ସ୍ଥାନକୁ ପସନ୍ଦ କରିବେ ତାହାକୁ ବିଭାଗ ବିଚାରକୁ ନେଇ ଏକ ତାଲିକା ପ୍ରସ୍ତୁତ କରିବ । ଏହି କାଉନସେଲିଂ ବେଳେ ଯଦି କୌଣସି ଡାକ୍ତର ତାଙ୍କର ପସନ୍ଦ ସ୍ଥାନ ନବାଛନ୍ତି ତେବେ ତାଙ୍କୁ ପ୍ରକ୍ରିୟାରୁ ବାଦ୍ ଦିଆଯିବ ବୋଲି ବିଜ୍ଞପ୍ତିରୁ ପ୍ରକାଶ କରାଯାଇଛି ।

## ଛାତ୍ର ସଂସଦ ନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ

# ସେପ୍ଟେମ୍ବର ୨୩ରେ ନିର୍ବାଚନ

**ଭୁବନେଶ୍ୱର :** ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ରାଜ୍ୟ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟରେ ୨୦୧୭-୧୮ ଶିକ୍ଷାବର୍ଷରେ ଛାତ୍ର ସଂସଦ ନିର୍ବାଚନ କରିବା ପାଇଁ ଶୁକ୍ରବାର ବିଜ୍ଞପ୍ତି ପ୍ରକାଶ କରାଯାଇଛି । ସେପ୍ଟେମ୍ବର ୨୩ରେ ଛାତ୍ର ସଂସଦ ନିର୍ବାଚନ ଅନୁଷ୍ଠିତ ହେବାକୁ ଥିବାବେଳେ ଏଥିପାଇଁ ସେପ୍ଟେମ୍ବର ୧୬ରେ ପ୍ରାର୍ଥପତ୍ର ଦାଖଲ ପ୍ରକ୍ରିୟା ଅନୁଷ୍ଠିତ ହେବ ବୋଲି ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି । ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶାବଳି ଏବଂ ଲିଙ୍ଗ୍‌ଡୋ କମିଶନ୍‌ଙ୍କ ସୁପାରିସ ଅନୁଯାୟୀ ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଛାତ୍ର ସଂସଦ ନିର୍ବାଚନ ଅନୁଷ୍ଠିତ ହେବ । ଏହାକୁ ବିଶ୍ୱବିଦ୍ୟାଳୟ ଓ କଲେଜ କର୍ତ୍ତୃପକ୍ଷ କଡ଼ାକଡ଼ି ଭାବେ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ସେପ୍ଟେମ୍ବର ୧୫ରୁ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହେବ । ଏହିଦିନ ନିର୍ବାଚନ ସଂକ୍ରାନ୍ତ ବିଜ୍ଞପ୍ତି ପ୍ରକାଶ ପାଇବ । ଏହାପରେ ଆଶାୟୀ ଛାତ୍ରଛାତ୍ରୀଙ୍କୁ ସେପ୍ଟେମ୍ବର ୧୬ରେ ସକାଳ ୯ଟାରୁ ଦିନ ୧୨ଟା ମଧ୍ୟରେ ପ୍ରାର୍ଥୀପତ୍ର ଦାଖଲ କରିବାକୁ ପଡ଼ିବ ଏବଂ ସେମାନଙ୍କ ପ୍ରାର୍ଥୀପତ୍ର ଯାଞ୍ଚ ଅପରାହ୍ଣ ୨ରୁ୪ଟା ମଧ୍ୟରେ କରାଯିବ । ସେପ୍ଟମ୍ବର ୧୮ ପୂର୍ବାହ୍ନ ୧୧ଟାରେ ବୈଧ ପ୍ରାର୍ଥୀଙ୍କ ତାଲିକା ପ୍ରକାଶ କରାଯିବ । ସେହିପରି ପ୍ରାର୍ଥୀପତ୍ର ପ୍ରତ୍ୟାହାର ପାଇଁ ଶେଷ ତାରିଖ ସେପ୍ଟେର ୧୮ ରଖାଯାଇଥିବାବେଳେ ଅପରାହ୍ଣ ୨ରୁ୪ଟା ମଧ୍ୟରେ ଛାତ୍ରଛାତ୍ରୀ ସେମାନଙ୍କ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିପାରିବେ ଓ ବୈଧ ପ୍ରାର୍ଥୀ ତାଲିକା ଅପରାହ୍ଣ ୫ଟାରେ ପ୍ରକାଶ ପାଇବ । ‘ହ୍ୱାଇ ଆଇ ଷ୍ଟାଣ୍ଡ୍ ଫର’ ସଭା ସେପ୍ଟେମ୍ବର ୨୨ରେ ଅନୁଷ୍ଠିତ ହେବାକୁ ଥିବାବେଳେ ସେପ୍ଟେମ୍ବର ୨୩ରେ ଛାତ୍ର ସଂସଦ ନିର୍ବାଚନ କରାଯିବ ଏବଂ ସେହିଦିନ ଭୋଟ ଗଣତି କରାଯାଇ ଫଳାଫଳ ଘୋଷିତ ହେବ । ସେପ୍ଟେମ୍ବରେ ୨୫ରେ ନିର୍ବାଚିତ ପ୍ରାର୍ଥୀଙ୍କ ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହେବ ବୋଲି ବିଜ୍ଞପ୍ତିରେ ଦର୍ଶାଯାଇଛି । ସଭାପତି, ଉପସଭାପତି, ସମ୍ପାଦକ, ସହସମ୍ପାଦକ, ନାଟ୍ୟ ସମ୍ପାଦକ, ନାଟ୍ୟ ସହସମ୍ପାଦକ, କ୍ରୀଡ଼ା ସମ୍ପାଦକ, କ୍ରୀଡ଼ା ସହସମ୍ପାଦକ, ଏସ୍‌ଏସ୍‌ଜି ସମ୍ପାଦକ, ଏସ୍‌ଏସ୍‌ଜି ସହସମ୍ପାଦକ ଆଦି ପଦ ପାଇଁ ଛାତ୍ର ସଂସଦ ନିର୍ବାଚନ ଅନୁଷ୍ଠିତ ହେବ । ଛାତ୍ର ସଂସଦ ନିର୍ବାଚନରେ ରାଜନୈତିକ ଦଳଙ୍କ ସମ୍ପୃକ୍ତି ରହିବ ନାହିଁ ଏବଂ କଲେଜରେ ପଢୁନଥିବା ଛାତ୍ରଛାତ୍ରୀ ନିର୍ବାଚନରେ ଅଂଶଗ୍ରହଣ କରିପାରିବେ ନାହିଁ ।

## ସ୍ୱାସ୍ଥ୍ୟ ଭିତ୍ତିଭୂମି ସୁଦୃଢ଼ ପାଇଁ ୫ପ୍ରସ୍ତାବ

# ୧,୦୦୬କୋଟିର ପୁଞ୍ଜିନିବେଶ ଲକ୍ଷ୍ୟ

**ଭୁବନେଶ୍ୱର :** ଓଡ଼ିଶାରେ ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ସୁଦୃଢ଼ କରିବାପାଇଁ ରାଜ୍ୟ ସରକାରଙ୍କୁ ଇନ୍‌ଭେଷ୍ଟ ଓଡ଼ିଶା କାର୍ଯ୍ୟକ୍ରମରେ ୫ଟି ପ୍ରସ୍ତାବ ମିଳିଛି । ଏଥିରେ ୧୦୦୬କୋଟି ଟଙ୍କାର ପୁଞ୍ଜିନିବେଶ କରିବାକୁ ରହିଥିବା ବେଳେ ଏନେଇ ସରକାରଙ୍କ ପକ୍ଷରୁ ଅନୁଧ୍ୟାନ ଚାଲିଥିବା ଜଣାଯାଇଛି । ସୂଚନା ଅନୁଯାୟୀ ଇନ୍‌ଭେଷ୍ଟ ମିଟ୍-୨୦୧୬ କାର୍ଯ୍ୟକ୍ରମରେ ଓଡ଼ିଶାରେ ସ୍ୱାସ୍ଥ୍ୟଭିତ୍ତିଭୂମି ସୁଦୃଢ଼ କରିବାପାଇଁ ୮ଟି କମ୍ପାନୀ ୧୧୧୬କୋଟି ଟଙ୍କାର ପ୍ରସ୍ତାବ ଦେଇଥିଲେ । ସେଥିମଧ୍ୟରେ ମଦର ଟେରେସା ଜାତୀୟ କଲ୍ୟାଣ ଟ୍ରଷ୍ଟର ୫୫୭.୪୦କୋଟି ଟଙ୍କାର ପ୍ରସ୍ତାବ ରହିଥିବାବେଳେ ବିରଞ୍ଚି ଗ୍ରୁପ୍ ପକ୍ଷରୁ ୨୫୦ କୋଟି ଟଙ୍କା, କିମ୍‌ସ ପକ୍ଷରୁ ୧୬୭କୋଟି ଟଙ୍କା, ଉଇପ୍ରୋ ଜିଇ ହେଲଥ କେୟାରର ୧୮କୋଟି ଏବଂ ଏସ୍‌ଆର୍‌ଏଲ୍ ଲ୍ୟାବ୍‌ର ୧୪କୋଟି ଟଙ୍କାର ପ୍ରସ୍ତାବ ରହିଛି । ଏହାବାଦ୍ ଆର୍‌ଏନ୍‌ଡି ଲ୍ୟାବ୍‌ସର ୫୭କୋଟି ଟଙ୍କାର ପ୍ରକଳ୍ପ ଏବଂ ହେମ୍ପକାନ୍‌ର ୨କୋଟି ଟଙ୍କାର ପ୍ରକଳ୍ପକୁ ସ୍ଥଗିତ ରଖାଯାଇଥିବାବେଳେ ଭାରତ ବାୟୋଟେକ୍‌ର ୫୧କୋଟି ଟଙ୍କାର ପ୍ରକଳ୍ପ ରାଜ୍ୟସ୍ତରୀୟ ଏକକ ବାତାୟନ କମିଟି ବୈଠକରେ ଅନୁମୋଦନ ଲାଭ କରିଛି । ଏହି ବାୟୋଟେକ୍ ପ୍ରକଳ୍ପରେ ୧୨୦ଜଣଙ୍କୁ ନିଯୁକ୍ତି ମିଳିବାକୁ ରହିଥିବାବେଳେ ଉକ୍ତ ସମସ୍ତ ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ପ୍ରାୟ ୭୦୦ଜଣଙ୍କୁ ନିଯୁକ୍ତି ମିଳିବ ବୋଲି ଜଣାଯାଇଛି ।

## ଖଣି ଜିଲ୍ଲାର ଗରିବଙ୍କ ପାଇଁ ଖର୍ଚ୍ଚ ହେବ ୯୦୦ କୋଟି

# ଉପକୃତ ହେବେ ୬୯୧ ଗ୍ରାମବାସୀ

**ଭୁବନେଶ୍ୱର :** ରାଜ୍ୟର ଖଣି ପ୍ରଭାବିତ ୮ ଜିଲ୍ଲାର ଗରିବ ଲୋକଙ୍କ ପାଇଁ ୯୦୦ କୋଟି ଟଙ୍କା ଖର୍ଚ୍ଚ କରିବେ ସରକାର । ଏହି ଅର୍ଥରେ ହିତାଧିକାରୀଙ୍କୁ ଘର ସହ ଶୌଚାଳୟ ଓ ପାଇପ୍ ପାଣି ସଂଯୋଗ ଯୋଗାଇ ଦିଆଯିବ । ସେହିପରି ସମ୍ପୃକ୍ତ ଅଞ୍ଚଳରେ ବ୍ୟାପକ ବୃକ୍ଷରୋପଣ କରାଯିବ । ଏହି କାର୍ଯ୍ୟକୁ ଲକ୍ଷ୍ୟଭେଦୀ କରିବା ଏବଂ ଧାର୍ଯ୍ୟ ସମୟରେ ଶେଷ କରିବା ପାଇଁ ମୁଖ୍ୟ ସଚିବ ନିର୍ଦ୍ଦେଶ ଦେଇଛନ୍ତି ଏବଂ ଏଥିନିମନ୍ତେ ପିସିସିଏଫ୍ ସୁବାସ ଚନ୍ଦ୍ର ମିଶ୍ରଙ୍କୁ ମୁଖ୍ୟ କାର୍ଯ୍ୟନିର୍ବାହୀ ରୂପେ ନିଯୁକ୍ତି ଦିଆଯାଇଛି । ପଟ୍ଟାଦାରମାନେ ସରକାରଙ୍କ ନିକଟରେ ଜମା କରୁଥିବା ଜଙ୍ଗଲ ଜମିର ଏନ୍‌ପିଭି (ନେଟ୍ ପ୍ରେଜେଣ୍ଟ ଭ୍ୟାଲୁ)ର ଏକ ଅଂଶ ଖଣି ପ୍ରଭାବିତ ଅଞ୍ଚଳର ଜନସାଧାରଣଙ୍କ ହିତ ନିମନ୍ତେ ବ୍ୟୟ କରିବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ସୁପ୍ରିମକୋର୍ଟଙ୍କ ଏହି ନିର୍ଦ୍ଦେଶକ୍ରମେ ଅନୁଗୋଳ, ଢେଙ୍କାନାଳ, ଯାଜପୁର, ଝାରସୁଗୁଡ଼ା, କେନ୍ଦୁଝର, କୋରାପୁଟ, ମୟୂରଭଞ୍ଜ ଓ ସୁନ୍ଦରଗଡ଼ ଜିଲାର ପଟ୍ଟାଦାରଙ୍କଠାରୁ ବିପୁଳ ଅର୍ଥ ଆଦାୟ ହୋଇଥିଲା । ଏହି ଅର୍ଥରୁ ପ୍ରାୟ ଅର୍ଦ୍ଧେକ ପ୍ରଭାବିତ ଅଞ୍ଚଳରେ ଖର୍ଚ୍ଚ କରାଯିବ ଏବଂ ଏଥିପାଇଁ ସରକାର ୨୦୧୪ରେ ‘ଓମ୍‌ବାଡାକ୍’ (ଓଡ଼ିଶା ମିନେରାଲ ବିଅରିଂ ଏରିଆ ଡ଼େଭଲପମେଣ୍ଟ କର୍ପୋରେସନ) ଗଠନ କରିଥିଲେ । ରାଜ୍ୟ ସରକାର ଏଥିପାଇଁ ୧ ଲକ୍ଷ ଟଙ୍କା ଟୋକନ୍ ଅର୍ଥ ପ୍ରଦାନ କରିଥିବାବେଳେ ସମ୍ପ୍ରତି ଏହି ପାଣ୍ଠିରେ ପ୍ରାୟ ୧ ହଜାର କୋଟି ଟଙ୍କା ଗଚ୍ଛିତ ରହିଛି । ଏହି ଅର୍ଥରୁ ପ୍ରାୟ ୯୦୦ କୋଟି ଟଙ୍କା ଖର୍ଚ୍ଚ କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି । ଖଣି ପ୍ରଭାବିତ ୮ଟି ଜିଲ୍ଲାର ୩୦ଟି ବ୍ଲକ୍ ଅନ୍ତର୍ଗତ ୧୨୯ଟି ପଞ୍ଚାୟତ ବାସିନ୍ଦା ଏହାଦ୍ୱାରା ଉପକୃତ ହେବେ । ଏଥିନିମନ୍ତେ ୬୯୧ଟି ଗାଁରେ ସର୍ବେକ୍ଷଣ ଶେଷ ହୋଇଛି । ଏହି ଗାଁଗୁଡ଼ିକର ୨୯୮୨୯ ହିତାଧିକାରୀଙ୍କୁ ବାସଗୃହ ଓ ଶୌଚାଳୟ ଯୋଗାଇ ଦିଆଯିବ । ସେହିପରି ୧୯୬ଟି ପାଇପ୍ ଯୋଗେ ପାନୀୟଜଳ ଯୋଗାଣ ପ୍ରକଳ୍ପ ନିର୍ମାଣ କରାଯିବ । ମୁଖ୍ୟ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ ‘ଓମ୍‌ବାଡ଼ାକ୍’ର ସମୀକ୍ଷା କରିବା ସହ ଡ଼ିସେମ୍ବର ୨୦୧୭ ସୁଦ୍ଧା ସମସ୍ତ ପ୍ରକଳ୍ପ କାର୍ଯ୍ୟ ଶେଷ କରିବାକୁ ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି । ସମଗ୍ର ପ୍ରକଳ୍ପ କାର୍ଯ୍ୟ ଆସନ୍ତା ବର୍ଷ ଜୁଲାଇ ସୁଦ୍ଧା ଶେଷ କରାଯିବା ଉପରେ ମୁଖ୍ୟ ସଚିବ ଗୁରୁତ୍ୱ ଦେଇଛନ୍ତି । ସେହିପରି ଉନ୍ନୟନ କମିଶନର ଆର୍.ବାଲାକ୍ରିଷ୍ଣନ ପ୍ରଭାବିତ ଅଞ୍ଚଳଗୁଡ଼ିକୁ ସଡ଼କ ନିର୍ମାଣକୁ ଧ୍ୟାନ ଦେବାକୁ ପରାମର୍ଶ ଦେଇଛନ୍ତି । ଜଙ୍ଗଲ ଓ ପରିବେଶ ବିଭାଗ ଅତିରିକ୍ତ ମୁଖ୍ୟ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ସୂଚନା ଅନୁସାରେ ପ୍ରଭାବିତ ଅଞ୍ଚଳରେ ୮୫୫ ହେକ୍ଟର ଅଞ୍ଚଳରେ ବନୀକରଣ ଲକ୍ଷ୍ୟ ରଖାଯାଇଛି । ସେହିପରି ୮୪୨ କିଲୋମିଟର ପଥପ୍ରାନ୍ତ ବୃକ୍ଷରୋପଣ, ୩୬୦୦ ହେକ୍ଟର ଜମିରେ ସବୁଜିମା ଫେରାଇ ଆଣିବାପାଇଁ ଲକ୍ଷ୍ୟ ରଖାଯାଇଛି । ଏହି ଅଞ୍ଚଳର ପ୍ରାକୃତିକ ଓ ପରିବେଶ ଭାରସାମ୍ୟ ବଜାୟ ରଖିବାପାଇଁ ଜଙ୍ଗଲ ଓ ପରିବେଶ ବିଭାଗ କାର୍ଯ୍ୟକ୍ରମ ଆରମ୍ଭ କରିଛି । ଏହି ବୈଠକରେ ଅର୍ଥବିଭାଗ ପ୍ରମୁଖ ସଚିବ ତୁହିନକାନ୍ତ ପାଣ୍ଡେ, ଇସ୍ପାତ ଓ ଖଣି ବିଭାଗ ପ୍ରମୁଖ ସଚିବ ରାଜକୁମାର ଶର୍ମା, ଗ୍ରାମ୍ୟ ଉନ୍ନୟନ ବିଭାଗ ପ୍ରମୁଖ ସଚିବ ବିଷ୍ଣୁପଦ ସେଠୀ, ପୂର୍ତ୍ତସଚିବ ନଳିନୀକାନ୍ତ ପ୍ରଧାନ, ପଞ୍ଚାୟତିରାଜ ସଚିବ ଡ଼ି.କେ.ସିଂହ, ଅନୁସୂଚିତ ଜାତି ଓ ଜନଜାତି ସଚିବ ସୁରେନ୍ଦ୍ର କୁମାର, ଓରସାକ୍ ସିଇଓ ସନ୍ଦୀପ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଜୁନିୟର କଲେଜରେ ୧୦% ସିଟ୍ ବଢ଼ିଲା

**ଭୁବନେଶ୍ୱର :** ମାଟ୍ରିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀଙ୍କୁ ଯୁକ୍ତ ଦୁଇ ଶିକ୍ଷାଲାଭ ନିମନ୍ତେ ସେମାନଙ୍କ ଅଞ୍ଚଳରେ ମନପସନ୍ଦର ଜୁନିଅର କଲେଜ ଏବଂ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନାମଲେଖାଇବାର ସୁଯୋଗ ଦେବାକୁ ଚଳିତ ବର୍ଷ ଗ୍ରାମାଞ୍ଚଳ ଓ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ଯୁକ୍ତ ଦୁଇ କଲେଜଗୁଡ଼ିକରେ ସିଟ୍ ସଂଖ୍ୟା ପୂର୍ବ ଅନୁମୋଦିତ ସିଟ୍ ସଂଖ୍ୟାର ୧୦% ବୃଦ୍ଧି କରିବା ଲାଗି ନିଷ୍ପତ୍ତି ଗ୍ରହଣ କରାଯାଇଛି ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ବଦ୍ରିନାରାୟଣ ପାତ୍ର ଘୋଷଣା କରିଛନ୍ତି । ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ସରିବା ପରେ ରାଜ୍ୟର ସରକାରୀ ଜୁନିଅର କଲେଜ ବ୍ୟତୀତ ଅନ୍ୟ ଯେଉଁ ଜୁନିଅର କଲେଜ ଓ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ସମସ୍ତ ସିଟ୍ ପୂରଣ ହୋଇସାରିଥିବ ସେହି କଲେଜଗୁଡ଼ିକ ଲାଗି ଏହି ନିଷ୍ପତ୍ତି ପ୍ରଯୁଜ୍ୟ ହେବ ବୋଲି ମନ୍ତ୍ରୀ ଶ୍ରୀ ପାତ୍ର ପ୍ରକାଶ କରିଛନ୍ତି । ଏହାଦ୍ୱାରା ସ୍ଥାନୀୟ ଛାତ୍ରଛାତ୍ରୀମାନେ ବିଶେଷ ଉପକୃତ ହେବ । ଏହି ସିଟ୍ ସଂଖ୍ୟା ବୃଦ୍ଧି କେବଳ ଚଳିତ ଶିକ୍ଷାବର୍ଷ ପାଇଁ ଉଦ୍ଦିଷ୍ଟ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସୂତ୍ରରୁ ଜଣାପଡ଼ିଛି । ସେହିପରି ଯେଉଁ ଛାତ୍ରଛାତ୍ରୀମାନେ ଗୋଟିଏ କଲେଜରେ ନାମଲେଖାଇ ସାରିବା ପରେ ସେମାନଙ୍କ ଉଚ୍ଚତର ପସନ୍ଦର ନାମଲେଖାଇବାକୁ ଯୋଗ୍ୟ ବିବେଚିତ ହୋଇ ମଧ୍ୟ ଉକ୍ତ କଲେଜରେ ନାମଲେଖା ପାରିନାହାନ୍ତି ସେମାନଙ୍କୁ ଆଉ ଥରେ ସୁଯୋଗ ଦେବା ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ତରଫରୁ ନିଷ୍ପତ୍ତି ନିଆଯାଇଛି । ସୂଚନାଯୋଗ୍ୟ ଯେ ଇ-ନାମଲେଖା ପ୍ରକ୍ରିୟାରେ ସ୍ଲାଇଡ୍ ଅପ୍ ହୋଇଥିବା ୩୪୦୧ଜଣ ଛାତ୍ରଛାତ୍ରୀ ଉନ୍ନୀତ ପସନ୍ଦର କଲେଜରେ ନାମଲେଖାଇ ନପାରିବାରୁ ସେମାନଙ୍କ ନାମଲେଖା ବାତିଲ ହୋଇଯାଇଛି । ଉପରୋକ୍ତ ଛାତ୍ରଛାତ୍ରୀମାନେ ସ୍ଲାଇଡ୍ ଅପ୍ କଲେଜମାନଙ୍କରେ ଅଗଷ୍ଟ ୧୭ରୁ୧୯ତାରିଖ ମଧ୍ୟରେ ଉପସ୍ଥିତ ରହି ନାମଲେଖାଇ ପାରିବେ । ସେଥିନିମନ୍ତେ କଲେଜମାନଙ୍କରେ ସିଟ୍ ସଂଖ୍ୟାରେ ବୃଦ୍ଧି ଘଟିଲେ ବିଭାଗ ପକ୍ଷରୁ ଏହି ବର୍ଦ୍ଧିତ ସିଟ୍‌କୁ ମଧ୍ୟ ଅନୁମୋଦନ ଦିଆଯିବ । ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ପରେ ଖାଲିପଡ଼ିଥିବା ସିଟ୍ ଏବଂ ୧୦% ବର୍ଦ୍ଧିତ ସିଟ୍‌ରେ ନାମଲେଖାଇବା ପାଇଁ ଛାତ୍ରଛାତ୍ରୀମାନେ ସାମ୍ସ ମାଧ୍ୟମରେ ଅନ୍‌ଲାଇନ୍‌ରେ ଅଗଷ୍ଟ ୧୭ରୁ୧୯ ତାରିଖ ମଧ୍ୟରେ ଉପସ୍ଥିତ ରହି ନାମଲେଖାଇ ପାରିବେ । ସେଥିପାଇଁ କଲେଜମାନଙ୍କରେ ସିଟ୍ ସଂଖ୍ୟାରେ ବୃଦ୍ଧି ଘଟିଲେ ବିଭାଗ ପକ୍ଷରୁ ଏହି ବର୍ଦ୍ଧିତ ସିଟ୍‌କୁ ମଧ୍ୟ ଅନୁମୋଦନ ଦିଆଯିବ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ପ୍ରକାଶ କରାଯାଇଛି ।

## ଜାଲ୍ ସଂସ୍ଥା ଉପରେ ଏସ୍‌ଆଇଟିର କଡ଼ା ନଜର

# କମ୍ପାନୀ ଚିହ୍ନଟ କରି କଳାଧନ ସାମ୍ନାକୁ ଆଣିବାକୁ ନିର୍ଦ୍ଦେଶ

**କଟକ :** ସେପ୍ଟେମ୍ବର ମାସ ଶେଷ ସୁଦ୍ଧା ଏସଆଇଟି ପକ୍ଷରୁ ସପ୍ତମ ଅନ୍ତରୀଣ ରିପୋର୍ଟ ଦାଖଲ କରାଯିବ ବୋଲି ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ କେନ୍ଦ୍ର ସରକାର ଗଠନ କରିଥିବା ସ୍ପେଶାଲ ଇନ୍‌ଭେଷ୍ଟିଗେସନ୍ ଟିମ୍(ଏସ୍‌ଆଇଟି) ଉପାଧ୍ୟକ୍ଷ ଜଷ୍ଟିସ ଅରିଜିତ ପଶାୟତଙ୍କ ଅଧ୍ୟକ୍ଷତାରେ କଳଧନ ପ୍ରସଙ୍ଗରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କଟକ ତଳତେଲେଙ୍ଗା ବଜାର ନିଜ ବାସଭବନରେ କରିବା ପରେ ଗଣମାଧ୍ୟମକୁ ଏହି ସୂଚନା ପ୍ରଦାନ କରିଛନ୍ତି । ପୂର୍ବରୁ ଏସଆଇଟି ପକ୍ଷରୁ ଦିଆଯାଇଥିବା ବିଭିନ୍ନ ସୁପାରିସକୁ କେନ୍ଦ୍ର ସରକାର କାର୍ଯ୍ୟକାରୀ କରିଛନ୍ତି ଓ ବିଭିନ୍ନ ଅର୍ଥନୈତିକ ସଂସ୍କାର ନେଇ ଗୁରୁତ୍ୱ ଦେଉଛନ୍ତି ବୋଲି ଉପାଧ୍ୟକ୍ଷ ଜଷ୍ଟିସ ପଶାୟତ କହିଛନ୍ତି । ତେବେ ବିଭିନ୍ନ ସଂସ୍ଥା ପକ୍ଷରୁ ଚାଲିଥିବା ତଦନ୍ତ ସନ୍ତୋଷଜନକ ରହିଛି ଏବଂ ତଦନ୍ତକାରୀ ସଂସ୍ଥା ମଧ୍ୟରେ ସମନ୍ୱୟତା ବୃଦ୍ଧି ପାଇଁ କାର୍ଯ୍ୟ ତ୍ୱରାନ୍ୱିତ ହୋଇଛି, ଯାହାକି ପ୍ରଶଂସନୀୟ ବୋଲି ଉପାଧ୍ୟକ୍ଷ କହିଛନ୍ତି । ପ୍ରଥମେ ଖଣି, ତା’ ପରେ ପାନାମା ପେପର ଲିକ୍ ପ୍ରସଙ୍ଗ ଓ ବିଦେଶୀ କଳାଧନ ପ୍ରସଙ୍ଗ ପରେ ଦେଶର ବିଭିନ୍ନ ସ୍ଥାନରେ ଥିବା ସେଲ ଜାଲ୍ ସଂସ୍ଥା ଉପରେ ଏସଆଇଟି କଡା ନଜର ରଖିଛି । ସେହି କମ୍ପାନୀମାନଙ୍କୁ ଚିହ୍ନଟ କରି ଗଚ୍ଛିତ କଳାଧନ ସାମ୍ନାକୁ ଆଣିବା ପାଇଁ ସିରିୟସ ଫ୍ରଡ ଇନ୍‌ଭେଷ୍ଟିଗେସନ୍ ଅଫିସ(ଏସଏଫଆଇଓ) ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଉପାଧ୍ୟକ୍ଷ କହିଛନ୍ତି । ଦେଶ ମଧ୍ୟରେ ଥିବା କିଛି ବେନାମୀ ସେଲ କମ୍ପାନୀ ବାହାର ଦେଶର ବେନାମୀ କମ୍ପାନୀରେ ପୁଞ୍ଜି ନିବେଶ କରାଯାଉଛି କି, ଏ ସବୁ ଦିଗରେ ଏସଆଇଟି ପ୍ରାଧାନ୍ୟ ଦେଉଛି । ତେବେ କମ୍ପାନୀ ଚିହ୍ନଟ ହେବା ପରେ କିପରି ସଂପତ୍ତି ଜବତ କରାଯାଇ ବାଜ୍ୟାପ୍ତି କରାଯିବ ଓ କେଉଁକେଉଁ ତଦନ୍ତକାରୀ ସଂସ୍ଥା ଦ୍ୱାରା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ସେ ନେଇ ବୈଠକରେ ବିସ୍ତୃତ ଭାବେ



ଆଲୋଚନା ହୋଇଥିଲା । ସେହିପରି ପାନାମା ପେପର ଲିକ୍ ପ୍ରସଙ୍ଗରେ ଏଯାବତ୍ ୧୪୦ଟି ମାମଲାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ଆଉ ୪୫ଟି ମାମଲାକୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଦ୍ୱାରା ତଦନ୍ତ କରାଯାଉଥିବା ଏସଆଇଟି ଉପାଧ୍ୟକ୍ଷ ଜଷ୍ଟିସ ପଶାୟତ କହିଛନ୍ତି । ତେବେ ତଥାକଥିତ ବାବା ସାରଥି ଓ ସୁର ବାବାଙ୍କ ୨୬ କୋଟି ଟଙ୍କାର ସଂପତ୍ତି ଓପିଆଇଡି ଆକ୍ଟ ବଳରେ ଜବତ କରାଯାଇଥିବା ତଦନ୍ତକାରୀ ସଂସ୍ଥା ଏସଆଇଟିକୁ ସୂଚନା ଦେଇଛନ୍ତି । ସେଥିରେ ସାରଥିର ୧୪ କୋଟି ଓ ସୁର ବାବାଙ୍କର ୧୨କୋଟି ସଂପତ୍ତି ଜବତ କରାଯାଇଛି ବୋଲି ଉପାଧ୍ୟକ୍ଷ କହିଛନ୍ତି ।ଏଥିସହ ଚିଟ୍‌ଫଣ୍ଡ କମ୍ପାନୀମାନଙ୍କ ଠାରୁ ଜବତ ହୋଇଥିବା ସଂପତ୍ତି ବିକ୍ରି କରି ଲବ୍ଧ ଅର୍ଥ ଜମାକାରୀମାନଙ୍କୁ ଦେବାର ବ୍ୟବସ୍ଥା କରିବା ପାଇଁ ସରକାରଙ୍କୁ ସୁପାରିସ କରାଯାଇଛି । ଅଦ୍ୟାବଧି ୧୪ଶହରୁ ୧୫ଶହ କୋଟି ଟଙ୍କାର କଳାଧନ ସାମ୍ନାକୁ ଆସିଛି । କଳାଧନ ଗଚ୍ଛିତ ରଖିବାର ଉତ୍ସକୁ ରୋକିବା ଉଦ୍ଦେଶ୍ୟରେ କ୍ୟାସ ଲିମିଟ ବ୍ୟବସ୍ଥା ଲାଗୁ କରିବା ପାଇଁ କେନ୍ଦ୍ର ସରକାରଙ୍କୁ ସୁପାରିସ କରାଯାଇଥିବାବେଳେ ସରକାର ଏହାକୁ ଗ୍ରହଣ କରିଥିବା ଉପାଧ୍ୟକ୍ଷ କହିଛନ୍ତି ।

ମନୁଷ୍ୟକୁ ଶିକ୍ଷା ଦେବାର ଶ୍ରେଷ୍ଠ ଗୁଣ ଅଟେ। ଯିଏ ଏହି ସମୟକୁ ସାହାସର ସହିତ ସାମ୍ନାକରେ ସେ ହିଁ କଷ୍ଟ ଓ ବିପଦକୁ ବିଜୟ କରିପାରେ। : ଚାଣକ୍ୟ



EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

# ସଂପାଦକୀୟ..

## ରାଜନୀତି ପାଇଁ ସୁସ୍ଥ ପରମ୍ପରା ଜରୁରୀ

**କୌ**ଣସି ରାଜନୈତିକ ଦଳ ଭିତରେ ଶୃଙ୍ଖଳା ଓ ସୁସ୍ଥ ପରମ୍ପରା ନଥିଲେ ରାଜନୀତି ଅସୁସ୍ଥ ହୋଇପଡେ। ଯାହାର କୁଫଳ ଦଳୀୟ ନେତା ଓ ଦଳକୁ ଭୋଗ କରିବାକୁ ପଡେ। ଏହାର ସଦ୍ୟତମ ଉଦାହରଣ ଭାବେ ରାଜ୍ୟ କଂଗ୍ରେସର ସ୍ଥିତିକୁ ଦେଖିଲେ ଏହା ସ୍ପଷ୍ଟ ଜଣାପଡେ। ଦୀର୍ଘବର୍ଷ ହେବ ଓଡ଼ିଶାରେ କଂଗ୍ରେସ ଶାସନ କ୍ଷମତାକୁ ନ ଆସି ନିଜର ଅସ୍ତିତ୍ୱ ହରାଇବାକୁ ବସିଥିବା ବେଳେ ଦଳକୁ ସୁଦୃଢ଼ କରିବା ପାଇଁ ଯେତିକି ଚିନ୍ତା କରିବା କଥା ଦଳ ଭିତରେ ତାହା ହୋଇପାରୁନି। ବରଂ ଦଳର ତୁଙ୍ଗ ନେତାମାନେ ଗୋଷ୍ଠୀ ବା ବ୍ୟକ୍ତି ସମ୍ପର୍କ ଆଧାରରେ ଏହାକୁ କକ୍ଷଚ୍ୟୁତ କରିଦେବାକୁ କୁଣ୍ଠା ପ୍ରକାଶ କରୁନାହାନ୍ତି। ସ୍ୱର୍ଗତଃ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ନେତୃତ୍ୱ ପରେ ରାଜ୍ୟ କଂଗ୍ରେସର ସ୍ଥିତି ସମ୍ପୂର୍ଣ୍ଣ ବଦଳି ଯାଇଛି। ଜାନକୀଙ୍କ ପରେ ଯିଏ ବି ରାଜ୍ୟ କଂଗ୍ରେସର ମଙ୍ଗ ଧରୁଛନ୍ତି ତାଙ୍କୁ ପଦରୁ ହଟାଇବା ପାଇଁ ଦଳ ଭିତରୁ ଷଡଯନ୍ତ୍ର ଚାଲିବା ଘଟଣା ପଦାକୁ ଆସୁଛି। ଯାହାଫଳରେ ରାଜ୍ୟରେ ବିରୋଧୀ ଦଳର ମୁଖ୍ୟ ଭୂମିକା ତୁଲାଇବା କ୍ଷେତ୍ରରେ କଂଗ୍ରେସ ଅସମର୍ଥ ହୋଇପଡୁଛି। ଦଳୀୟ ନେତା ଓ କର୍ମୀ ଯେତେବେଳେ ରାଜ୍ୟରେ ଦଳ ମୁଖିଆଙ୍କ ଉପରେ ଭରସା ନରଖିବେ, ସେତେବେଳେ ଦଳ ଦୁର୍ବଳ ହେବା ସୁନିଶ୍ଚିତ। କଂଗ୍ରେସ କ୍ଷେତ୍ରରେ ଏବେ ଏହା ହିଁ ଦେଖିବାକୁ ମିଳୁଛି।

ନିକଟରେ କଂଗ୍ରେସର କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ଓଡ଼ିଶା ଆସି ଦଳର ବରିଷ୍ଠ ଓ କନିଷ୍ଠ ନେତାମାନଙ୍କ ସହ ଆଲୋଚନା କରି ଦିଲ୍ଲୀ ଫେରିଛନ୍ତି। ଏହି ଆଲୋଚନା କାଳରେ ପୁଣିଥରେ ପିସିସି ସଭାପତି ପରିବର୍ତ୍ତନ ଚର୍ଚ୍ଚା ଜୋର ଧରିଥିଲା। ଦୀର୍ଘଦିନରୁ ପିସିସି ସଭାପତି ପଦରୁ ପ୍ରସାଦ ହରିଚନ୍ଦନଙ୍କୁ ହଟାଇ ତାଙ୍କ ସ୍ଥାନରେ ନୂଆ ସଭାପତି ବସାଇବାକୁ ଦିଲ୍ଲୀରେ ରହୁଥିବା କଂଗ୍ରେସ ମୁଖିଆଙ୍କ ନିକଟରେ ଦଳୀୟ ବିଧାୟକ ଓ ନେତା ବାରମ୍ବାର ଦାବି କରିଆସୁଛନ୍ତି। ଏହି ପରିପ୍ରେକ୍ଷୀରେ ପୁଣିଥରେ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକଙ୍କ ସାମ୍ନାରେ ଏହାକୁ ଦୋହରା ଯାଇଥିଲା। ଏଥିରେ ବରିଷ୍ଠ କଂଗ୍ରେସ ନେତା ନିରଞ୍ଜନ ପଟ୍ଟନାୟକଙ୍କୁ ପିସିସି ସଭାପତି ଆସନରେ ବସାଇଲେ ରାଜ୍ୟ କଂଗ୍ରେସ ପୂର୍ବଭଳି ଦୌଡିବ ବୋଲି ଦଳ ଭିତରୁ ଅଧିକ ନେତା ଏହି ମତ ରଖିଥିଲେ। ତେଣୁ ନିରଞ୍ଜନଙ୍କ ସପକ୍ଷରେ ସମର୍ଥନ ଯଥେଷ୍ଟ ଥିବା ଜଣାପଡିବା ଯୋଗୁଁ କଂଗ୍ରେସ ନେତା ଓ କର୍ମୀମାନେ ଆଶା ବାନ୍ଧିଛନ୍ତି ଯେ ନିରଞ୍ଜନ ହିଁ ପରବର୍ତ୍ତୀ ପିସିସି ମୁଖିଆ ହେବେ। ହେଲେ ଖଣି ଚୋରି ପ୍ରସଙ୍ଗ କହି ଏଥିରେ ଏବେ କେଁ ପୁରାଇଲେଣି ବରିଷ୍ଠ ନେତା ଶ୍ରୀକାନ୍ତ ଜେନା। କାରଣ ସ୍ୱରୂପ ଯାହା ଜଣାଯାଏ, ଶ୍ରୀକାନ୍ତ ନିରଞ୍ଜନଙ୍କ ସପକ୍ଷବାଦୀ ନୁହଁନ୍ତି। ଅତୀତରେ ସେ ଏଭଳି ଆଭିମୁଖ୍ୟ ମଧ୍ୟ ଦେଖାଇଥିଲେ। ପ୍ରସାଦଙ୍କ ପ୍ରତି ଶ୍ରୀକାନ୍ତଙ୍କ ଅକୁଣ୍ଠ ସମର୍ଥନ ଓ ଭକ୍ତ ଚରଣ ଦାସଙ୍କ ପ୍ରତି ମଧ୍ୟ କୋହଳ ମନୋଭାବ ଥିବା କଥା ଜଣାପଡୁଛି।

ଏବେ ରାଜ୍ୟ କଂଗ୍ରେସର ପତନ ପାଇଁ କଂଗ୍ରେସ ଭିତରେ ଥିବା ଖଣି ଲୁଟେରା ଦାୟୀ ବୋଲି କହିଛନ୍ତି ଶ୍ରୀକାନ୍ତ। ଯାହା ଜଣାପଡୁଛି, ନିରଞ୍ଜନଙ୍କୁ ପିସିସି ଦାୟିତ୍ୱ କଥାକୁ ସହଜରେ ସେ ହଜମ କରିପାରୁନାହାନ୍ତି। ତେଣୁ ରାଜ୍ୟରେ ପଟ୍ଟନାୟକ ଫ୍ୟାମିଲି ନାଁରେ ଥିବା ଖଣିରେ ଦୁର୍ନୀତି ହୋଇଥିବା କଥା କହି ଦଳ ଭିତରେ ଏକ ନୂଆ ସଙ୍କଟ ସୃଷ୍ଟି କରିବା ସହିତ ପ୍ରସାଦଙ୍କୁ ନ ହଟାଇବା ପାଇଁ ନୂଆ ବାଟ ଖୋଲିଛନ୍ତି ଶ୍ରୀକାନ୍ତ। ଏହାର ଉଦ୍ଦେଶ୍ୟ ସମସ୍ତେ ଜାଣନ୍ତୁ ଯେ ଆଗାମୀ ଦିନରେ ଯିଏ ପ୍ରଦେଶ କଂଗ୍ରେସ ଦାୟିତ୍ୱ ନେବେ ସେ ଖଣି ଲୁଟ୍ ମାମଲାରେ ସଂଶ୍ଳିଷ୍ଟ ଓ ଏହା ଦିଲ୍ଲୀର ହାଇକମାଣ୍ଡ ମଧ୍ୟ ବିଚାରକୁ ନିଅନ୍ତୁ। ତେବେ ତତ୍କାଳୀନ ପ୍ରଧାନମନ୍ତ୍ରୀ ମନମୋହନଙ୍କ ସରକାରରେ ଶ୍ରୀକାନ୍ତ ବାବୁ ମନ୍ତ୍ରୀ ଥିଲା ବେଳେ ଶାହା କମିଶନ ରିପୋର୍ଟକୁ କାର୍ଯ୍ୟକାରୀ କରାଇ ନପାରି ଏବେ ବ୍ୟସ୍ତ ହେବାର କାରଣ କ'ଣ ବୋଲି ସାଧାରଣରେ ପ୍ରଶ୍ନ ଉଠୁଛି। ହେଲେ ଏହାକୁ ଶ୍ରୀକାନ୍ତ ଖଣ୍ଡନ କରି କହିଛନ୍ତି, ଖଣି ଚୋରିର ତଦନ୍ତ ରାଜ୍ୟ ସରକାରଙ୍କ ହାତରେ। ସେ କେନ୍ଦ୍ରରେ ମନ୍ତ୍ରୀ ଥିଲା ବେଳେ ଏ ପ୍ରସଙ୍ଗରେ ସ୍ୱର ଉଠାଇଥିଲେ। ବର୍ତ୍ତମାନ କଥା ଉଠୁଛି ଯଦି ପ୍ରକୃତରେ ରାଜ୍ୟ କଂଗ୍ରେସକୁ ଦୁର୍ନୀତିମୁକ୍ତ କରି ଏକ ସୁସ୍ଥ ଦଳ ଗଠନ କରିବା କଥା ତେବେ ଶ୍ରୀକାନ୍ତ ଦୀର୍ଘ ନିରବତା ପରେ ଏଭଳି ପ୍ରତିକ୍ରିୟା ଦେଉଛନ୍ତି କାହିଁକି ? ଓଡ଼ିଶାରେ କଂଗ୍ରେସର ସ୍ଥିତି ଯାହା, ଏଥିରେ ଆଉ କନ୍ଦଳ ନପୁରାଇ ବରଂ ଦଳକୁ ସଜାଡି ପୂର୍ବଭଳି ନେତୃତ୍ୱ ଦେଇପାରିଲେ ଏହା ରାଜ୍ୟର ବିକାଶ ସହ ଦଳକୁ ମଜଭୁତ କରିପାରିବ। କିନ୍ତୁ ସେ ଯଦି ଖାଲି ନିରଞ୍ଜନଙ୍କୁ ବାଦ ଦେବାକୁ ଯୋଜନା କରୁଥାନ୍ତି, ଏହା ଦଳ ପାଇଁ ପୁଣି ବିପର୍ଯ୍ୟୟ ଆଣିଦେବାର ଆଶଙ୍କା ମଧ୍ୟ ରହିଛି। ତେଣୁ ଦଳରେ ସୁସ୍ଥ ପରମ୍ପରାର ଆରମ୍ଭ ନହେଲେ କଂଗ୍ରେସ ରାଜନୀତି ଓଡ଼ିଶାରେ ପୂର୍ବାପେକ୍ଷା ଆହୁରି ଦୁର୍ବଳ ହୋଇପଡିବ।

# ବିଦେଶ ଗସ୍ତ, ବିଦେଶ ନୀତି ଓ ଭାରତର ବାସ୍ତବ ସ୍ଥିତି



କେଦାର ମିଶ୍ର

**୩୬** ମାସର ଶାସନ କାଳ ଭିତରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୬୫ଟି ଦେଶ ଗସ୍ତ କରି ସାରିଛନ୍ତି। ଆପାତତଃ ପ୍ରତି ମାସରେ ଥରେ ପ୍ରଧାନମନ୍ତ୍ରୀ ବିଦେଶ ଗସ୍ତରେ ଯାଉଛନ୍ତି। ତାଙ୍କ ବିଦେଶ ଗସ୍ତ ଭିତରୁ ସବୁଠୁ ଗୁରୁତ୍ୱପୂର୍ଣ୍ଣ ଯାତ୍ରା ହେଉଛି ଆମେରିକାକୁ ପାଞ୍ଚଥର, ୟୁରୋପୀୟ ଦେଶ ତଥା ଜର୍ମାନୀ, ଫ୍ରାନ୍ସ, ଇଂଲଣ୍ଡ ଇତ୍ୟାଦିକୁ ତିନିଥର ଓ ଅନ୍ୟାନ୍ୟ ଛୋଟବଡ଼ ଦେଶକୁ ମୋଦି ଗସ୍ତ କରି ସାରିଛନ୍ତି। ପ୍ରଧାନମନ୍ତ୍ରୀ ହେଲା ପରେ ନରେନ୍ଦ୍ର ମୋଦି ଭାରତର ବିଦେଶ ନୀତିକୁ ଏକ ବଳଶାଳୀ ସ୍ୱରୂପ ପ୍ରଦାନ କରିବେ ବୋଲି ଆଗରୁ କୁହାଯାଉଥିଲା। ତେବେ ପ୍ରଧାନମନ୍ତ୍ରୀଙ୍କ ଏହି ବିଦେଶ ଗସ୍ତକୁ ନେଇ ଯେତେ ସବୁ ଆକଳନ କରାଯାଉଛି, ସେଥିରେ ଲାଭ ତୁଳନାରେ କ୍ଷତିର ପରିମାଣ ଅଧିକ ଦେଖିବାକୁ ମିଳୁଛି। ଆମେରିକା ଓ ୟୁରୋପ ସହିତ ସମ୍ପର୍କ ସ୍ଥାପିତ କରିବାରେ କିଛି ଅସୁବିଧା ନାହିଁ, ହେଲେ ଭାରତ ତା' ନିଜ ପାଖ ପଡ଼ିଶାଙ୍କ ସହ କେମିତି ସମ୍ପର୍କ ରଖୁଛି, ତା'କୁ ଦେଖିବା ପାଇଁ ସମସ୍ତେ ଅପେକ୍ଷା କରି ରହିଛନ୍ତି। ଆମେରିକା କିମ୍ବା ଇସ୍ରାଏଲ୍ ସହିତ ଆମର କୂଟନୈତିକ ସମ୍ପର୍କରେ ଆମକୁ ହୁଏତ ଅଧିକ ପ୍ରତିରକ୍ଷା ଓ ବୈଷୟିକ ସାହାଯ୍ୟ ମିଳିପାରେ, ଏମାନେ କିନ୍ତୁ ଆମର ଦୀର୍ଘସ୍ଥାୟୀ ଶାନ୍ତି ପ୍ରକ୍ରିୟାରେ ସହାୟକ ହେବେ ନାହିଁ। ଭାରତର ବିଦେଶ ନୀତି ମୂଳତଃ ଗୋଷ୍ଠୀ ନିରପେକ୍ଷ ଆଦର୍ଶ ବୋଲି ଗତିଶୀଳ ରହିଥିଲା। ଦେଶ ଯେତେବେଳେ ସ୍ୱାଧୀନ ହେଉଛି, ସେତେବେଳେ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମାପ୍ତ ହେଉଛି। କ୍ଷମତା, ପୁଞ୍ଜି ଓ ପ୍ରତିରକ୍ଷା ସମ୍ପଦକୁ ନେଇ ସାରା ପୃଥିବୀ ଦୁଇ ଭାଗରେ ବିଭକ୍ତ ହୋଇ ରହିଛି। ଗୋଟିଏ ପକ୍ଷରେ ଆମେରିକା ଓ ଅନ୍ୟ ପକ୍ଷରେ ସୋଭିଏତ୍ ରୁଷିଆ। ଏହି ଦୁଇ ମହାଶକ୍ତି ମଧ୍ୟରେ ଦୀର୍ଘ ଦିନ ଧରି ଏକ ଶୀତଳ ଯୁଦ୍ଧ ଅବ୍ୟାହତ ରହିଥିଲା। ଯେଉଁଥିରେ ପୃଥିବୀର ସବୁ ଦେଶ ନିଜ ନିଜର ପକ୍ଷ ବାଛିବାକୁ ବାଧ୍ୟ ହେଉଥିଲେ। ତେବେ ଏହି ଶୀତଳ ଯୁଦ୍ଧର ଛାୟାରୁ ନିଜକୁ ମୁକ୍ତ ରଖି କୌଣସି ଶକ୍ତି ସହିତ ସହବନ୍ଧିତ ନ ହେବାକୁ ସେତେବେଳେ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ୍ ନେହେରୁଙ୍କ ଗୋଷ୍ଠୀ ନିରପେକ୍ଷ ଆନ୍ଦୋଳନ ଆରମ୍ଭ ହୋଇଥିଲା। ଭାରତ, ଇଣ୍ଡୋନେସିଆ ସମେତ କେତେକ ଆଫ୍ରିକୀୟ ଦେଶ ଏହି ଆନ୍ଦୋଳନରେ ସାମିଲ୍ ହୋଇଥିଲେ।

ଆଜିର ପରିସ୍ଥିତି ବଦଳିଛି। ସୋଭିଏତ୍ ରୁଷିଆ। ଭାଙ୍ଗିଲା ପରେ ଦୁଇ ମହାଶକ୍ତି ଭିତରେ ଯେଉଁ ଶୀତଳ ଯୁଦ୍ଧଥିଲା, ତା'ର ଅବସାନ ଘଟିଛି। ବରଂ ଏବେ ରୁଷିଆ ଆମେରିକାର ରାଜନୀତିକୁ ଅଧିକ ପ୍ରଭାବିତ କରୁଛି। ସେହି ପରିସ୍ଥିତିରେ ଭାରତ ଗୋଷ୍ଠୀ ନିରପେକ୍ଷ ବିଦେଶ ନୀତିକୁ ଆପଣାର କରିବା ଭଳି ସ୍ଥିତି ଆଉ ନାହିଁ। ଏବେ ଭାରତ ନିଜକୁ ଏସିଆର ଅଗ୍ରଣୀ ରାଷ୍ଟ୍ର ଓ ଅର୍ଥନୈତିକ ଦୃଷ୍ଟିରୁ ଏକ ବିରଳ ଶକ୍ତି ଭାବରେ ନିଜକୁ ଉପସ୍ଥାପନ କରିବାକୁ ଚାହୁଁଛି। ପ୍ରଧାନମନ୍ତ୍ରୀ ମୋଦି ସରକାର ଗଢିବା ପୂର୍ବରୁ ପୂର୍ବତନ ପ୍ରଧାନମନ୍ତ୍ରୀ ପି.ଭି. ନରସିଂହ ରାଓ, ଅଟଳ ବିହାରୀ ବାଜପେୟୀ ଓ ମନମୋହନ ସିଂ ପରିବର୍ତ୍ତିତ ବିଦେଶ ନୀତିକୁ ନୂଆ ରୂପରେଖ ଦେଇ ଆସିଛନ୍ତି। ନରେନ୍ଦ୍ର ମୋଦି ହୁଏତ ସେହି ନୀତିକୁ ଅନୁସରଣ କରୁଛନ୍ତି, ହେଲେ ତାଙ୍କ ବିଦେଶ ନୀତିରେ ନୀତି ଅପେକ୍ଷା ବ୍ୟକ୍ତିତ୍ୱର ପ୍ରତିଫଳନ ଅଧିକ ଦେଖିବାକୁ ମିଳୁଛି। ପ୍ରଧାନମନ୍ତ୍ରୀ ଯେତେ ପରିମାଣରେ ବିଦେଶ ଗସ୍ତ କରୁଛନ୍ତି, ସେହି ତୁଳନାରେ ଭାରତକୁ କେତେ ଲାଭ ମିଳୁଛି, ତା'ର ଆକଳନ କରିବାର ସମୟ ଏବେ ଆସିଲାଣି।

ଆଜିର ତାରିଖରେ ଭାରତର ଦୁଇ ପ୍ରମୁଖ ପଡ଼ୋଶୀ ଚୀନ୍ ଓ ପାକିସ୍ତାନ ଆମର ସବୁଠୁ ବଡ଼ ଶତ୍ରୁ ଭାବରେ ଶକ୍ତି ପ୍ରଦର୍ଶନ କରୁଛନ୍ତି। ପ୍ରଧାନମନ୍ତ୍ରୀ ଦାୟିତ୍ୱ ନେଲା ପରେ ମୋଦି ପାକିସ୍ତାନ ଓ ଚୀନ୍ ସହ ସୁସମ୍ପର୍କ ରଖିବା ପାଇଁ ଉଦ୍ୟମ ଆରମ୍ଭ କରିଥିଲେ। ତାଙ୍କ ଶପଥ ଗ୍ରହଣ ସମାରୋହକୁ ପାକିସ୍ତାନ ପ୍ରଧାନମନ୍ତ୍ରୀ ନୱାଜ୍ ସରିଫ୍‌ଙ୍କୁ ନିମନ୍ତ୍ରଣ କରି ପ୍ରଧାନମନ୍ତ୍ରୀ ଏକ ସକାରାତ୍ମକ ବାର୍ତ୍ତା ଦେବାକୁ ଚେଷ୍ଟା କରିଥିଲେ। ତା'ର ଅଳ୍ପଦିନ ପରେ ଚୀନ୍ ରାଷ୍ଟ୍ରପତି ଭାରତ ଗସ୍ତରେ ଆସି ପ୍ରଧାନମନ୍ତ୍ରୀଙ୍କ ସହ ଦୋଳିରେ ଝୁଲିବା ମଧ୍ୟ ଏକ ନୂଆ ସଂକେତ ଥିଲା। ତେବେ ସମୟକ୍ରମେ ଉଭୟ ପଡ଼ୋଶୀଙ୍କ ସହ ଭାରତର ସମ୍ପର୍କ ତିକ୍ତରୁ ତିକ୍ତତର ହେବା ଆରମ୍ଭ ହୋଇଛି। ଏବେ ଚୀନ୍ ଓ ପାକିସ୍ତାନ ସହ ଆମେ ମୁହାଁମୁହିଁ ଅବସ୍ଥାରେ ରହିଛୁ। ପାକିସ୍ତାନ ସହ ଭାରତର ଏକ ଶୀତଳଯୁଦ୍ଧ ଅବ୍ୟାହତ ରହିଛି। ସୀମାନ୍ତରେ ପ୍ରତିଦିନ ଆମର ସୈନିକମାନେ ମୃତ୍ୟୁବରଣ କରୁଛନ୍ତି। କାଶ୍ମୀରରେ ଯେଉଁପ୍ରକାରର ଉତ୍ତେଜନା ଲାଗି ରହିଛି, ସେଥିରେ ପାକିସ୍ତାନର ଭୂମିକା ସବୁଠୁ ଅଧିକ। ତଥାପି ପାକିସ୍ତାନ ପଟୁ ଆସୁଥିବା ସନ୍ତ୍ରାସବାଦୀମାନଙ୍କୁ ଅଟକାଇବାରେ ଆମେ ସଫଳ ହେଇନାହୁଁ। ଠିକ୍ ସେହି ସମୟରେ ଭୂଟାନ୍ ସୀମାନ୍ତରେ ଚୀନ୍ ଓ ଭାରତର ସେନାବାହିନୀ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଛି। ୧୯୬୨ ଯୁଦ୍ଧ ପରଠୁ ଚୀନ୍ ଓ ଭାରତ ମଧ୍ୟରେ ଏତେ ଅଧିକ ଉତ୍ତେଜନା କେବେହେଲେ ଦେଖିବାକୁ ମିଳୁନଥିଲା। ଚୀନ୍‌ର ଖବରକାଗଜ ଓ ସରକାରୀ କଳ ନିୟମିତ ଭାବରେ ଭାରତ ବିରୋଧୀ ଆଭିମୁଖ୍ୟ ଗ୍ରହଣ କରୁଛନ୍ତି। ପାକିସ୍ତାନ ସହ ଆମ ସଂଘର୍ଷରେ ଭାରତ ସବୁବେଳେ ଆକ୍ରମକ ଭୂମିକା ନେଇ ଆସିଛି। ତେବେ ଚୀନ୍ କ୍ଷେତ୍ରରେ ଭାରତକୁ ଟିକେ ସଂଯତ ରହିବାକୁ ପଡୁଛି। ଏହାର ଦୁଇଟି କାରଣ ରହିଛି। ପ୍ରଥମତଃ ଚୀନ୍ ପାକିସ୍ତାନ ଭଳି ଅର୍ଥନୈତିକ ଓ ପ୍ରତିରକ୍ଷା କ୍ଷେତ୍ରରେ ଦୁର୍ବଳ ନୁହେଁ। ଦ୍ୱିତୀୟରେ ଭାରତର ଅର୍ଥନୈତିକ କ୍ଷେତ୍ରରେ ଚୀନ୍ ପୁଞ୍ଜିର ଏକ ବଡ଼ ଭୂମିକା ରହିଛି। ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବରେ ଚୀନ୍‌ର ଏକ ବଡ଼ ପୁଞ୍ଜି ଭାରତୀୟ ବଜାରକୁ ପ୍ରବେଶ କରିସାରିଛି। ପୁଞ୍ଜି ସହିତ ବଜାର ଅର୍ଥନୀତିରେ ମଧ୍ୟ ଚାଇନା ଜିନିଷର ଚାହିଦା ବଢ଼ିଛି। ପରିସ୍ଥିତି ଏମିତି ହୋଇଛି ଯେ, ଭାରତର ୪୨% ବଜାରକୁ ଏବେ ଚୀନ୍ କବଳିତ କରି ସାରିଛି। ସେହି ପରିସ୍ଥିତିରେ ଚୀନ୍ ସହ ମୁହାଁମୁହିଁ ହେବା ଭାରତର ଅର୍ଥନୀତି ପାଇଁ ଆଦୌ ଶୁଭ ସୂଚନା ନୁହେଁ। ଯୁଦ୍ଧ ଯେତେବେଳେ ଦେଶର ଅର୍ଥନୈତିକ ପରିସ୍ଥିତିକୁ ପ୍ରଭାବିତ କରିବାର ସମ୍ଭାବନା ଦେଖାଦିଏ, ସେଠି ଯୁଦ୍ଧ ଭଳି ପରିସ୍ଥିତିକୁ ଏଡ଼ାଇ ଯିବା ବୁଦ୍ଧିମାନର କାମ। ତେବେ ଆଜିର ସ୍ଥିତିରେ ଦେଶର ବିଦେଶ ନୀତି ନିଜ ପଡ଼ୋଶୀଙ୍କ ପାଇଁ କି'ପ୍ରକାର ଆଚରଣ କରିବ, ତାହା ଜଣାପଡୁନାହିଁ।

ବିଦେଶ ନୀତିର ସମୀକ୍ଷକମାନେ କହୁଛନ୍ତି - ଭାରତର ବିଦେଶ ନୀତି ବିଷୟରେ କୌଣସି ପ୍ରକାରର ଆକଳନ ସମ୍ଭବ ନୁହେଁ। ପ୍ରଧାନମନ୍ତ୍ରୀ ମୋଦି କେତେବେଳେ କି' ପ୍ରକାର ନିଷ୍ପତ୍ତି ନେବେ, ତା'କୁ ଅନୁମାନ କରିବା ଆଦୌ ସହଜ ହେଉନାହିଁ। ଏହାକୁ କେହି କେହି ବିଦେଶ ନୀତିର ସଫଳତା ବୋଲି ମଧ୍ୟ କହୁଛନ୍ତି। ତେବେ ଏପ୍ରକାର ନୀତି ହୁଏତ ଆଭ୍ୟନ୍ତରୀଣ ରାଜନୀତି ପାଇଁ ସହାୟକ ହୋଇପାରେ, କିନ୍ତୁ ବିଶ୍ୱ ସହ ସମ୍ପର୍କ ଯୋଡ଼ିଲାବେଳେ ଏକ ସ୍ପଷ୍ଟ ବିଦେଶ ନୀତିର ଆବଶ୍ୟକତା ରହିଛି। ପୁନଶ୍ଚ ପ୍ରଧାନମନ୍ତ୍ରୀ ବିଦେଶ ନୀତିକୁ ସମ୍ପୂର୍ଣ୍ଣ ଭାବରେ ବ୍ୟକ୍ତିକୈନ୍ଦ୍ରିକ କରିସାରିଛନ୍ତି। ଅର୍ଥାତ୍ ପ୍ରଧାନମନ୍ତ୍ରୀ ନିଜେ ହେଉଛନ୍ତି ବିଦେଶ ମନ୍ତ୍ରୀ। ବୈଦେଶିକ ବ୍ୟାପାର ଦାୟିତ୍ୱରେ ଥିବା ମନ୍ତ୍ରୀ ସୁଷମା ସ୍ୱରାଜ କେବଳ ଭିସା ଓ ବିଦେଶରେ ରହୁଥିବା ଭାରତୀୟଙ୍କ ସହାୟତା କରିବା ଛଡ଼ା ଅନ୍ୟ କୌଣସି ଦାୟିତ୍ୱ ବୁଝୁନାହାନ୍ତି। ବୋଧହୁଏ ଭାରତର ଇତିହାସରେ ସୁଷମା ହେଉଛନ୍ତି ସବୁଠୁ ଦୁର୍ବଳ ଓ ଆଢୁଆଳରେ ରହୁଥିବା ବିଦେଶ ମନ୍ତ୍ରୀ। ପୂର୍ବରୁ ବିଦେଶ ନୀତି ଓ କୂଟନୀତିକୁ ରାଜନୀତିଠାରୁ ଦୂରେଇ ରଖାଯାଉଥିଲା। କୂଟନୀତି ସହ ବୃହତ୍ତର ଭାବରେ ସରକାରୀ ଦଳର ମନ୍ତ୍ରୀ, ପ୍ରଶାସକ ଓ କୂଟନୀତିଜ୍ଞ, ବିରୋଧୀ ଦଳର ପ୍ରତିନିଧି ଓ ସାମ୍ବାଦିକମାନଙ୍କର ଯଥେଷ୍ଟ ଭୂମିକା ରହୁଥିଲା। ବର୍ତ୍ତମାନ ସମୟରେ ପ୍ରଧାନମନ୍ତ୍ରୀ ବିଦେଶ ନୀତିକୁ ନିଜର ବ୍ୟକ୍ତିଗତ ରାଜନୈତିକ ଗୋଟିଚାଳନା ଭାବରେ ବ୍ୟବହାର କରୁଛନ୍ତି। ବିରୋଧୀ ଦଳ କଥା ଛାଡ଼ନ୍ତୁ, ସାମ୍ବାଦିକମାନେ ଏବେ ବିଦେଶ ନୀତି ସହ ସମ୍ପୃକ୍ତ ନୁହନ୍ତି। ପୂର୍ବରୁ ପ୍ରଧାନମନ୍ତ୍ରୀଙ୍କ ଗସ୍ତ ସମୟରେ ଏକ ସାମ୍ବାଦିକ ପ୍ରତିନିଧି ଦଳ ପ୍ରଧାନମନ୍ତ୍ରୀଙ୍କ ସହ ସାମିଲ୍ ହେଉଥିଲେ। ଏବେ ପ୍ରଧାନମନ୍ତ୍ରୀ ସେହି ପରମ୍ପରାକୁ ଭାଙ୍ଗି ଦେଇଛନ୍ତି। ଏବେ ବିଦେଶ ନୀତିର କେନ୍ଦ୍ର ଓ ପରିଧିରେ କେବଳ ନରେନ୍ଦ୍ର ମୋଦି ହିଁ ରହିଛନ୍ତି। ଯାହାର ପରିଣତି ସ୍ୱରୂପ ଭାରତର ଚିତ୍ର ମଧ୍ୟ ଠିକ୍ ସେମିତି ଦେଖାଯାଉଛି। ଆମେ ଆମେରିକା ଓ ଇସ୍ରାଏଲ୍ ସହ ବନ୍ଧୁ ବାନ୍ଧିବାକୁ ଯେତିକି ତତ୍ପର, ଚୀନ୍ ଓ ପାକିସ୍ତାନ ସହ କଳି କରିବାକୁ ଠିକ୍ ସେତିକି ଆଗ୍ରହୀ। ଆଜିର ବିଦେଶ ନୀତି ପାଇଁ ସବୁଠୁ ମୁଣ୍ଡ ବିନ୍ଧା ହେଉଛି ପଡ଼ିଶା ସହ ସୁସମ୍ପର୍କ। ଏବେ ଲାଗୁଛି ଯେମିତି ପ୍ରତିଦିନ ଆମକୁ ଯୁଦ୍ଧ କରିବାକୁ ପଡ଼ିବ। ଏପ୍ରକାର ପରିସ୍ଥିତିରେ କୌଣସି ଦେଶ ଅଗ୍ରସର ହୋଇପାରିବ ନାହିଁ। ଯୁଦ୍ଧ ଜନିତ ପରିସ୍ଥିତି ହୁଏତ ଜଣେ ନେତାଙ୍କୁ ପ୍ରତିଷ୍ଠା ଦେଇପାରେ, ହେଲେ ଦେଶ ପାଇଁ ଏହା ଅତ୍ୟନ୍ତ କ୍ଷତିକାରକ।

ଆଜି ପାଇଁ ଆଉ ଏକ ବଡ଼ ଚିନ୍ତାର ବିଷୟ ହେଉଛି ବିଦେଶୀ ଗଣମାଧ୍ୟମର ଭାରତ ପ୍ରତି ରହିଥିବା ଆଭିମୁଖ୍ୟ। ପ୍ରଧାମନ୍ତ୍ରୀ ମୋଦିଙ୍କ ରାଜନୀତି ଓ ଅର୍ଥନୀତିକୁ ଏବେ ଅନ୍ତର୍ଜାତୀୟ ଗଣମାଧ୍ୟମ ଢେର୍ ସମାଲୋଚନା କରୁଛନ୍ତି। ନ୍ୟୁୟର୍କ ଟାଇମ୍ସ, ୱାସିଂଟନ୍ ପୋଷ୍ଟ, ଦି ଗାର୍ଡିଅନ୍, ଦି ଟେଲିଗ୍ରାଫ୍, ଫୋର୍ବସ୍ ପତ୍ରିକା, ଟାଇମ୍ସ ପତ୍ରିକା ଇତ୍ୟାଦି ଏବେ ଭାରତର କଠୋର ସମାଲୋଚକ ସାଜିଛନ୍ତି। ବିଦେଶ ନୀତି ବିଷୟରେ ଆଲୋଚନା କରୁଥିବା 'ଦ ଡିପ୍ଲୋମାଟ୍' ଭଳି ପତ୍ରିକାରେ ଏବେ ନିୟମିତ ଭାରତ ବିରୋଧରେ ଆଲୋଚନାମାନ ପ୍ରକାଶ ପାଉଛି। ଏଥିରୁ ଭାରତର ବିଦେଶ ନୀତିକୁ ବିଶ୍ୱଗଣମାଧ୍ୟମ ଆଗରେ ସଠିକ୍ ଭାବରେ ଉପସ୍ଥାପନା କରିବାରେ ଆମର ବିଫଳତା ବାରି ହୋଇପଡୁଛି। ଆମ ବିଦେଶ ନୀତିର ଆଉ ଏକ ବଡ଼ ବିଫଳତା ହେଉଛି ପାକିସ୍ତାନକୁ ଏକଘରିକିଆ କରିବାରେ ଆମର ଅସମର୍ଥତା। ମୁସଲିମ୍ ରାଷ୍ଟ୍ର ସମୂହର ସମର୍ଥନ ପାକିସ୍ତାନ ପଛରେ ରହିଥିବାବେଳେ କାଶ୍ମୀର ପ୍ରସଙ୍ଗରେ ଚୀନ୍ ଏବେ ସିଧାସଳଖ ପାକିସ୍ତାନକୁ ସମର୍ଥନ କରୁଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ପାକିସ୍ତାନ ବିରୋଧୀ ଆଭିମୁଖ୍ୟକୁ କଡ଼ାକଡ଼ି କରିଥିବାବେଳେ ଆମେରିକାର ସିନେଟ୍ କିନ୍ତୁ ପାକିସ୍ତାନ ପ୍ରତି କୋହଳ ମନୋଭାବ ପୋଷଣ କରୁଛି। ପ୍ରଧାନମନ୍ତ୍ରୀଙ୍କର ବିଦେଶ ଗସ୍ତ ସମୟରେ ପ୍ରବାସୀ ଭାରତୀୟମାନେ ବେଶ୍ ଉତ୍ସାହିତ ଓ ପ୍ରଭାବିତ ହେଉଛନ୍ତି। ତେବେ ବିଦେଶ ନୀତିର ଲକ୍ଷ୍ୟ ପ୍ରବାସୀ ଭାରତୀୟ ହେବା ଉଚିତ୍ ନୁହଁ। ଅନେକ ସମୟରେ ଲାଗୁଛି, ପ୍ରଧାନମନ୍ତ୍ରୀ ଯେମିତି ନିର୍ବାଚନ ପ୍ରଚାର କରିବାକୁ ଆମେରିକା ବା ଇସ୍ରାଏଲ୍ ଯାଉଛନ୍ତି। ତେବେ ଆମେ ସାଧାରଣ ଜନତା ଏତିକି ଜାଣୁ ଯେ, ବିଦେଶ ନୀତିର ଏକମାତ୍ର ଲାଭ ଆମକୁ ଶାନ୍ତି ଓ ସୌହାର୍ଦ୍ଦ୍ୟ ମାଧ୍ୟମରେ ମିଳିବା ଉଚିତ୍। ଯଦି ତାହା ଘଟୁନାହିଁ, ତା'ହେଲେ ସେ ବିଦେଶ ନୀତି ସଫଳ ବୋଲି ଆମେ କହିପାରିବୁ ନାହିଁ।

ମୋ : ୯୪୩୭୧୫୪୪୪୫

# ସୁରକ୍ଷିତ ପରିବେଶ ପାଇଁ ଅନୁଚିନ୍ତା



ଭାସ୍କରଚନ୍ଦ୍ର ପ୍ରଧାନ

**ଦି**ନକୁ ଦିନ ବଢୁଛି ଇଲୋକଟ୍ରୋନିକ ଦ୍ରବ୍ୟର ଚାହିଦା। ଖରାପ ହୋଇଗଲେ ସାଙ୍ଗେ ସାଙ୍ଗେ କିଣି ଦେଉଛୁ ଓ ଖରାପ ହୋଇଗଲେ ଆମେ ଫୋପାଡ଼ି ଦେଉଛୁ। କିନ୍ତୁ ଖରାପ ଉପକରଣକୁ ସଜାଡ଼ିବା ବା ସଂପୂର୍ଣ୍ଣ ଖରାପ ଅଥବା ଆଉ ଏହା କାର୍ଯ୍ୟରେ ଲାଗିବ ନାହିଁ। ଏହାକୁ ଆମେ କଣ କରିବା ବୋଲି ଚିନ୍ତା ମଧ୍ୟ କରୁନାହେଁ। ଏହା କେତେ ଦୂର ଆମର ସ୍ୱାସ୍ଥ୍ୟ, ପରିବେଶ ସହ ଶିଶୁ ଓ ମହିଳାମାନଙ୍କ ପାଇଁ କ୍ଷତିକାରକ ସେ ବାବଦରେ ମଧ୍ୟ ବିଚାର କରୁନାହେଁ। ଯାହାକି ଆମର ମାଟି, ପାଣି ଓ ପବନ ପାଇଁ ବିପଦପୂର୍ଣ୍ଣ ହେବାରେ ଲାଗିଛି। ଏଭଳି ଏକ ପ୍ରଦୂଷିତ ବଳୟରେ ଆମେ ଆଗାମୀ ଦିନ ମାନଙ୍କରେ ହଜିଯିବା। ଯଦି ଏବେ ଠାରୁ ଇ-ବର୍ଯ୍ୟର ସଠିକ୍ ସୁପରିଚାଳନା ନକରିବା। ପରିବେଶ ସୁରକ୍ଷା, ସବୁଜ ଭୁବନେଶ୍ୱର ଗଢ଼ିବା ପାଇଁ ଆମ୍ଭମାନଙ୍କର ଦାୟିତ୍ୱ ରହିଛି, ଅହରହ ସଚେତନତା ଚାଲିଥିବା ବେଳେ ଦିନକୁ ଦିନ ପାଣି, ଡ୍ରେନେଜ୍, ପାର୍କିଂ, ଗମନାଗମନ ସମସ୍ୟା ବଢିବାରେ ଲାଗିଛି। ସ୍ମାର୍ଟ ସିଟି ମଧ୍ୟରେ ସ୍ମାର୍ଟ ଗନ୍ଧ ବାହାରୁଛି। ମହାନଗର ନିଗମର ଅଳିଆ ଗାଡି ଚାଲିଗଲାବେଳେ ଯେକେହି ଅନୁଭବ କରିପାରୁଥିବେ ଏବଂ ନାକରେ ହାତ ଦେବା ପାଇଁ ବାଧ୍ୟ ମଧ୍ୟ ହେବେ। ଏଭଳି ଏକ ଦୋ-ଛକିରେ ଦଣ୍ଡାୟମାନ ଅବସ୍ଥାରେ ରହିବାକୁ ପଡୁଛି। ଦିନକୁ ଦିନ ଜନସଂଖ୍ୟା ଆଧାରରେ ଇଲୋକଟ୍ରନିକ ଉପକରଣର ବ୍ୟବହାରର ଏତେ ପରିମାଣରେ ବଢ଼ିଛି ଯେ ସମସ୍ତେ ଜାଣିପାରୁଥିବେ। ଘରେ ଘରେ ମୋବାଇଲ, ଲାପଟପ, ଫ୍ରିଜ୍, ୱାସିଙ୍ଗମେସିନ୍, କୁଲର ର ଆସର। ଯଦି କୌଣସି ଗୋଟିଏ ଉଣା ହୋଇଗଲା କଥା ସରିଗଲା। କହିବାକୁ ଗଲେ ଇଲୋକଟ୍ରନିକ୍ ଉପକରଣକୁ ଛାଡ଼ି ଆଜିର ଜୀବନ ଯାପନ କଷ୍ଟ ସାପେକ୍ଷ। କିନ୍ତୁ କଥା ସରିଗଲା। ଏହି ଉପକରଣ ଖରାପ ହୋଇଗଲେ ଆମେ ଘରେ ସାଇତି ରଖୁ ଅଥବା କେଉଁ କବାଡିଆ ବାଲାଙ୍କୁ ବିକ୍ରୀ କରିଦେଉ। ଦେଖିବାକୁ ଗଲେ ବୈଜ୍ଞାନିକ ପଦ୍ଧତିରେ କବାଡିଆ ବାଲା ଖରାପ ଇଲେକ୍ଟ୍ରୋନିକ୍ ଉପକରଣକୁ ସଠିକ୍ ନିସ୍ତାରଣ କରିନଥାଏ। ଯାହା ଫଳରେ ବାୟୁ, ଜଳ, ମୃତ୍ତିକା ପ୍ରଦୁଷିତ ହୋଇଥାଏ। ବିଶେଷ କରି ଏହା ସମସ୍ତ ଜନସମାଜ, ବୃକ୍ଷ ଜଗତ ଓ ପଶୁପକ୍ଷୀ ମାନଙ୍କୁ ମୃତ୍ୟୁର ଦ୍ୱାର ଦେଶକୁ ଠେଲି ଦେଇଥାଏ। ଏଥିପାଇଁ ସମସ୍ତଙ୍କୁ ସଚେତନତା ହେବାକୁ ପଡ଼ିବ। ନଚେତ ଆଗାମୀ ବଂଶଧର ମାନଙ୍କ ଭବିଷ୍ୟତ ଅନ୍ଧାକାରମୟ ଦିଗକୁ ଗତି କରିବ। ଦେଖିବାକୁ ଗଲେ ସାରା ଭାରତ ବର୍ଷରେ ୮ଲକ୍ଷ ଟନ୍‌ରୁ ଅଧିକ ଇ-ବର୍ଯ୍ୟ ବାହାରୁଛି। ଯାହାର ଉପଯୁକ୍ତ ବିନ୍ୟାସର ଅଭାବ ବୋଧ ପରିଲକ୍ଷିତ ହେଉଛି। ଯାହାକି ଆଗାମୀ ଦିନରେ କିଏ କହିବ ଯେ, ଅଧିକରୁ ଅଧିକ ଇ-ବର୍ଯ୍ୟ ନ'ବାହାରିବ ଓ ଇ-ବର୍ଯ୍ୟର ପାହାଡ ସୃଷ୍ଟି ନ'ହେବ। ଏଥିପ୍ରତି ସମସ୍ତଙ୍କୁ ସାବଧାନ ହେବାକୁ ପଡ଼ିବ। ଇ-ଆବର୍ଜନାରେ ୧୦୦୦ରୁ ଉର୍ଦ୍ଧ୍ୱ ବିପଦ ଜନକ ବା ଅଣବିପଦ ଜନକ ଜିନିଷ ରହିଛି। ମୁଖ୍ୟତଃ ଲୌହ ଓ ଅଣଲୌହ ପଦାର୍ଥ ଯଥା-ତମ୍ବା, ଆଲୁମିନିୟମ ଓ ମୁଲ୍ୟବାନ ଧାତୁ - ରୂପା, ପ୍ଲାଟିନମ୍, ସୁନା, ପାଲାଡିୟମ ଇତ୍ୟାଦି। ପ୍ଲାଷ୍ଟିକ, କାଚ, କାଠ, ରୂପା, ଛପା ଯାଇଥିବା ସର୍କିଟବୋର୍ଡ, ରବର, ଚିନାମାଟି ଆଦି ରହିଥାଏ। ଏହା ବ୍ୟତୀତ ସୀସା, ପାରଦ, ଆର୍ସେନିକ୍, କ୍ରୋମିୟମ୍, କ୍ରୋମ୍, ଇତ୍ୟାଦିର ଉପସ୍ଥିତି ଫଳରେ ଇ-ଆବର୍ଜନା ବିପଦଜନକ ହୋଇଥିବା ବେଳେ ଉପରୋକ୍ତ ମୂଲ୍ୟବାନ ଧାତୁ ଗୁଡ଼ିକ ଥିବାରୁ ଏହି ଆବର୍ଜନା ମଧ୍ୟ ମୂଲ୍ୟବାନ ବସ୍ତୁର ଉତ୍ସ ଭଳି ବିବେଚିତ ହୋଇଥାଏ।

ଉପଯୁକ୍ତ ମାନର ପରିବେଶୀୟ ଜ୍ଞାନ କୌଶଳ ଅଭାବରୁ ଅଂଶକୁ ଅନୌପଚାରିକ ପୁନଃପ୍ରକ୍ରିୟାକରଣ ପରିବେଶର କ୍ଷତି ଘଟାଇବା ସହ ମଣିଷ ସ୍ୱାସ୍ଥ୍ୟପ୍ରତି ବିପଦ ସୃଷ୍ଟି କରୁଛି। ଯଦି ଏହି ପ୍ରକାର ପୁନଃ ପ୍ରକ୍ରିୟାକରଣ ଜାରି ରହେ ତେବେ ଇ-ଆବର୍ଜନାରେ ରହିଥିବା ମୂଲ୍ୟବାନ ପଦାର୍ଥ ସ୍ୱଳ୍ପ ପରିମାଣରେ ସଂଗୃହୀତ ହେବା ସହିତ ପରିବେଶର ପ୍ରଭୃତି କ୍ଷତି ଘଟାଇବାର ସମ୍ଭାବନା ମଧ୍ୟ ରହିଛି।

ଏଦିଗରେ ଆଇନ ରହିଥିଲେ ମଧ୍ୟ ସଚେତନତାର ଅଭାବ ଫଳରେ ଅଧିକାଂଶ ଜନସାଧାରଣ ଏ ବାବଦରେ ଜାଣିପାରୁ ନାହାନ୍ତି। ଯାହାଫଳରେ ସମସ୍ୟାର ସମାଧାନ ହୋଇପାରୁ ନାହିଁ। ତେଣୁ ଏ ଦିଗରେ ଇ-ଆବର୍ଜନାରେ ଜଡ଼ିତ ସମସ୍ତଙ୍କୁ- ଉତ୍ପାଦନକାରୀ, ମୁଖ୍ୟ ଖାଉଟି, ସଂଗ୍ରହ କେନ୍ଦ୍ର, ବିନିଷ୍ଟକାରୀ, ଓ ପୁନଃ-ପ୍ରକ୍ରିୟାକାରୀ ମାନଙ୍କୁ ଆଇନ ବାବଦରେ ସଚେତନ କରାଯିବା ଦରକାର ଓ ପରିବେଶର ସୁରକ୍ଷା ପାଇଁ ସମସ୍ତେ ଚେଷ୍ଟିତ ହେବା ବିଧେୟ। ସ୍ମାର୍ଟ ସିଟି ଭୁବନେଶ୍ୱର ପାଇଁ ଇ-ବର୍ଯ୍ୟର ସ୍ମାର୍ଟ ଉପଚାର ଜରୁରୀ। ଭୁବନେଶ୍ୱର ମହାନଗର ନିଗମ ତରଫରୁ ଇ-ବର୍ଯ୍ୟର ସୁପରିଚାଳନା ନିମନ୍ତେ ବ୍ୟାପକ ବ୍ୟବସ୍ଥା କରାଯିବା ଦରକାର। ଜନସାଧାରଣଙ୍କୁ ସୁହାଇଲା ଭଳି ଆବଶ୍ୟକୀୟ ସଂଗ୍ରହ କେନ୍ଦ୍ର ଖୋଲାଯିବା ଦରକାର। ଏ ଦିଗରେ ପରିବେଶ ବିଭାଗ ଓ ରାଜ୍ୟ ପ୍ରଦୂଷଣ ଓ ନିୟନ୍ତ୍ରଣ ବୋର୍ଡ଼ ତିକ୍ଷଣ୍ ନଜର ଦେଲେ ଇ-ବର୍ଯ୍ୟର ସୁପରିଚାଳନା ସଠିକ ହୋଇପାରିବ ବୋଲି ଆଶା କରାଯାଇପାରେ।

ଭୁବନେଶ୍ୱର

# ନାଲିବତୀକୁ ବନ୍ଦ, ଚାଲିଛି ନାଲିଆଖିର ରାଜ୍



ନିଶିକାନ୍ତ ପାଢୀ

**ସ**ରକାର ଭାବି ନେଇଛନ୍ତି ଗାଡିରୁ ନାଲିବତୀ କାଢିନେଲେ ଭିଆଇପି, ମନ୍ତ୍ରୀ ଓ ସାଧାରଣ ଜନତାଙ୍କ ମନରେ ଦୂରତା କମିଯିବ ଆଉ ନେତା ଓ ମନ୍ତ୍ରୀ ତଥା ଭିଆଇପି ମାନେ ସର୍ବସାଧାରଣଙ୍କର ନିକଟତର ହୋଇ ସେମାନଙ୍କର ସମସ୍ୟାକୁ ବୁଝି ସମାଧାନର ପନ୍ଥା ନିର୍ଦ୍ଧାରଣ କରିବେ। ପୋଷାକ ବଦଳାଇ ଦେଲେ ଚେହେରା ସିନା ବଦଳି ଯାଏ। ଭାବମୂର୍ତ୍ତିଟାରେ ସିନା ପରିବର୍ତ୍ତନ ଆସିଥାଏ ହେଲେ ବଦଳି ନ ଥାଏ ଚରିତ୍ର କି ବଦଳି ନ ଥାଏ ଗୁଣ। ସାଂପ୍ରତିକ ସମାଜରେ ଅନେକ ଭଦ୍ର ଲୋକର ମୁଖା ପିନ୍ଧି, ଗୀତା ରାମାୟଣ ତଥା ଉପନିଷଦର କଥା କହି ଗାନ୍ଧୀ ଗୋପବନ୍ଧୁ, ଚର୍ଚ୍ଚିଲ୍, ରଷୋ ତଥା ବିବେକାନନ୍ଦଙ୍କର ଜୀବନ ଦର୍ଶନ ଶୁଣାଇ ଏ ସମାଜର ତଥା ଏ ମଣିଷମାନଙ୍କର ସର୍ବନାଶ କରିଚାଲିଛନ୍ତି। କେତେଦିନ ଆମେ ଗୋଟିଏ ପ୍ରହସନକୁ ଆପଣେଇ ଗୋଟିଏ ପ୍ରହେଳିକାମୟ ଦେଶ ଓ ସମାଜରେ ବସବାସ କରିବା। କେନ୍ଦ୍ରମନ୍ତ୍ରୀଙ୍କ ନାଲିବତୀ ବନ୍ଦର ନିୟମ ଖୁବ୍ ସ୍ୱାଗତଯୋଗ୍ୟ। ହେଲେ ମାନ୍ୟବରଙ୍କର ମନ ଓ ହୃଦୟ ବଦଳିଲେ ତ। ମାନ୍ୟବର ଆସୁଛନ୍ତି ବିନା ନାଲିବତୀ ଗାଡିରେ। ଛକର ତିନିପଟୁ ଯାଆସ ବନ୍ଦ। କିଏ ପଶିଗଲା ତ ପୋଲିସବାଲାଙ୍କ ମୁହଁରୁ ଶଳା ...... ଗାଁରୁ ଆଇଛି ବେ, ମାନ୍ୟବର ଗଲେ। ଆଗରେ ପଛରେ ଆଠଦଶଟା ଏସକର୍ଟ ଗାଡି। ତଥାପି ଛକ ବନ୍ଦ। ଆଖି ଆଗରୁ ମାନ୍ୟବରଙ୍କର ଗାଡି ଅଦୃଶ୍ୟ ହେବା ପର୍ଯ୍ୟନ୍ତ ତୁମମାନଙ୍କ ଛିଡା ହେବାକୁ ପଡିବ। ଗର୍ଭଣୀ ଛକରେ ଛୁଆ ପ୍ରସବ କରୁ ଅଥବା ଛାତ୍ରଛାତ୍ରୀମାନଙ୍କର ପରୀକ୍ଷା ଦଶପନ୍ଦର ମିନିଟ୍ ବିଳମ୍ବ ହୋଇଯାଉ ଅଥବା ଇଣ୍ଟରଭ୍ୟୁର ସମୟ ଚାଲିଯାଉ କିମ୍ବା ଟ୍ରେନ୍ ଟାଇମ୍ ଗଡିଯାଉ ମାନ୍ୟବର ଯେତେବେଳେ ଯାଉଛନ୍ତି ଆମ୍ଭମାନଙ୍କୁ ଅନ୍ଧଭାବେ ଗୋଟିଏ ନିୟମକୁ ଜବରଦସ୍ତ ମାନିବାକୁ ହେବ। ଏହି ବିଷୟକୁ ଚର୍ଚ୍ଚାର ପରିସର ଭିତରକୁ ଆଣିଲେ ଆମେ ନିଶ୍ଚୟ ଆଶ୍ଚର୍ଯ୍ୟ ହେବା ଯେ ନାଲିବତୀକୁ ବନ୍ଦ କରିବାର ଅର୍ଥଟା ବା କଣ। ଯଦି ଗୋଟିଏ ନିୟମକୁ ବଦଳାଯାଉଛି ତାହେଲେ ଦେଶ ଓ ସମାଜର ମଙ୍ଗଳ ପାଇଁ କାହିଁକି ଆଉ ପାଞ୍ଚଟି ନିୟମକୁ ବଦଳାଇ ହେବ ନାହିଁ। ଗଣତନ୍ତ୍ରର ସରକାର ଯେଉଁ ଜନସାଧାରଣମାନଙ୍କର ମତାମତକୁ ନେଇ ଗଠନ କରାଯାଇଥାଏ। ସେହି ସରକାର ଅଥବା ସେହି ଜନପ୍ରତିନିଧିମାନେ ଚଉକି ପାଇଗଲା ପରେ କାହିଁକି ଗୋଟିଏ ମାଇଲ ଦୂରତା ସୃଷ୍ଟିକରନ୍ତି ଗୋଟିଏ ସାଧାରଣ ମଣିଷ ଆଉ ନିଜ ଭିତରେ। ପ୍ରତିଶୃତି ଆଉ ଇସ୍ତାହାର ମାନ କାହିଁକି ଫମ୍ପା ଆବାଜ ପରି ମନେହୁଅନ୍ତି। ଆଜିର ସମାଜରେ ଜଣେ ଦରିଦ୍ର ନାଗରିକ ଅଥବା ଜଣେ ଗରୀବ ଚାଷୀ ଯଦି ମୁଖ୍ୟମନ୍ତ୍ରୀକୁ ଦେଖାକରିବାକୁ ବହୁ କଷ୍ଟରେ ଭୁବନେଶ୍ୱର ଆସୁଛି ତାକୁ ଦେଖାଦେବାର ସୁଯୋଗ ଦେବା ତ ଦୂରର କଥା ବରଂ ତାକୁ ମାନସିକ ଯନ୍ତ୍ରଣା ଦିଆଯାଉଛି। ସୋପାନ ପରେ ସୋପାନ ସୃଷ୍ଟିକରି ଅଯଥା ପ୍ରଶ୍ନବାଣରେ ତାର ଜୀବନ ତନ୍ତ୍ରୀକୁ ଦୋହଲାଇ ଦିଆଯାଉଛି। ତେବେ ସେ କଣ ଏଇଥି ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଭୋଟଖଣ୍ଡେ ଦେଇଥିଲା। ଏହା ହୁଏତ ଗୋଟିଏ ଉଦାହରଣ ହୋଇପାରେ। ଏହିପରି ଶହ ଶହ ଉଦାହରଣ ରହିଛି ଯାହାକୁ ଆମେ ଟିକେ ଅନୁଧ୍ୟାନ କଲେ ଆମ ଚାରିପାଖର ପରିବେଷ୍ଟନୀ ମଧ୍ୟରେ ପାଇ ପାରିବା। ଗାଁରେ କିଛି ପ୍ରଗତମୂଳକ କାମ ପାଇଁ ଯୁବକମାନେ ଜିଲ୍ଲାପାଳଙ୍କୁ ଦେଖାକରିବାକୁ ଗଲାବେଳେ ଦର୍ଶନ ମିଳୁନି ସାର୍ ଟୁରରେ ଅଛନ୍ତି। ସାର୍ ଦିଲ୍ଲୀ ଯାଇଛନ୍ତି, ସାର୍ ବିଦେଶରେ ଟ୍ରେନିଂରେ ଅଛନ୍ତି। କିନ୍ତୁ ସାର୍ ଘରେ ଶୋଇ ଟିଭି ଆଗରେ ରିମୋଟ ଚିପୁଥିବେ। ପାଖରେ ଶାଳୀ ଗୋଡ ମାଲିସ୍ କରୁଥିବେ. କି ନ ହେଲେ ସାରେ କବିତା ଲେଖାରେ ବ୍ୟସ୍ତଥିବେ। ଜୟଦେବ ଭବନରେ ସାହିତ୍ୟ ସଂଗଠନର ବାର୍ଷିକ ଉତ୍ସବରେ ସାର୍‌ଙ୍କୁ ମୁଖ୍ୟଅତିଥି ଭାବେ ନିମନ୍ତ୍ରଣ ଅଛି। ସାର୍‌ଙ୍କ ଗାଡିରେ ନାଲିବତୀ ଆଉ ନାହିଁ। ହେଲେ ସାରଙ୍କର ନାଲି ଆଖିକୁ ତଳ ମହଲର ଚାମଚାମାନଙ୍କର ଭାରି ଡର। ସେହିପରି ପ୍ରତ୍ୟେକଟି ସ୍ତରରେ ବଡ ବଡିଆ ବାବୁମାନେ ନିଜର ପଦ ପଦବୀକୁ ଅହଂ ଭାବର ସହିତ ଜାବୁଡ଼ି ଧରି ସମାଜର ସାଧାରଣ ଲୋକମାନଙ୍କର ସେବା କରୁଛନ୍ତି। ହେଲେ ସାଧାରଣ ଲୋକମାନଙ୍କଠାରୁ ସେମାନେ ଯଥେଷ୍ଟ ଦୂରତା ଅବଲମ୍ବନ କରୁଛନ୍ତି ଯାହାଫଳରେ ଲୋକମାନେ ନିଜର ସ୍ୱାର୍ଥ, ଅଧିକାର ତଥା ନ୍ୟାୟରୁ ବଞ୍ଚିତ ହେଉଛନ୍ତି। ତେଣୁ ଖାଲି ନାଲିବତୀ ଯେ କାଢିଦେଲେ ସମାଜର ତଳ ପାହାଚର ମଣିଷମାନେ ଯେ ଉପକୃତ ହେବେ ତାହା ଠିକ୍ ନୁହେଁ। ମାନ୍ୟବରଙ୍କୁ ତଥା ବଡ ହାତୀମାନଙ୍କୁ ନାଲିଆଖି, ଅହଂ ତଥା ମୁରବୀ ପଣିଆର ଖୋଳପାଗୁଡିକରୁ ନିଜ ନିଜକୁ ମୁକ୍ତକରି ଲୋକମାନଙ୍କ ପାଖରେ ପହଞ୍ଚିବାକୁ ହେବ। ସେମାନଙ୍କ ସହିତ ମିଶି ସେମାନଙ୍କର ଭଙ୍ଗା କୁଡିଆର ଗୋବର ଲିପା ପିଣ୍ଡାରେ ବସି ସେମାନଙ୍କର ଅସୁବିଧା ବୁଝିବାକୁ ହେବ। ସରକାରୀ ସୁବିଧାମାନ ପ୍ରକୃତରେ ସେମାନଙ୍କ ପାଖରେ ପହଞ୍ଚି ପାରୁଛି କି ନାହିଁ। ଇନ୍ଦିରା ଆବାସ, ଉଜ୍ଜଳା, ବିଜୁ ଜ୍ୟୋତି ପରି ଯୋଜନାମାନଙ୍କ ବିଷୟରେ ଲୋକମାନେ ଅବଗତ ନା ନାହିଁ। ତହସିଲ, ବ୍ଲକ୍ ତଥା ଡାକ୍ତରଖାନାମାନଙ୍କରେ ଲୋକମାନଙ୍କୁ ଉପଯୁକ୍ତ ସେବା ମିଳୁଛି ନା ନାହିଁ। ବିଦ୍ୟାଳୟମାନଙ୍କରେ ଶିକ୍ଷକମାନେ ଠିକ୍ ପାଠ ପଢଉଛନ୍ତି ନା ନାହିଁ। ଆମ୍ଭସାଡାର କାର୍ କି ହେଲିକପ୍ଟରରେ ଗଲେ ଜନସାଧାରଣ ଡରିଯିବେ ସିନା ସମସ୍ୟା ବିଷୟରେ ମୁହଁ ଖୋଲିବେ ନାହିଁ। ତେଣୁ ସାଧାରଣ ଜନତାଙ୍କ ପରି ଦରକାର ପଡିଲେ ଚାଲି ଚାଲି ଓ ଘର ଘର ବୁଲି ଲୋକମାନଙ୍କର ସମସ୍ୟା ବୁଝିବାକୁ ହେବ। ଭିଡିଓ କନଫେରେନ୍ସ ନୁହେଁ କି ସମ୍ବାଦପତ୍ର ଖବର ପଢି ନୁହେଁ। ନିଜେ ହିଁ ପହଞ୍ଚିବାକୁ ହେବ କର୍ମକ୍ଷେତ୍ରରେ। ହେଲେ କେତେଜଣ ବା ଗୋପବନ୍ଧୁ ଆମପାଖରେ ଅଛନ୍ତି ଯେଉଁମାନେ ଏପରି କାର୍ଯ୍ୟରେ ସାମିଲ ହୋଇ ମହାପୁରୁଷ ପାଲଟିବେ। ଦିଲ୍ଲୀଠାରୁ ପଲ୍ଲୀ ପର୍ଯ୍ୟନ୍ତ ଆଜି ଯେଉଁ ପ୍ରହସନ ଚାଲିଛି ସେଥିରେ ବାଜିମାତ୍ ମାରୁଛି ରାଜନୀତି। ରାଜନୀତିର ପଶାପାଲିରେ ଗୋଟି ହୋଇ ଗଡୁଛନ୍ତି ଜନସାଧାରଣ। ରାଜନୈତିକ ଛକା ପଞ୍ଝାରେ ନିଷ୍ପେସିତ ହେଉଛନ୍ତି କୋଟି କୋଟି ଭାରତୀୟ ତଥାପି ନିୟମମାନ ଭଙ୍ଗାହେଉଛି ଗଢାହେଉଛି। ଯୋଜନା ଗଢା ହେଉଛି ପୁଣି ଭଙ୍ଗା ହେଉଛି। ହେଲେ ବଦଳୁନି ମଣିଷମାନଙ୍କର ଚିନ୍ତା ଓ ଚେତନା, ମନ ଓ ହୃଦୟ। ତଥାପି ଆମେ କହୁଛେ ଏ ଦେଶ ଆଗଉଛି, ଏ ଦେଶ ଆଗଉଛି, ଏ ଦେଶ ଆଗଉଛି।

୩୯୦/୨୪୮,
ଓ୍ୱାରସିଟି, ଲକ୍ଷ୍ମୀସାଗର, ଭୁବନେଶ୍ୱର

ଆମ ଠିକଣା
ଏକମାତ୍ର
ସମ୍ପାଦନା କାର୍ଯ୍ୟାଳୟ
ଏଚଆଇଜି-୧୩୭,
ଧର୍ମବିହାର, ଖଣ୍ଡଗିରି
ଭୁବନେଶ୍ୱର-୩୦
ଦୂରଭାଷ :
୦୮୭୬୩୩୬୮୦୨୯
୦୭୦୦୮୩୪୦୩୮୯



**କ୍ଷୀରୋଦ ଦାସ**
ମୋ : ୯୪୩୭୧୬୩୦୦୨
ମେଲ୍ : khirod65@gmail.com

# ବେଦନାର ବେଦ (୩୦)



ଧାରାବାହିକ ଉପନ୍ୟାସ

> ମାଟିମନସ୍କ, କଥକତା, ସ୍ମୃତିସଜଳ କାହାଣୀ ଅବତାରଣା, ବଳିଷ୍ଠ କାହାଣୀଧର୍ମିତା, ଚମତ୍କାର ଉପମାଯୁକ୍ତ ଭାଷାବିନ୍ୟାସ ତଥା ଅପୂର୍ବ କ୍ଷୀରୋଦୀୟ ଶୈଳୀରେ ଲିଖିତ ଗାଳ୍ପିକ କ୍ଷୀରୋଦ ଦାସଙ୍କ ଗଳ୍ପ ଓ ଉପନ୍ୟାସ ଅଗଣିତ ପାଠକଙ୍କୁ ମୋହାବିଷ୍ଟ ତଥା ମନ୍ତ୍ରମୁଗ୍ଧ କରିବା ସହିତ ଏକ ଅନନ୍ୟ ଉପଲବ୍ଧିରେ ବିଗଳିତ କରି ପକାଇବାର ସାମର୍ଥ୍ୟ ରଖେ। ପ୍ରାୟ ୧୪ଖଣ୍ଡ ଗଳ୍ପ ସଂକଳନ ଏବଂ ୩ଟି ଅନନ୍ୟ ଉପନ୍ୟାସର ରଚୟିତା ସଦା ସୃଜନମଗ୍ନ ଏଇ ସ୍ରଷ୍ଟାଙ୍କ ପ୍ରତିଟି ସୃଷ୍ଟିରେ ଭରି ରହିଛି ଜୀବନ ପାଇଁ ଅସୀମ ଶ୍ରଦ୍ଧା, ଭୁଶୁଡ଼ି ପଡୁଥିବା ସମ୍ପର୍କ ଓ ମୂଲ୍ୟବୋଧ ପାଇଁ ଅସରନ୍ତି ଦରଦ ଏବଂ ଆଞ୍ଜୁଳା ଆଞ୍ଜୁଳା ଆହାପଣ।

**ଅ**ଥଚ କମଳା ଦିଦି ନଥିଲେ କେଉଁଠି। ସତେଅବା ସେ ରକ୍ତମାଂସଧାରୀ ମଣିଷଟିଏ ନୁହଁନ୍ତି, ଏକ ବାୟବୀୟ ସତ୍ତା! ଅଶରୀରୀ ଆଞ୍ଜୁଳାଏ ମଳୟ ପବନ ପରି ଅଚାନକ ଆସିଲେ, ମନ ଭିତରେ ପ୍ରତ୍ୟୟର ରୋଷଣୀ ଖଞ୍ଜିଦେଇ, ଜୀବନକୁ ମହମାନ୍ୱିତ କରିଦେଇ, ଆତ୍ମାକୁ ପବିତ୍ର କରିଦେଇ ଚାଲିଗଲେ ଚୁପ୍‌ଚାପ୍, ନୀରବରେ!!

ଧଇଁସଇଁ ହୋଇପଡୁଥିଲା ଚକ୍ରଧର। ସତେକି ସେ କୋଟି କୋଟି ମାଇଲ ବାଟ, ବିନା ବିଶ୍ରାମରେ ଦୌଡି ଦୌଡି ଏଇମାତ୍ର ଆସି ପହଞ୍ଚିଛି! ତା'ର ପୁଅକଥା ବେଶି ବେଶି ମନେ ପଡୁଥିଲା। ଫେରିଯିବ କି? ଏଠାରୁ ମାତ୍ର ଅଧାକିଲୋମିଟର ଦୂର ପତିତପାବନ ନର୍ସିଂହୋମକୁ ଫେରିଯାଇ, ପୁଅକୁ ଆଉଥରେ ଦେଖିଦେଇ, ଚମ୍ପାର ଭଲମନ୍ଦ ପଚାରିଦେଇ, ସେମାନେ ଭଲ ଅଛନ୍ତି ନା ନାଇଁ, ନିରାପଦରେ ଅଛନ୍ତି ନା ନାଇଁ, ବୁଝିଦେଇ ଫେରି ଆସିବ କି?

ଚକ୍ରଧରକୁ ଖରା କାଟିଲା। ସେ ଉପରକୁ ମୁହଁଟେକି ଚାହିଁଲା। ହେ ଭଗବାନ! ଦିନ ଆସି ଦ୍ୱିପ୍ରହର ହେବାକୁ ବସିଲାଣି। ଅଥଚ ସେ ଗାଁକୁ ଯିବ ବୋଲି, ଗାଁକୁ ଯାଇ ଟଙ୍କା ଆଣି ସଂଧ୍ୟା ସୁଧା ଫେରିଆସିବ ବୋଲି ଚମ୍ପାକୁ ପ୍ରତିଶ୍ରୁତି ଦେଇ ପତିତପାବନ ନର୍ସିଂହୋମରୁ ବାହାରିଥିଲା ବଡି ଭୋରରୁ। ଟଙ୍କା ଆଣି ଆସିବା ତା'ର ନିହାତି ଜରୁରୀ। ବାର ହଜାର ସାତଶହ ଟଙ୍କା। ଡାକ୍ତର ଡିସ୍‌ଚାର୍ଜ କରିବେ। ପିଲାଛୁଆ ସଂସାରକୁ ନେଇ ସେ ଗାଁକୁ ଯିବ!

ଅଥଚ ଏତେବେଳଯାଏ ସେ ମାତ୍ର ଅଧାକିଲୋମିଟର ବାଟ ଅତିକ୍ରମ କରିଛି! ତା'ଦୁଇଗୋଡ ଖାଲି ଛନ୍ଦି ହୋଇପଡୁଛି। ଏଠି ଜୀବନ ଏତେ ବିପନ୍ନ, ଏତେ ଅସୁରକ୍ଷିତ ଯେ, ଗୋଟାଏ ମୁହୂର୍ତ୍ତ ବି ପିଲାମାନଙ୍କୁ ଏକୁଟିଆ ଛାଡ଼ିଯିବାକୁ ଆଉ ସାହାସ ପାଉନାଇଁ। କିଏ ଏଠି ଅଛନ୍ତି ତା'ର ଆପଣାର? କାହାକୁ ଏଠି ସେ ନିଜ ସଂସାରର ଦାୟିତ୍ୱ କିଛି ସମୟ ପାଇଁ ଦେଇ କହିପାରିବ - 'ହେ ଭାଇ, ମୋ ସାଂସର ତୁମକୁ ଲାଗିଲା। ସେମାନଙ୍କ ଉପରେ ଟିକେ ନଜର ରଖିଥିବ! ମୁଁ ଯାଉଛି ଗୋଟେ ଅତି ଜରୁରୀ କାମରେ। ସଞ୍ଜ ପୂର୍ବରୁ ନିଶ୍ଚେ ଫେରିଆସିବି!

ଏତେ ବଡ, ଏତେ ନିଜର ନିଜର ଲାଗୁଥିବା ଏ ପୃଥିବୀରେ, ପୋକ ମାଛି ପରି ହାଉଯାଉ ହେଉଥିବା କୋଟି କୋଟି ମଣିଷମାନଙ୍କ ଭିତରୁ କାହାକୁ ସେ କହିପାରିବ ଏଇ ଦୁଇପଦ କଥା? କିଏ କାନଇେ, ମନଦେଇ ଶୁଣିବ ତା' କଥା? କାହା ଉପରେ ଭରସା କରିହେବ ଅନ୍ତତଃ ଆଠ-ଦଶ ଘଣ୍ଟା? ଅଛନ୍ତି ଏଠି କି ସେହିପରି ଲୋକ ଜଣେ କେହି! ଅଛନ୍ତି?

ବୁଦ୍ଧିବାଟ କିଛି ଦେଖାଯାଉନଥିଲା ଚକ୍ରଧରକୁ। ଦୋ ଦୋ ପାଞ୍ଚ ହୋଇ ସେ ଚାରିପାହୁଣ୍ଡ ଆଗକୁ ଯାଉଥିଲା ତ ଏକ ଅଜଣା ଶକ୍ତି ଦ୍ୱାରା ଟାଣି ହୋଇ ଫେରିଆସୁଥିଲା ପଛକୁ। ଭିତରେ ଭିତରେ କିଛି ଗୋଟାଏ ତାକୁ ହର୍କତ କରୁଥିଲା। ତା'ଦେହ ମନରୁ ଶୋଷି ନେଉଥିଲା ସମସ୍ତ ଶକ୍ତି। ଚକ୍ରଧର ଆଉ ଚକ୍ରଧର ହୋଇ ରହିନଥିଲା। ସେ ସମ୍ପୂର୍ଣ୍ଣଭାବେ କଳବିତ ହୋଇଯାଇଥିଲା ଅଜଣା ଏକ ଦୃଷ୍ଟିଶକ୍ତି ଦ୍ୱାରା, ଯିଏ ତାକୁ ତା'ମନଇଚ୍ଛା ବ୍ୟବହାର କରୁଥିଲା।

ତା' ମୁଣ୍ଡ ଭିତରେ ଲାଗିଯାଇଥିଲା ସାଂଘାତିକ ଏକ ଗଣ୍ଡଗୋଳ, ଯାହାଦ୍ୱାରା ସେ ଆପଣାଛାଏଁ ଠେଲି ହୋଇଯାଉଥିଲା କିଟ୍‌କିଟ୍ ଅନ୍ଧାର ଭିତରକୁ।

ଟାଣ ହୋଇଗଲାଣି ଖରା। ଚୈତ୍ରମାସର ଖରା ଫଟାଇ ଦେଉଥିଲା ମୁଣ୍ଡ। ଜଳାଇ ଦେଉଥିଲା ଗଛତଳା। ଚମ୍ପା ଭାବୁଥିବ, ସେ ଯାଇ ଗାଁରେ ପହଞ୍ଚି ଯିବଣି। କେବଳ ପହଞ୍ଚି ନଥିବ, ବୋଧହୁଏ ଯୋଗାଡ କରିସାରିଥିବ ଟଙ୍କା। ଖରା ଟିକେ ନରମିଲେ ସେ ବାହାରିବ। ନା... ନା.. ଖରାତରାକୁ ଡରିବା ପରି ଲୋକ ସେ ନୁହେଁ। ପୁଅ ପଡିଛି ନର୍ସିଂହୋମ୍‌ରେ, ବାପ ଡରିବ ଖରାକୁ! କେବେ ନୁହେଁ। ସେ ବୋଧହୁଏ ଫେରିଆସିବଣି। ସଞ୍ଜ ପୂର୍ବରୁ ପହଞ୍ଚିଯିବ ଆସି ପତିତପାବନ ନର୍ସିଂହୋମ୍‌ରେ।

ଅଥଚ ପତିତପାବନ ନର୍ସିଂହୋମଠାରୁ ମାତ୍ର ଅଧାକିଲୋମିଟର ଦୂର ରାସ୍ତା ଉପରେ ସେ ନିପଟ ଖରାବେଳଟାରେ, ଏକା ଏକା ଠିଆହୋଇ ରହିଛି, କାହାକୁ ଗୋଟେ ଅପେକ୍ଷା କରିବା ପରି। ସତେଯେପରି ତା'ର କେହି ଜଣେ ଅନ୍ତରଙ୍ଗ ଆତ୍ମୀୟ ସେଠି ତାକୁ ଠିଆ କରାଇଦେଇ, ଅଭୟ ଦେଇ, ଆଶ୍ୱାସନା ଦେଇ ବାରମ୍ବାର କହିଯାଇଛି - "ତମେ ଭାଇ ଜମା ବ୍ୟସ୍ତ ହୁଅନ୍ତା। ତମେ ପରା ମୋର ସବୁଠୁ ଆପଣାର ମଣିଷ! ତମ ପାଇଁ ଏଇ ସାମାନ୍ୟ କାମଟି ମୁଁ କରିପାରିବି ନାଇଁ! ମାତ୍ର ବାରହଜାରସାତଶହ ଟଙ୍କା ତ! ଏଇଟା ତ ମୋ ପାଇଁ ବାଁ ହାତର ଖେଳ! ତମେ ଏଇଠି ଟିକେ ଠିଆ ହୋଇଥାଅ। ପାଦେ ବି ଘୁଞ୍ଚିବନି। ମୁଁ ଯାଉଛି। ଯିବି ଓ ସାଙ୍ଗେ ସାଙ୍ଗେ ଫେରିଆସିବି ତୁମ ଦରକାର ମୁତାବକ ଟଙ୍କ ପଇସା ଧରି। ବୁଝିଲି, ମୁଁ ଆସିବା ପର୍ଯ୍ୟନ୍ତ ତମେ ଏଠୁ କୁଆଡେ ଯିବନି! ଯେଉଁଠି ଠିଆହୋଇଛ, ସେଇଠି ସେମିତି ଠିଆ ହୋଇଥିବ। ମୁଁ ହୋଇଗଲି... ହେଇ ଆସିଲି!"

ରାଣ ନିୟମ ପକାଇ, ଏପରି କରିବାକୁ କେହି ତାକୁ କହିଯାଇଛି କି?

ନାଇଁ।

ତେବେ? ତେବେ କାଇଁକି ସେ ଅପରିଚିତ ସ୍ଥାନରେ, ଡହଡହ ଖରାବେଳଟାରେ, କେଉଁ ପ୍ରାପ୍ତିର ଆଶାରେ ଘଣ୍ଟା ଘଣ୍ଟା ଧରି ଠିଆହୋଇ ରହିଛି, ଯେତେବେଳେ କି ତା' ପାଇଁ ପ୍ରତିଟି ମୁହୂର୍ତ୍ତ ହିଁ ମୂଲ୍ୟବାନ!

ନିଜ ଉପରେ ଅସନ୍ତୁଷ୍ଟ ହେଲା ଚକ୍ରଧର। ଆଗକୁ ବଢ଼ିଲା। ସେ ଗାଁକୁ ଯିବ। ଆଉ ଅଧଘଣ୍ଟା ପରେ ବସ୍‌ଷ୍ଟାଣ୍ଡ। ବସ୍‌ଷ୍ଟାଣ୍ଡରୁ ନନ୍‌ଷ୍ଟପ୍ ବସ। ମାତ୍ର ତିନିଘଣ୍ଟା ପରେ ଓହ୍ଲାଇବ ପରଜଙ୍ଗ ଷ୍ଟପେଜ୍‌ରେ। ସେଠୁ ଚାଲି ଚାଲି ଗଲେ ଜମା ଘଣ୍ଟାକର ବାଟ ତା' ଗାଁ, ପାତ୍ରପଡା।

ଗାଁରେ ପହଞ୍ଚି ପ୍ରଥମେ ସେ କାହା ପାଖକୁ ଯିବ? କାହା ଆଗରେ ବଖାଣିବ ନିଜ ଦୁଃଖ? ଚକ୍ରଧର ମନେ ପକାଇବାକୁ ଚେଷ୍ଟା କଲା-ରଘୁଆ ଦାଦା .. ନୀଳା କକେଇ ... ଅଚ୍ଛୁତ ପିଇସା .. ବନା ଅଜା... ସନା ବଡବାପା .. ଶଙ୍କର ମଉସା ... ରତନା ମାମୁଁ ... ନଟ କକେଇ...୧

ଏଇ ଯେଉଁମାନେ ତା'ର ଅତି ନିକଟ ଓ ନିଜର ବୋଲି ଲାଗୁଥିଲା, ସେମାନଙ୍କୁ ମୁହଁ ଏବେ ଭାରି ଅପରିଚିତ ଲାଗୁଛି। ଯେଉଁମାନଙ୍କ ପାଟିରୁ କଥା ବାହାରିମା ମାତ୍ରେ ସେ ତାକୁ କାର୍ଯ୍ୟରେ ପରିଣତ କରି ଦେଉଥିଲା, ସେମାନେ ଏବେ ଲାଗୁଛନ୍ତି ଦୂରନ୍ତ। ଜମା ସ୍ପଷ୍ଟ ଦେଖାଯାଉ ନାଇଁ ସେମାନଙ୍କ ମୁହଁ ମେଡିକାଲ ଆସିବା ପୂର୍ବରୁ ସେମାନଙ୍କ ପାଖରେ କେତେ କାକୁତି ମିନତି ନହୋଇଛି ସେ! ନିଜ ଦୁଃଖ କହି କେତେ ଲୁହ ନ ଝରାଇଛି! ଅନେଇଲେ କି କେହି ତା' ମୁହଁକୁ? କେହି ତା'ପିଠିକୁ ଶ୍ରଦ୍ଧାରେ ଆଉଁସି ଦେଇଥିଲେ କି? ଶଳା ସମସ୍ତେ ସ୍ୱାର୍ଥପର! - ଚକ୍ରଧର ମନେ ମନେ ବିରକ୍ତି ହେଲା ଏବଂ ପ୍ରଚଣ୍ଡ ଘୃଣାରେ ଲେଣ୍ଡାଏ ଛେପ ଫୋପାଡିଲା ରାସ୍ତା ଉପରକୁ। ଫୋପାଡିଲା ଏବଂ ପାଦ ପକାଇଲା ଆଗକୁ।

ବଡ଼ ଅନିଚ୍ଛୁକ ଭାବରେ ଆଗକୁ ବଢୁଥିବା ଚକ୍ରଧରର ପାଦ ପୁଣି ଅଟକିଗଲା। ସେ ଠିଆହୋଇପଡି ପୁଣି ଗୋଟାଏ ବିଡିରେ ନିଆଁ ଧରାଇଲା ଏବଂ ଦି'ଚାରି ଶୋଠ ଧୂଆଁ ପେଟ ଭିତରକୁ ଟାଣିନେଇ ବାହାରକୁ ଛାଡି ଏପାଖ ସେପାଖ, ତଳ ଉପର, ଆଗ ପଛକୁ ଚାହିଁଲା, ଯେମିତିକି ରାସ୍ତାର ଦୁଇ ପାଖ ମାଟି, ଆକାଶରେ ଲେଖାହୋଇ ରହିଛି ତା' ସଙ୍କଟ ସମାଧାନର ସରଳ ସୂତ୍ର!!

"ଏ ରିକ୍ସା ଯିବା?" -ତା' ପାଖଦେଇ ଟିଣ୍ ଟିଣ୍ ଘଣ୍ଟିବଜାଇ ଚାଲି ଯାଉଥିବା ଗୋଟେ ରିକ୍ସାବାଲାକୁ ଅଟକାଇଲା ସେ।

'କୁଆଡେ ଯିବ?' - ରିକ୍ସାର ବେଗ କମାଇ ଜାଣିବାକୁ ଚାହିଁଲା ବୁଢ଼ା ରିକ୍ସାବାଲା ଜଣକ।

ବସ୍‌ଷ୍ଟାଣ୍ଡ।

*କ୍ରମଶଃ...*

# ଖାସ୍ ତୁମରି ପାଇଁ ହିଁ ଫେରିବି



**ପବିତ୍ର ମୋହନ କର**

**ଜା**ଣିଛି, କିଛି ବି ଫେରେଇ ପାରିବିନି
ଫେରିଯିବା ପୂର୍ବରୁ।

ମୋ ଅଯୋଗ୍ୟପଣକୁ ତମେ ପିନ୍ଧେଇଥିବା
ସଞ୍ଜବତୀର ସୌଭାଗ୍ୟ
ମୋ ବିବଶତାକୁ ବିଭୋର କରିଥିବା
ତମ ଆକାଶ ମାପର ଆଖି
ମୋ ଛଳନାରୁ ଖସି ପଡିଥିବା
ତମେ ଆଙ୍କିଥିବା ସମୟର କାତି
କାହାରି ହିସାବ ରଖିନି

ଜାଣିଛି ଫେରିଯିବି
ଅଥଚ କିଛିବି ଫେରେଇ ପାରିବିନି।

ତମକୁ ଥରୁଟେ ଛୁଇଁ ନଥିବାର
ପ୍ରିୟ ଅବସୋସ
ତମ ଚାହାଁଣିକୁ ଆଡେଇ ଯିବାର
ଅସଫଳ ପ୍ରୟାସରେ ଜିଇଁ ଥିବା
ତମାମ ଆୟୁଷ
ରାତିର ଶେଷ ପ୍ରହର ଜହ୍ନରେ
ଝାପ୍‌ସା ଦିଶୁଥିବା ତମ ମୁହଁ
ତମ ଆଖିରେ ଚିରକାଳ ସାଇତା
ମୋ ପାଇଁ ଦି'ଟୋପା ଲୁହ
କାହାରି ହିସାବ ରଖିନି

ଜାଣିଛି ଫେରିଯିବି
ଅଥଚ କିଛିବି ଫେରେଇ ପାରିବିନି।

ଋଣୀ ହେଇ ଲେଉଟିଯିବାର ଥାଏ
ଆଉଥରେ ଫେରିବାର ଗୋପନ ବାଧ୍ୟତା
ସେତିକି ହିଁ ମୋ ଅଯୋଗ୍ୟପଣର ସାର୍ଥକତା।।

*ବିଏସ୍‌ଏନ୍‌ଏଲ୍ କଲୋନୀ*
*ୟୁନିଟ୍-୮, ଭୁବନେଶ୍ୱର-୧୨*

# କୁନାବାପାଙ୍କ କୁନିକଥା ୧୩



'ଢ଼' ଶବ୍ଦରେ କୁନାବାପାଙ୍କ ଧ୍ୟାନଭଙ୍ଗ ହୋଇଗଲା। ଶବ୍ଦ ଆସୁଥିବା ଦିଗକୁ ନଜର ପକାଇ ଦେଖିଲେ, ଏକ ଅଭାବନୀୟ ଦୃଶ୍ୟ। ଷ୍ଟ୍ରିଟ୍ ଲାଇଟ୍‌ର ଖୁଣ୍ଟକୁ ଧକ୍କା ଦେଇଛି ଗୋଟିଏ ଅର୍ଦ୍ଧନୂଆ ନମ୍ବର ବିହୀନ କାର, ଆଉ ତା' ପଛକୁ ଯାତ୍ରିବାହୀ ବସ୍। ପାଖକୁ ଯାଇ ଦେଖିବା ବେଳକୁ ଅବିଶ୍ୱାସ କଲେ ନିଜ ଆଖିକୁ। ସଙ୍ଗେ ସଙ୍ଗେ ଛକପାଖରେ ଗହଳି ବଢ଼ିଗଲା, ଆଉ ଆରମ୍ଭହେଲା ଉଦ୍ଧାର କାର୍ଯ୍ୟ। ବସ୍‌ଯାତ୍ରୀ ନିଜେ ଓହ୍ଲାଇଯାଇ ଘଟଣାର ପ୍ରତ୍ୟେକ୍ଷଦର୍ଶୀ ହେବାର ସୌଭାଗ୍ୟ ଅର୍ଜନ କଲେ। ବସ୍ ଡ୍ରାଇଭର ଆଖିପିଛୁଳାକେ ଉଭାନ, ଆଉ କାର୍ ଭିତର ଡ୍ରାଇଭର ସିଟ୍‌ରୁ ଉଦ୍ଧାର ହେଲେ ଜଣେ ବୟସ୍କ। ପୋଷାକ ପରିପାଟିରୁ ସମ୍ଭ୍ରାନ୍ତ ଜଣାପଡୁଥିଲେ ଓ ମହକୁଥିଲେ ଦାମୀସେଣ୍ଟରେ ଆଉ ମୁହଁରୁ ଆସୁଥିବା ଫରେନ ଲିକର ବାସ୍ନାରେ। କାରରୁ ବାହାର କରିଥିବା ଯୁବକମାନେ ବହେ ଛେଚିଦେଇଗଲେ, ହେଲେ ବୟସର ଆଧିକ୍ୟ ଓ ଦୁର୍ଘଟଣା ଜନିତ ଆଘାତ ଯୋଗୁଁ ଯଥାଶୀଘ୍ର ଆମ୍ବୁଲାନ୍ସରେ ପଠେଇଲେ ସହର ମୁଖ୍ୟ ଚିକିତ୍ସାଳୟକୁ। ତାରି ଭିତରେ ଚାଲିଲା ଆଲୋଚନା। ସମସ୍ତେ ଆଶ୍ଚର୍ଯ୍ୟ, କାହିଁକି ଜଣେ ଆଘାତପ୍ରାପ୍ତ ବୟସ୍କଙ୍କୁ ମାଡମାରିଲେ ଉଦ୍ଧାରକାରୀ? କେହିଜଣେ ବୟସ୍କ କାର୍ ଚାଳକଙ୍କ ସମ୍ପର୍କୀୟ ଓ ପିସିଆର୍‌କୁ ଖବର ଦେଇଦେଲେ।

ଦୁଇତିନିଜଣ ବସ୍ ଯାତ୍ରୀଙ୍କଠାରୁ ଖବର ନେବା ପାଇଁ ସାମ୍ବାଦିକ ଢଙ୍ଗରେ ପ୍ରଶ୍ନକଲେ କୁନାବାପା। ଯାହା ଶୁଣିଲେ, ତାହା ଆହୁରି ହୃଦୟବିଦାରକ। କାରଟି ଏଇ ଦୁର୍ଘଟଣା ଘଟାଇବା ପୂର୍ବରୁ ଆହୁରି ଦୁଇଟଇ ଦୁର୍ଘଟଣା ଘଟାଇ ସାରିଥିଲା। ନିଶାରେ ଚୁର କାର୍ ଚାଳକ ପ୍ରଥମେ ଗୋଟିଏ ଅଟୋକୁ ଧକ୍କାଦେଲା, ଅଟୋଚାଳକଙ୍କ ରୋଷର ଶିକାର ହେବାରୁ ବର୍ତ୍ତିବା ପାଇଁ ହଠାତ୍ ଏକ ଭୁଲମୋଡ ନେଇ ଜଣେ ବାଇକ ଆରୋହୀଙ୍କୁ ଗାଡି ଚଢ଼ାଇଦେବାରୁ ବାଇକ ଆରୋହୀଙ୍କର ଅବସ୍ଥା ସଙ୍କଟାପନ୍ନ। ଅଟୋ ଏବଂ ବାଇକକୁ ଧକ୍କା ଦେବାର ଦେଖିଥିବା ବ୍ୟକ୍ତି ଆଉକିଛି ଅଘଟଣକୁ ରୋକିବା ପାଇଁ ଚେଷ୍ଟାକରି କାରର ପିଛା କଲେ। ତେଣୁ ଆଉଏକ ରଙ୍ଗ ଟର୍ଣ୍ଣରେ ଧକ୍କାହେଲା ବସ୍ ସହ। ଏସବୁ ଶୁଣି ବ୍ୟସ୍ତବିବ୍ରତ ହେଲେ କୁନାବାପା, ଆଉ ଘରକୁ ଶୀଘ୍ର ଫେରିଆସିଲେ। ବାଥରୁମରେ ଧୂଆଧୋଇ ହେଲାବେଳକୁ ମଗଟା ହାତରୁ ଖସିପଡିଲା। କୁନାବୋଉ ଠିକ ଜାଣିପାରିଲେ ଯେ, କୁନାବାପା ଟିକେ ବିବ୍ରତ ଅଛନ୍ତି। ହେଲେ କାହିଁକି? ଚା' କପଟିଏ ହାତକୁ ବଢ଼େଇ ପଚାରିଦେଲେ ବ୍ୟସ୍ତତାର କାରଣ। କୁନାବାପା ଆରମ୍ଭରୁ ଶେଷଯାଏ, ସବୁ ବଖାଣିଲେ। କୁନାବୋଉ ସବୁ ଶୁଣିସାରି ଗୋଟାଏ ଦୀର୍ଘଶ୍ୱାସ ଛାଡିଲେ, ଆଉ କହିଲେ - ଇଏ କ'ଣ ଗୋଟିଏ ମାତ୍ର ଘଟଣା ତୁମେ ଦେଖିଲ ଆଖିରେ! ଆହୁରି କେତେକଣ ଘଟଣା ମତେ ଶୁଣେଇଛ, ତେବେ ଆଜି ଏତେ ବିବ୍ରତ କାହିଁକି?

କୁନାବାପା ସେଇଠୁ କହିଲେ, ଆହେ ଏଇ ଦୁର୍ଘଟଣା କଣ ସେ ମଦୁଆ ଲୋକର ଜ୍ଞାନ ଉଦୟ କରିବ ଆଉ ସେ ମଦ ଛାଡିବ? ସବୁଦିନ ରାସ୍ତାରେ, ଡ୍ରେନ ପାଖରେ, ମଦ ଦୋକାନ ଆଗରେ ନିଶାଡି ପଡି ରହୁଛନ୍ତି। ମଦ ପିଇ, ନିଶା ବଳରେ ସବୁଦିନ ଶହଶହ ଦୁର୍ଘଟଣା, ଚୋରି, ଡକାୟତି, ଲୁଟ୍‌ରାଜ, ଗଣ ଦୁଷ୍କର୍ମ ହେଉଛି। ମଦୁଆଙ୍କ ପ୍ରାଦୁର୍ଭାବରେ ଶାନ୍ତିରେ ନିଶ୍ୱାସ ମାରିପାରୁ ନାହାନ୍ତି ସାଧାରଣ ଜନତା। ଆଉ ସରକାର ମଦରୁ ରାଜସ୍ୱ ଆଦାୟ କରି ଭରୁଛନ୍ତି ରାଜକୋଷ। କୁନାବୋଉ କଥା ଛଡେଇନେଇ କହିଲେ, ଆହେ ଏ ମଦ ବିରୋଧଇ ଆନ୍ଦୋଳନର ମଧ୍ୟ ଫଳ ଶୁନଭଳି ଲାଗୁଛି। ଦେଖୁନ, ଆମ ଗାଁରେ ମଦ ବିରୋଧୀ ଆନ୍ଦୋଳନ ହେଲା, ଆଉ ଏକମାତ୍ର ମଦ ଦୋକାନ ବନ୍ଦ ହେଲା। ହେଲେ ମଦ ରୋକାଯାଇ ପାରିଲାନି, ଏବେ ପରା ସବୁ ଦୋକାନରେ ଚୋରାମଦ ମିଳୁଛି। କୁନାବାପା ହଁ ଭରିଲେ ଆଉ ଭାବି ବସିଲେ, ସତରେ କ'ଣ ମଦରୁ ଏତେ ରାଜସ୍ୱ ଆଦାୟ ହେଉଛି ଯେ, ତାହା ମଦ୍ୟପାନ ହେତୁ ହେଉଥିବ କ୍ଷତିର ଭରଣା କରିପାରିବ? ସତରେ କ'ଣ ଆଜି କାହା ପାଇଁ ବୀରତ୍ୱ ଓ କାହା ପାଇଁ ଷ୍ଟାଟସ ସିମ୍ବଲ ପାଲଟିଥିବା ମଦର ପ୍ରଭାବକୁ କେହି ପ୍ରତିହତ କରିପାରିବ? ସତରେ କ'ଣ ଏ ମଦର ପ୍ରାଦୁର୍ଭାବ କେବେ କମିବ? ସତରେ କ'ଣ ଓଡ଼ିଶାରେ ବିହାର ଭଳି ମଦବିକ୍ରି କେବେ ସରକାର ବନ୍ଦ କରିପାରିବେ? ସତରେ କ'ଣ ମଦ ବିନା ଏଇ କିଛିଲୋକ ବଞ୍ଚିପାରିବେନି? ଏଇ ପ୍ରଶ୍ନ କ'ଣ କେବଳ କୁନାବାପାଙ୍କର?

**ସର୍ବେ ଭବନ୍ତୁ ସୁଖିନଃ।**

**- ଶାରଦା ପ୍ରସାଦ ମହାପାତ୍ର**
*ଦୂରଭାଷ : ୯୭୭୮୭୬୭୩୭୪*

# ଛାଇ ଆଲୁଅ



**ବାସନ୍ତୀଲତା ଦାଶ**

**ଦା**ଣ୍ଡମେଲାରେ ନିଶ୍ଚଳପ୍ରାୟ ପଡିରହିଥିଲେ ସୁଲୋଚନା, ପେଜୁଆ ପେଜୁଆ ଆଖିରେ ଗଭୀର ଯନ୍ତ୍ରଣାର ସମୁଦ୍ରକୁ ଧରି। ଘେରିବସିଥିଲେ ସାଇପଡିଶାର ଦଶପନ୍ଦର ପାଖାପାଖି ସ୍ତ୍ରୀ ଲୋକ। ସଦ୍ୟବିବାହିତା ଅଥବା କିଛିଦିନ ଘରକରଣା କରିଥିବା ବୋହୂମାନଙ୍କ ଠାରୁ ବୁଢ଼ୀ, ଦରବୁଢ଼ୀ ଶାଶୁମାନଙ୍କ ପର୍ଯ୍ୟନ୍ତ। ଆପଣା ମଣିଷଟିର ଦୁଃଖରେ ସମଭାଗୀ ସେମାନେ।

ଘଟଣାଟି ତ ମାମୁଲି ନଥିଲା। ଅଠେଇଶ୍ ବର୍ଷର ତାଳଗଛପରି ଡେଙ୍ଗାପୁଅ ସାଗର ଯଦି ଏକୋଇଶ ବର୍ଷର ଶଙ୍ଖପରି ଗୋରା ତକ୍‌ତକ୍ ବୋହୂ ସୁରମା ଓ ବାଳୁତ ପିଲା ଦୁଇଟିଙ୍କୁ ଛାଡ଼ି ସେ'ପୁରକୁ ଚାଲିଯିବ, ଆଖପାଖ ଦଶଖଣ୍ଡ ଗାଁର ଲୋକ ତ କାନ୍ଦିବେ। ସେ ପୁଣି ମା'। ସଂଧ୍ୟାରେ ଜର ହେଉ ହେଉ ରାତି ନ ପାହୁଣୁ ପୁଅ ଆରପାରିକୁ ଟିକେଟ୍ କାଟିବ, ଏକଥାକୁ କେବେହେଲେ ଗ୍ରହଣ କରିପାରୁନଥିଲେ ସୁଲୋଚନା। ଗୁମୁରି ଗୁମୁରି ବାହୁନା ତାଙ୍କର ଥମିବାର ନାଁ ନେଉନଥିଲା।

ଖବରପାଇ ବାପଘରୁ ଆସି ପହଞ୍ଚିଥିଲେ ତାଙ୍କର ଭାଇଭାଉଜ। ବୋହୂର ବାପା ମା' ମଧ୍ୟ ଆସିଲେ ତାଙ୍କ ପୁଅକୁ ଧରି, ହେଲେ ଯେ ଯେତେ ବୁଝାଇଲେ କି ଶୁଣନ୍ତି ସୁଲୋଚନା, ମୁହଁ ମାଡି ସେମିତି ପଡିଥାଆନ୍ତି ମେଞ୍ଚାଏ କାଦୁଅ ଭଳି। ରହିରହି କାନରେ ଖାଲି ବାଜୁଥାଏ ସାଗରର ଡାକ - ବୋଉ, କୁଆଡେ ଗଲୁ କି? ଦୁର୍ବଳ ଶରୀର ଭିତରେ ଖାଲି ଝଣଝଣ ଶବ୍ଦ। ଉଠିବାକୁ ଶକ୍ତି କାହିଁ? ଛାଇଲେଉଟା ବେଳକୁ ଅଝଟ କାନ୍ଦୁରା ପୁଅକୁ ବୋଧ କରିବା ପାଇଁ ବୋହୂଟି ବାଧ୍ୟରେ ଉଠିବସିଲା। ପେଟ ଭିତରର ଛୁଆଟା ଭୋକରେ ରଡ଼ି ଛାଡୁଥିଲା ଯେମିତି। ବୋଉ ଉଠିବାକ୍ଷଣି ଚାରିବର୍ଷର ମଲ୍ଲିଫୁଲ ପରି ଝିଅ ଜବା, ଏତେ କାନ୍ଦକଟା ଦେଖି ଯେ ଜଡ ପାଲଟି ଯାଇଥିଲା ସକାଳଟାରୁ, ହଠାତ୍ ଉଠିପଡି ସୁଲୋଚନାଙ୍କ ମୁହଁ ପାଖରେ ନଇଁ ପଡିଲା ଓ କୁନି କୁନି ହାତରେ ଆଖିରୁ ତାଙ୍କର ଲୁହପୋଛି ବସିଲା। ବାସ୍। ଏତେ ଲୋକଙ୍କର ଗୁହାରୀ ଯେଉଁଠି ହାର ମାନିଥିଲା; ନାତୁଣୀ ହାତର କଅଁଳ ସ୍ପର୍ଶରେ ବରଫ ତରଳିଲା ପରି ସବୁ ଅଭିମାନ କୁଆଡେ କେଜାଣି ମିଳେଇଗଲା। ଛୁଆଟିକୁ କୋଳକୁ ଟାଣି ନେଉନେଉ ପୁଣିଥରେ ଜୋରରେ କାନ୍ଦି ଉଠିଲେ ସୁଲୋଚନା। ଧରିତ୍ରୀକୁ ଚିରି ଆକାଶକୁ ମୁହାଁଇବାର କାନ୍ଦ ସେ। ହେଲେ ସେଥିରେ ନଥିଲା ଅସହାୟତା କି ହତାଶର ଭାବ। ପୁଅର ଅବୋଧ ସନ୍ତାନ ଦୁଇଟି ଓ ଆଗକୁ ଆସୁଥିବା ଆଉ ଗୋଟିଏ ଭବିଷ୍ୟତକୁ ମଣିଷ କରିବାର, ତାର ଉଜୁଡା ପରିବାରଟିକୁ ପୁଣି ଠିଆ କରେଇବାର ଦାୟିତ୍ୱ ସମ୍ଭାଳିବା ପାଇଁ ମନେ ମନେ କରୁଥିବା ସଂକଳ୍ପର ଅଭିବ୍ୟକ୍ତି ଥିଲା ସେ।

ସୁଲୋଚନା ଧୀରେ ଧୀରେ ଉଠିଲେ। ମନରେ ଦମ୍ଭ ଧରିଲେ। ତିନିତିନିଟି ନାତିନାତୁଣୀଙ୍କ ପଛରେ ଧାଇଁ ଧାଇଁ ସେମାନଙ୍କ ଶୈଶବର ଲୀଳାଖେଳା ଉପଭୋଗ କରୁକରୁ ସେ ପୁଣି କେତେବେଳେ ଜୀବନ ସାଉଁଟିବା ଆରମ୍ଭ କରିଛନ୍ତି ଜାଣିପାରିଲେନି। ବିପର୍ଯ୍ୟସ୍ତ ଘର କରଣାର ଅସରନ୍ତି ଜଞ୍ଜାଳ ଭିତରେ ସୁରମା ଛୁଆମାନଙ୍କର ଯତ୍ନ ଠିକ୍‌ରେ ନେଇପାରେନି। ସୁଲୋଚନା ବାଧ୍ୟ ହୁଅନ୍ତି ଅଣ୍ଟା ସଳଖିବାକୁ। ଜହ୍ନି, କଖାରୁ ଗଛରେ ରଞ୍ଜା ଦେଲାଭଳି ସୁରମା କଡରେ ସେ ଠିଆହୁଅନ୍ତି ତାକୁ ସାହସ ଦେବାପାଇଁ। ଶାନ୍ତ, ଅବିଚଳ ମେରୁ ପରି।

ସମୟ ବସିରହେନି। ତାକୁ ଅଟକାଇବା ସାଧ୍ୟ ଏ ସଂସାରରେ କାହାର ନାହିଁ। ସୁଲୋଚନାଙ୍କ ସଂସାର ଗଡିଚାଲିଲା ସୁଖଦୁଃଖ, ହସକାନ୍ଦ, ଭାବଅଭାବକୁ ସାମ୍‌ନା କରିକରି। ଜବା ତେର ଚଉଦ ବର୍ଷ ହେବା ବେଳକୁ ଖାଲି ବୁଦ୍ଧିରେ ନୁହେଁ, କାମରେ ବି ହୋଇଗଲା ବେଶ୍ ପାରିବାର। ପିଲାବେଳୁ ବାପାକୁ ହରେଇଥିବା ଦୁଃଖ ତା'ର ମନରୁ କେବେ ଲିଭେନି। କିନ୍ତୁ ସେ କଥା ଉଠାଇ ମା'ଜେଜେମା'ଙ୍କ ମନରେ ଅଧିକ କଷ୍ଟ ଦେବାକୁ ଚାହେଁନି ସେ। ସାଙ୍ଗସାଥି ଯାହା ଜାଣନ୍ତି ତା'ମନର ଦୁଃଖ। ସେମାନଙ୍କ ମେଳରେ ଖେଳିବୁଲି ଛାତିତଳର ରୁଦ୍ଧ ଯନ୍ତ୍ରଣା ପାଶୋରିବା ପାଇଁ ସେ ଚେଷ୍ଟା କରେ। ଏଣେ ନାତୁଣୀଟିକୁ ବାହା କରିଦେବା ପାଇଁ ଆଶା ବାନ୍ଧିଲେ ସୁଲୋଚନା। ଝିଅ ବାହାଘର ନେଇ ସୁରମାର ଆଖିରେ ମଧ୍ୟ ଆଖିଏ ସ୍ୱପ୍ନ। କେଉଁ ରାଇଜର ରାଜକୁମାର ଆସି ତା'ର ଅଲିଅଳି, ନିରୀମାଖି ଦୁଧଅଳତା ରଙ୍ଗର କଢ଼ିଟିକୁ ଆପଣେଇବ କେଜାଣି? ସ୍ୱପ୍ନ ସହ ଧସେଇ ଧସେଇ ପଶିଆସେ ଆଶଙ୍କାର ଢେଉ ବି। ଆଖିରେ ଜକେଇ ଆସେ ଲୁହ। ଜବା ବାହାହୋଇ ଚାଲିଗଲେ ତାକୁ ଛାଡ଼ି ସେ ବଞ୍ଚିପାରିବ ତ? ବିଚଳିତ ହୋଇ ଠାକୁରଙ୍କ ଶରଣପଶେ ସୁରମା।

ଯାହାହେଉ, ସାଇପଡିଶାଙ୍କ ସହଯୋଗ ଓ ଆଶୀର୍ବାଦରୁ ଜବାର ବାହାଘର ସ୍ଥିର ହେଲା ପାଖ ଗାଁର ଏକ ସମ୍ଭ୍ରାନ୍ତ ପରିବାରରେ। ଚଳଣି ବେଶ୍ ଭଲ। ବାପା ମା' ସାଧାସିଧା ଓ ଭଦ୍ର। ପୁଅ ମଧ୍ୟ ଠିକ୍ ସେହିପରି। ବାହାଘର ହେଇଗଲା। ଲାଲରଙ୍ଗର ପାଟପିନ୍ଧି ଦେବୀ ପ୍ରତିମା ଭଳି ଦେଖାଯାଉଥିବା ଜବା ମା'ଜେଜେମାଙ୍କୁ ଗୋଟେ ପଟେ ଲୁହରେ ଭସେଇ ଓ ଅନ୍ୟପଟେ ଆଶ୍ୱସ୍ତ ମଧ୍ୟ କରି ସ୍ୱାମୀର ହାତଧରି ଚାଲିଗଲା ଶାଶୁଘରକୁ। ପରେ ପରେ ଜ୍ୱାଇଁଙ୍କ ସହ ଯେଉଁ କେତେଦିନ ପାଇଁ ସେ ବାପଘରକୁ ଆସେ, ସେ କେତେଦିନ ସୁଲୋଚନାଙ୍କ ଅଭାବୀ ତେଲଲୁଣର ସଂସାରରେ ଖୁସିର ଲହର ଖେଳେ। ଓଠରୁ ହସ ଲିଭେନି ତାଙ୍କର। ଗୋଡ ତଳେ ଲାଗେନି ସୁରମାର। ଛୋଟ ଭାଇ ଦୁଇଟି ଫିଟା ବାଛୁରୀ ପରି ଭଉଣୀ ଭିଣୋଇଙ୍କ ଚାରିପଟେ ଧାଁ ଧପଡ କରନ୍ତି। ଗଲା ଅଇଲା ଦେଖଣାହାରୀ ଇଶ୍ୱରଙ୍କ ନିକଟରେ ବିନତି କରନ୍ତି - ପ୍ରଭୁ, ଦୁଃଖି ସଂସାରଟିରେ ଏମିତି ସୁଖ ଅନବରତ ଢାଳୁଥାଅ।

ଏଣିକି ମୁଣ୍ଡ ତଳକୁ ପୋତି ଲୋଟଣୀ ପାରା ଭଳି ଘର ଭିତରେ ରାତିଦିନ ଖଟୁଥିବା ସୁରମା ମୁଣ୍ଡରୁ ଓଢ଼ଣା କାଢ଼ି ସାଇରେ ଥିବା ଯା' ନଣନ୍ଦଙ୍କ ସହ ପଦେ ଦି ପଦ ଖୁସିରେ କଥା ହେବା ସମସ୍ତେ ଦେଖିଲେ। ସୁଲୋଚନା ମଧ୍ୟ ବିଲବାଡି ଦେଖାରଖା ଠାରୁ ବନ୍ଧୁବାନ୍ଧବ, ବାହାବ୍ରତ, ନାତିଙ୍କ ପାଠପଢ଼ା ଆଦି ବିଷୟରେ ସାଇଭାଇଙ୍କ ଉପରେ ନିର୍ଭର କରିବା ଛାଡି ନିଜେ ନିଜେ ନିଷ୍ପତ୍ତି ନେବା ଆରମ୍ଭ କଲେ। ସଂସାରର ମାୟାଜାଲରୁ ଚାହିଁଲେ ମଧ୍ୟ କେହି ମୁକୁଳିପାରେନି। ସୁଲୋଚନା ବାଦପଡିବେ କିପରି?

ଜବା ଶାଶୁଘରୁ ଦିନେ ଖବର ଆସିଲା, ତା'ର ପିଲାପିଲି ହେବ। ଶାଶୁଘରେ ବଡବୋହୂ ସେ। ଖବରଟି ନେଇ ତାଙ୍କର ଯେତିକି ଆନନ୍ଦ ବାପଘରେ ମଧ୍ୟ ସେତିକି ଖୁସି। ଏତେଦିନେ ଶାଶୁବୋହୂଙ୍କ ମନ ଉଛାଟ। ସୁଲୋଚନା ଦିନବେଳରେ ମଧ୍ୟ ସ୍ୱପ୍ନ ଦେଖନ୍ତି। ନାତି ଦୁଇଟି ଭାରି ସୁଧାର। ହେଲେ ପୁଅ ସାଗର ଭଳି ଚଞ୍ଚଳ କି ମେଳାପୀ ନୁହଁନ୍ତି। କିଏ ଜାଣେ? ଜବା କୋଳ ଧରି ସେ ପୁଣି ତାଙ୍କ ପାଖକୁ ଫେରୁନି ତ! ବୁଢ଼ୀ ଠାକୁରଙ୍କ ଉଦ୍ଦେଶ୍ୟରେ ମଥା ନୁଆଁନ୍ତି, ଭାଗ୍ୟନିୟନ୍ତା ଉପରୁ ସବୁ ଦେଖୁଥାଏ ଓ ନିରବରେ ତା'କାମ କରିଚାଲେ।

ଏଣିକି ଜବା ଆଉ ବାପଘରକୁ ଆସିପାରେନି। ବୁଢ଼ୀ ମନକୁ ବୁଝାନ୍ତି। ସୁରମା ମନକଷ୍ଟ କଲେ ତାକୁ ସାନ୍ତ୍ୱନା ଦିଅନ୍ତି। ହେଲେ ଭଲମନ୍ଦ ପିଠାପଣା ସାଇର ପୁତୁରାଟି ହାତରେ ଜବା ପାଖକୁ ପଠାଇବାପାଇଁ ଭୁଲନ୍ତି ନାହିଁ। ପୁତୁରାଟି ଜବାର ଦେହ ପା' ଖବର ଆସି ଦେବା ପର୍ଯ୍ୟନ୍ତ ଶାଶୁବୋହୂ ଚାହିଁ ବସିଥାନ୍ତି। କେତେ ଆଶା ଓ ସ୍ୱପ୍ନକୁ ସାକାର କରି ଆସୁଥିବା କୁନି ଅତିଥିଟିର ସ୍ୱାଗତ ପାଇଁ ଦୁହେଁଯାକ ମନେ ମନେ ସଜାଡି ହୁଅନ୍ତି। ଦିନେ ଟାଇଁଟାଇଁ ଖରାବେଳ। ଜବା ଶାଶୁଘରୁ କୋଠିଆ ହାତରେ ଖବର ଆସିଲା - ବୋହୂମା'ଙ୍କ ଦେହ ଖରାପ। ବସିଲା ଜାଗାରୁ ଉଠିଆସିବ। ଖବର ପାଇ ସ୍ଥାଣୁବତ୍ ଠିଆହୋଇଯାଇଥିବା ସୁରମାକୁ ହଲେଇଦେଇ ସୁଲୋଚନା ଅଗଣା ଗଛରୁ ପିଜୁଳି, ଡାଳିମ୍ବ ତୋଳିବାକୁ କହିଲେ। ଅଧଘଣ୍ଟାଏରେ ସେଇ କୋଠିଆ ସହିତ ବାହାରିଗଲେ ସେ ନାତୁଣୀ ଘରକୁ। ହେଲେ ସୁରମା ଉଠିଲାନାହିଁ ଦାଣ୍ଡପିଣ୍ଡାରୁ ନଡିଆଗଛ ଫାଙ୍କ ଦେଇ ଖୋଲା ଆକାଶ ଆଡକୁ ଚାହିଁରହିଥିଲା, ଆଖିରେ ପୁଳାଏ ଶୂନ୍ୟତା ଭରି। ସଂଧ୍ୟା ହେଲା। ସାହିର ଜଣେ ଯାଆ ସୁରମାର ପୁଅ ଦୁଇଟିକୁ ଖୁଆଇ, ଗୁହାଳ କାମ ସାରି ଯେତେବେଳେ କ୍ଷୀର ଦୁହିଁବାକୁ ଯାଏ, ସୁରମା କହିଲା - ନାନୀ, ବାଛୁରିକୁ ଆଜି ଫିଟାଇଦିଅ, ସେ କ୍ଷୀର ଖାଉ। କ୍ଷୀର ଦୁହଁନି।

ରାତି ବଢ଼ିଲା, ସୁରମା ଅଖିଆ ଅପିଆ ଦାଣ୍ଡପିଣ୍ଡାରେ ସେମିତି ଖୁଣ୍ଟକୁ ଆଉଜି ବସିଥାଏ। ସାଇପଡିଶାର କିଛି ସ୍ତ୍ରୀ ଲୋକ ଜବା ଘରୁ କିଛି ଶୁଭ ଖବର ପାଇବା ପ୍ରତୀକ୍ଷାରେ ବସିରହିଥାନ୍ତି ତା' ପାଖରେ। ରାତି ଦଶଟାରେ ଫେରିଲେ ସୁଲୋଚନା। ସାଙ୍ଗରେ ଦୁଇଜଣ ଜବା ଶାଶୁଘର ଗାଁ ଲୋକ। ତାଙ୍କର ମଳିନ, ନିଷ୍ପ୍ରଭ ଚେହେରା ଦେଖି ସୁରମା ଏକ ଅଜଣା ଆଶଙ୍କାରେ କମ୍ପି ଉଠିଲା। ପଚାରିଲା - ମୋ ଝିଅ? କିନ୍ତୁ ସୁଲୋଚନା କିଛି କହିବା ପୂର୍ବରୁ ଦୁଲ୍‌କରି ତଳେ ପଡିଗଲା ସେ। ଦାଣ୍ଡପିଣ୍ଡାର ପଥରରେ ମୁଣ୍ଡ ଛେଚି ହୋଇ ଧାରଧାର ରକ୍ତ ବୋହୁଥାଏ। ବୋହୂକୁ କୋଳକୁ ଉଠାଇ ନେଉ ନେଉ ଥରଥର କଣ୍ଠରେ କହିଲେ ସୁଲୋଚନା - ସାଗରକୁ ତୋ ଝିଅ ଆମଠାରୁ ଅଧିକ ଝୁରୁଥିଲା ନିଶ୍ଚୟ। ସେଥିପାଇଁ ଆମକୁ ଠକିଦେଇ ବାପା ପାଖକୁ ଜଲଦି ଚାଲିଗଲା ସେ। ମୁଁ ତେବେ ଆଉ ବଞ୍ଚିବି କାହିଁକି? ପୁଅ ଯାଇଥିଲା। ସୁଲୋଚନା କିନ୍ତୁ ଅଣ୍ଟା ସଳଖି ପୁଣି ଠିଆ ହୋଇଥିଲେ ବୋହୂ ଓ ତା' ବାତୁଳ ପିଲାମାନଙ୍କ ମୁହଁକୁ ଚାହିଁ। ସ୍ୱାମୀଙ୍କ ଆବର୍ତ୍ତମାନରେ ପୁଅକୁ ବଡକରିବା ପାଇଁ ହେଉ ଅଥବା ସେଇ ପୁଅର ଅକାଳ ମୃତ୍ୟୁରେ ତା' ପରିବାରଟିକୁ କୂଳରେ ଲଗାଇବା ପାଇଁ ଜୀବନସାରା ସେ ଭାଗ୍ୟ ସହିତ ଲଢ଼ିଚାଲିଥିଲେ। ହେଲେ ଆଜି ସେ ଭୀଷଣ କ୍ଳାନ୍ତ। ପାଦ ଅସମ୍ଭବ ଭାବେ ଟଳଟଳ ହେଉଛି। ଜବା ଯାଇନି ଯେ, ତାଙ୍କ ଠିଆ ହେବାର ଶକ୍ତି, ବଞ୍ଚିବାର ଇଚ୍ଛା ସବୁ କିଛିକୁ ତା'ସାଙ୍ଗରେ ନେଇଯାଇଛି ଯେମିତି। ବାପଘରୁ ଭାଇଭାଉଜ ଆସି ବହୁତ ଚେଷ୍ଟା କଲେ ତାଙ୍କୁ ପୁଣି ଉଠାଇବାକୁ। ସୁଲୋଚନା କିନ୍ତୁ ବିଛଣା ଛାଡିଲେନି। ଭାଇକୁ ଖାଲି ଖନେଇ ଖନେଇ କହୁଥିଲେ - ମୋର ଯଦି କିଛି ହେଇଯାଏ, ମୋ ବୋହୂ ଓ ନାତି ଦୁଇଟିଙ୍କ ଭଲ ମନ୍ଦ ବୁଝୁଥିବୁ।

**ବଡଗଡ଼, ଭୁବନେଶ୍ୱର**

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର
ପରିକ୍ରମା
Bhubaneswar, 21st August - 27th August, 2017
ଭୁବନେଶ୍ୱର, ୨୧ ଅଗଷ୍ଟ - ୨୭ ଅଗଷ୍ଟ, ୨୦୧୭








ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକ ସଦର ମହକୁମାର ଜୟନ୍ତୀନଗର ଅଙ୍ଗନୱାଡି କେନ୍ଦ୍ରକୁ ଯିବାକୁ ରାସ୍ତାଟିଏ ନାହିଁ। ଦୀର୍ଘଦିନରୁ ଏଥିପାଇଁ ଦାବି ହେଉଥିଲେ ବି ନିରବ ପ୍ରଶାସନ। ଏଭଳି ଅବସ୍ଥାରେ କୋମଳମତି ପିଲାମାନେ କିଭଳି ଏଠାକୁ ଯାଉଥିବେ ତାହା ଭାବି ଦେଖନ୍ତୁ

# ବିଦ୍ୟୁତ୍ ଶୁଳ୍କ ବୃଦ୍ଧି; ବିରୋଧ କରିବ ଉପଭୋକ୍ତା ମହାସଂଘ

**ଭୁବନେଶ୍ୱର :** ବିଦ୍ୟୁତ୍ ଶୁଳ୍କ ସଂଶୋଧନ କରାଯିବା ଲାଗି ବିଦ୍ୟୁତ୍ ଉତ୍ପାଦକ ଓ ବିଦ୍ୟୁତ୍ ସରବରାହ କମ୍ପାନୀଗୁଡ଼ିକ ପକ୍ଷରୁ ପୁଣି ବିଦ୍ୟୁତ୍ ନିୟାମକ ଆୟୋଗ (ଓଇଆର୍‌ସି)ଙ୍କ ନିକଟରେ ଆବେଦନ କରାଯାଇଥିଲା। ଏନେଇ ଆୟୋଗଙ୍କ ନିକଟରେ ଶୁଣାଣି ଶେଷ ହୋଇଛି। ମାର୍ଚ୍ଚ ୨୩ରେ ଆୟୋଗ ବିଦ୍ୟୁତ୍ ଶୁଳ୍କ ୧୦ ପଇସା ବୃଦ୍ଧି କରିଥିଲେ। ସମୀକ୍ଷା କରିବା ଲାଗି ରହିଥିବା ୯୦ ଦିନ ସମୟ ମଧ୍ୟରେ ବିଦ୍ୟୁତ୍ ଉତ୍ପାଦକ କମ୍ପାନୀଗୁଡ଼ିକ ଆୟୋଗଙ୍କ ନିକଟରେ ଶୁଳ୍କ ସଂଶୋଧନ ଲାଗି ଆବେଦନ କରିଥିଲେ। ଆବେଦନ ଉପରେ ବୁଧବାର ଶୁଣାଣି ହୋଇଛି। ଶୁଣାଣି ପରେ ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ହେବ କି ନାହିଁ ତାହା ସ୍ପଷ୍ଟ ହୋଇନାହିଁ। ଶୁଳ୍କ ବୃଦ୍ଧି ହେଲେ ଏହାର ପ୍ରତିବାଦରେ ଉପଭୋକ୍ତା ମହାସଂଘ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବ ବୋଲି ଧମକ ଦେଇଛନ୍ତି। ଶୁଣାଣି ସମୟରେ ଓଇଆର୍‌ସି କାର୍ଯ୍ୟାଳୟ ସାମ୍ନାରେ ସମାଜବାଦୀ ପାର୍ଟି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ପ୍ରତ୍ୟେକ ବର୍ଷ ବିଦ୍ୟୁତ୍ ଶୁଳ୍କ ଆୟୋଗ ଧାର୍ଯ୍ୟ କରିବା ପରେ ବିଦ୍ୟୁତ୍ ଉତ୍ପାଦନ, ସରବରାହ ଓ ବିତରଣ କମ୍ପାନୀଗୁଡ଼ିକ ପକ୍ଷରୁ ସଂଶୋଧନ କରାଯିବା ଲାଗି ଆବେଦନ କରାଯାଇଥାଏ। ପୂର୍ବବର୍ଷଗୁଡ଼ିକରେ ମଧ୍ୟ ବିଦ୍ୟୁତ୍ ଶୁଳ୍କ ସଂଶୋଧନ ଉପରେ ଶୁଣାଣି ହୋଇଥିଲେ ମଧ୍ୟ ଆୟୋଗ ଏହାକୁ ଗ୍ରହଣ କରି ନଥାନ୍ତି। ଓଡ଼ିଶା ଜଳ ବିଦ୍ୟୁତ ନିଗମ (ଓଏଚ୍‌ପିସି) ପକ୍ଷରୁ ବିଦ୍ୟୁତ୍ ଶୁଳ୍କ ସଂଶୋଧନ ଲାଗି ଆବେଦନ କରାଯାଇଥିଲା। ଓଏଚ୍‌ପିସି ପକ୍ଷରୁ ପ୍ରଦାନ କରାଯାଇଥିବା ୪୦ କୋଟି ଟଙ୍କାର ଆୟକର ଜନିତ କ୍ଷତିକୁ ଆୟୋଗ ଶୁଣାଣି କରିବା ପାଇଁ ଆବେଦନ କରାଯାଇଥିଲା। ୪୦ କୋଟି ଟଙ୍କାରୁ ୧୦ କୋଟି ଟଙ୍କାକୁ ଆୟୋଗ ଭରଣା କରିଥିବା ବେଳେ ୩୦ କୋଟି ଟଙ୍କା କିପରି ନିଗମ ଭରଣା କରିବ ସେଥିପାଇଁ ଆବେଦନରେ ଉଲ୍ଲେଖ କରାଯାଇଛି। ସେହିପରି ଓପିଜିସି ପକ୍ଷରୁ ଆୟୋଗଙ୍କ ନିକଟରେ ଦୁଇଟି ଆବେଦନ ଦାଖଲ କରାଯାଇଥିଲା। ଗୋଟିଏ ପଟେ ବିଦ୍ୟୁତ୍ ଶୁଳ୍କ ସମୀକ୍ଷା କରାଯିବାକୁ କୁହାଯାଇଥିବା ବେଳେ ଅନ୍ୟପକ୍ଷରେ ଓପିଜିସି ପକ୍ଷରୁ କୋଲ୍ ଇଣ୍ଡିଆଠାରୁ କିଣୁଥିବା କୋଇଲାର ମାନକୁ ନେଇ ପ୍ରଶ୍ନ ଉଠାଯାଇଥିଲା। କୋଲ୍ ଇଣ୍ଡିଆ ଓପିଜିସିକୁ ଯେଉଁ ଗ୍ରେଡ୍‌ର କୋଇଲା ଯୋଗାଉଛି ତାହା ନିମ୍ନମାନର ହୋଇଥିବାରୁ ଏନେଇ କମ୍ପାନୀ କ୍ଷତି ସହୁଛି। ତେବେ ଏନେଇ କୋଲ୍ ଇଣ୍ଡିଆକୁ ଅବଗତ କରିବା ଲାଗି ଆୟୋଗ ଓପିଜିସିକୁ ଏକ ମାସ ସମୟ ଦିଆଯାଇଥିବା ଜଣାପଡିଛି। ମାସକ ମଧ୍ୟରେ ଏହାର ଅଗ୍ରଗତି ସମ୍ପର୍କରେ ଆୟୋଗଙ୍କୁ ଜଣାଇବାକୁ କୁହାଯାଇଛି। ସେହିପରି ଓପିଟିସିଏଲ୍ ଓ ଗ୍ରିଡ୍‌କୋ ମଧ୍ୟ ସେମାନଙ୍କ ବିଦ୍ୟୁତ ସରବରାହ କ୍ଷତି ଭରଣା ଲାଗି ବିଦ୍ୟୁତ୍ ଶୁଳ୍କ ସଂଶୋଧନ କରିବାକୁ ଆବେଦନ କରିଥିଲେ। ସମସ୍ତ ଆବେଦନକାରୀଙ୍କୁ ଯାହା ଆୟୋଗଙ୍କ ନିକଟରେ ଉପସ୍ଥାପନ କଲେ ତାହା ୭ ଦିନ ମଧ୍ୟରେ ଲିଖିତ ଭାବରେ ଦାଖଲ ଲାଗି କୁହାଯାଇଥିବା ନିୟାମକ ବ୍ୟାପାର ଅଧିକାରୀ ପ୍ରିୟବ୍ରତ ପଟ୍ଟନାୟକ କହିଛନ୍ତି। ଏହି ଶୁଣାଣିକୁ ଉପଭୋକ୍ତା ମହାସଂଘ ତୀବ୍ର ବିରୋଧ କରିଛି। ଆବେଦନକାରୀ ଯେଉଁ ଯୁକ୍ତି ବାଢ଼ିଛନ୍ତି ତାହା ଆଦୌ ଗ୍ରହଣଯୋଗ୍ୟ ନୁହେଁ ବୋଲି ମହାସଂଘର ସଭାପତି ରମେଶ ଶତପଥୀ କହିଛନ୍ତି। ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ପାଇଲେ ଏହା ବିରୋଧରେ ମହାସଂଘ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବ ବୋଲି ସେ କହିଛନ୍ତି।

## 'ଦାରିଦ୍ର୍ୟ ହ୍ରାସ କ୍ଷେତ୍ରରେ ଓଡ଼ିଶା ଆଗୁଆ'



**ଭୁବନେଶ୍ୱର :** ରାଜ୍ୟ ସରକାରଙ୍କର ବିଭିନ୍ନ ଯୋଜନା ଲାଗି ଓଡ଼ିଶାରେ ୨୫ ପ୍ରତିଶତ ଗରିବୀ କମିଛି। ଦେଶରେ ଦାରିଦ୍ର୍ୟ ଦୂରିକରଣ କ୍ଷେତ୍ରରେ ଆମ ରାଜ୍ୟ ଆଗରେ ରହିଛି। ତେବେ ଆଗାମୀ ଦିନରେ ସରକାରଙ୍କ ବିଭିନ୍ନ ଦାରିଦ୍ର୍ୟ ଦୂରିକରଣ ଯୋଜନା ଦ୍ୱାରା ରାଜ୍ୟରେ ଆସନ୍ତା ୫ବର୍ଷରେ ଗରିବୀ ଆହୁରି କମିବ। ୨୦୩୬ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଶହେବର୍ଷ ପୂର୍ତ୍ତି ବେଳକୁ ରାଜ୍ୟରେ ଗରିବୀ ସମ୍ପୂର୍ଣ୍ଣ ଭାବେ ହ୍ରାସ ପାଇବ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ୭୧ତମ ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ନିଜ ଅଭିଭାଷଣରେ କହିଥିଲେ ଯେ, ରାଜ୍ୟରେ ଚାଷ ହେଉଛି ଅର୍ଥନୀତିର ମେରୁଦଣ୍ଡ। ତେଣୁ ଚାଷୀକୁ ତା'ର ହକ୍ ଦେବା ଲାଗି ରାଜ୍ୟ ସରକାର ସବୁବେଳେ ଚାଷୀ ଭାଇଙ୍କ ସାଥୀରେ ରହିଛି। ଶିଶୁ ମୃତ୍ୟୁହାର, ମାତୃ ମୃତ୍ୟୁହାରରେ ରାଜ୍ୟ ସରକାର ସର୍ବାଧିକ ସଫଳତା ହାସଲ କରିଛନ୍ତି। ବିପର୍ଯ୍ୟୟ ପରିଚାଳନା ଓ ସାମାଜିକ ସୁରକ୍ଷା କ୍ଷେତ୍ରରେ ମଧ ଓଡ଼ିଶା ଏକ ଆଦର୍ଶ ରାଜ୍ୟର ମାନ୍ୟତା ହାସଲ କରିଛି। ଗତ ୨ବର୍ଷରେ କେବଳ ସରକାରୀ କ୍ଷେତ୍ରରେ ୫୦ହଜାରରୁ ଅଧିକ ନିଯୁକ୍ତି ଦିଆଯାଇଛି। ରାଜ୍ୟରେ ଅନୁଷ୍ଠିତ ଏସୀୟ ଦୌଡକୁଦ ପ୍ରତିଯୋଗିତାର ସଫଳତା ରାଜ୍ୟରେ କ୍ରୀଡାର ବିକାଶ ଲାଗି ଅନେକ ସୁଯୋଗ ସୃଷ୍ଟି କରିଛି। ଆଦିବାସୀ ଭାଇଭଉଣୀଙ୍କ କଲ୍ୟାଣ ଲାଗି ସର୍ବଦା ଗୁରୁତ୍ୱ ଦିଆଯାଉଛି। ଜନଜାତି ସଂପ୍ରଦାୟମାନଙ୍କୁ ସେମାନଙ୍କ ବିକାଶରେ ସକ୍ରିୟ ଭାବେ ଭାଗ ନେବାର ସୁଯୋଗ ଦେବା ଲାଗି ୯ଟି ଆଦିବାସୀ ଅଧ୍ୟୁସିତ ଜିଲ୍ଲାରେ ସ୍ୱତନ୍ତ୍ର ବିକାଶ ପରିଷଦ ଗଠନ କରାଯିବ। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ମଧ ସର୍ବାଧକ ଗୁରୁତ୍ୱ ଦିଆଯାଉଛି। କୋରାପୁଟ ଓ ବାରିପଦାରେ ନୂତନ ସରକାରୀ ମେଡିକାଲ ଖୋଲାଯାଇଥିବା ବେଳେ ଆଗକୁ ବାଲେଶ୍ୱର ଓ ବଲାଙ୍ଗୀରରେ ସରକାରୀ ମେଡିକାଲ କଲେଜ ଖୋଲାଯିବା ପାଇଁ ପଦକ୍ଷେପ ନିଆଯାଇଛି। ବିଶେଷକରି ସାଧାରଣ ଲୋକଙ୍କ ସାମାଜିକ, ରାଜନୈତିକ ଓ ଅର୍ଥନୈତିକ ସଶକ୍ତିକରଣ ଲାଗି ଉଦ୍ୟମକୁ ଆହୁରି ଶକ୍ତିଶଳୀ କରିବା ଲାଗି ସରକାର ପ୍ରଚେଷ୍ଟା କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅସିତ୍ କୁମାର ତ୍ରିପାଠୀ, ସଚିବ ସୁରେନ୍ଦ୍ର କୁମାର ପ୍ରମୁଖ ଉପସ୍ଥିତ ଥିଲେ।

### ଅନୁସୂଚିତ ଜାତିରେ ବିବାହ

## ପ୍ରୋତ୍ସାହନ ରାଶି ୧ ଲକ୍ଷ

**ଭୁବନେଶ୍ୱର :** ଅନୁସୂଚିତ ଜାତିର ଝିଅ ବା ପୁଅଙ୍କୁ ବିବାହ କଲେ ସରକାର ୧ ଲକ୍ଷ ଟଙ୍କା ପ୍ରୋତ୍ସାହନ ରାଶି ଦେବେ । ଏହି ଅର୍ଥ ନବବିବାହିତ ଦମ୍ପତିଙ୍କ ଯୁଗ୍ମ ବ୍ୟାଙ୍କ ଖାତାରେ ଜମା କରାଯିବ । ପୂର୍ବରୁ ଏଥିପାଇଁ ୫୦ ହଜାର ଟଙ୍କା ପ୍ରୋତ୍ସାହନ ଦିଆଯାଉଥିଲା, ମାତ୍ର ଏବେ ତାହା ୧ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି। ବିଭାଗୀୟ ସଚିବ ସୁରେନ୍ଦ୍ର କୁମାର ଦେଇଛନ୍ତି ଏହି ସୂଚନା। ପୂର୍ବରୁ ଅନୁସୂଚିତ ଜାତି ବର୍ଗର ବିବାହକୁ ସମାଜରେ ଭିନ୍ନ ଦୃଷ୍ଟିରେ ଦେଖାଯାଉଥିଲା। ଏପରିକି କେତେକ ସ୍ଥାନରେ ଛୁଆଁ ଅଛୁଆଁ ଭେଦଭାବ ଲାଗି ରହିଥିଲା। ଏହି ବର୍ଣ୍ଣବୈଷମ୍ୟକୁ ଦୂର କରିବା ନିମନ୍ତେ ଅନୁସୂଚିତ ଜାତିରେ ବିବାହ କରୁଥିବା ଅନ୍ୟ ବର୍ଗର ପୁଅ ବା ଝିଅଙ୍କୁ ସରକାର ପ୍ରୋତ୍ସାହନ ରାଶି ପ୍ରଦାନ କରିବା ଆରମ୍ଭ କରିଥିଲେ। ପୂର୍ବରୁ ଏଥିପାଇଁ ୧୦ହଜାର ଟଙ୍କା ପ୍ରଦାନ କରାଯାଉଥିବାବେଳେ ୨୦୦୭ରେ ଏହାକୁ ୫୦ ହଜାର ଟଙ୍କାକୁ ଓ ଏବେ ତାହାକୁ ୧ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି। ନବବିବାହିତ ଦମ୍ପତିଙ୍କ ଆର୍ଥିକ ବିକାଶରେ ଏହି ଅର୍ଥ ସହାୟକ ହେବ ବୋଲି ଶ୍ରୀ କୁମାର କହିଛନ୍ତି। ବ୍ୟବସ୍ଥା ଅନୁସାରେ ବିବାହ ସଂକ୍ରାନ୍ତ ନଥିପତ୍ର ସହ ନବ ବିବାହିତ ଦମ୍ପତି ମିଳିତ ଭାବରେ ଏହି ରାଶି ପାଇଁ ଆବେଦନ କରିବେ । ଏହାପରେ ସରକାରଙ୍କ ପକ୍ଷରୁ ଅର୍ଥ ପ୍ରଦାନ କରାଯିବ। ତେବେ ବିବାହର ୫ ବର୍ଷ ମଧ୍ୟରେ ଯଦି ସେମାନଙ୍କ ମଧ୍ୟରେ ବିବାହବିଚ୍ଛେଦ ହୁଏ ତେବେ ପ୍ରୋତ୍ସାହନ ରାଶି ବାବଦ ଅର୍ଥ ସରକାରଙ୍କୁ ଫେରାଇବାକୁ ପଡ଼ିବ।

### ଛାତ ଉପରେ ସୌରଶକ୍ତି ସଂଗ୍ରହ ପ୍ୟାନେଲ ସ୍ଥାପନକୁ ପ୍ରୋତ୍ସାହନ

## ସରକାରୀ କାର୍ଯ୍ୟାଳୟରୁ ଆରମ୍ଭ ହେବ ଶକ୍ତି ସଂଗ୍ରହ

**ଭୁବନେଶ୍ୱର :** କୋଠାଛାତ ଉପରେ ସୌରଶକ୍ତି ପ୍ୟାନେଲ ପ୍ରତିଷ୍ଠା ପାଇଁ ରାଜ୍ୟ ସରକାର ସାଧାରଣ ଜନତାଙ୍କୁ ପ୍ରୋତ୍ସାହିତ କରିବା କାର୍ଯ୍ୟକ୍ରମ ଆରମ୍ଭ କରିଥିବା ବେଳେ ଏବେ ବଛାବଛା ସରକାରୀ ଦପ୍ତରକୁ ଚିହ୍ନଟ କରାଯାଇ ତା'ର ଛାତ ଉପରେ ସୌରଶକ୍ତି ପ୍ୟାନେଲ ସ୍ଥାପନ କରାଯିବ ବୋଲି ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ପ୍ରଥମ ଦଫାରେ ଭୁବନେଶ୍ୱର ଓ କଟକର କେତେକ ସରକାରୀ କାର୍ଯ୍ୟାଳୟରୁ ଏହି କାର୍ଯ୍ୟକ୍ରମ ଆରମ୍ଭ କରାଯିବ ବୋଲି ଶକ୍ତି ବିଭାଗ ସଚିବ ହେମନ୍ତ ଶର୍ମା ପୂର୍ତ୍ତ ବିଭାଗକୁ ଚିଠି ଦେଇ ଜଣାଇଛନ୍ତି। ଏହି କ୍ରମରେ ପୂର୍ତ୍ତବିଭାଗ ଉପ ଶାସନ ସଚିବ ସୀମାଞ୍ଚଳ ପ୍ରଧାନ ବିଭାଗୀୟ ମୁଖ୍ୟଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇ ଭୁବନେଶ୍ୱର ଓ କଟକରେ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ କହିଛନ୍ତି। ପ୍ରକାଶ ଯେ ରାଜ୍ୟ ସରକାରଙ୍କ ଦ୍ୱାରା ସ୍ଥାପନ କରାଯାଇଥିବା ଗ୍ରିନ୍ ଏନର୍ଜି ଡେଭେଲପମେଣ୍ଟ କର୍ପୋରେସନ(ଜିଇଡିସିଓଏଲ) ଏକ ପବ୍ଲିକ ସେକ୍ଟର ଅଣ୍ଡରଟେକିଂ ସଂସ୍ଥା ଯେକି ଅନ୍-ଗ୍ରିଡ୍ ସୋଲାର ଓ ହାଇବ୍ରିଡ୍ ପାୱାର ପ୍ରୋଜେକ୍ଟ କାର୍ଯ୍ୟ କରୁଛି। ବିଶେଷକରି ଏହି ସଂସ୍ଥା ନୋଡ଼ାଲ ଏଜେନ୍ସି ଭାବେ କାର୍ଯ୍ୟ କରିବା ସହ ଏଥି ମଧ୍ୟରେ କଟକ ଓ ଭୁବନେଶ୍ୱରରେ ୪ମେଗାୱାଟ ସୋଲାର ରୁଫ୍-ଟପ ପ୍ରୋଜେକ୍ଟ କାର୍ଯ୍ୟ ପାଇଁ ସରକାରୀ କୋଠର ଛାତ ଚିହ୍ନଟ କାର୍ଯ୍ୟ ହାତକୁ ନେଇଛି। ଉକ୍ତ ସଂସ୍ଥା ଛାତ ଚିହ୍ନଟ କରିବା ପରେ ଦିଲ୍ଲୀର ମେସର୍ସ ଅଜୁର ପାୱାର ମର୍କ୍ୟୁରୀ ପ୍ରାଇଭେଟ ଲିମିଟେଡ ଉକ୍ତ ଛାତରେ ସୌରଶକ୍ତି ସଂଗ୍ରାହ ପ୍ୟାନେଲକୁ ସ୍ଥାପନ କରିବା ସହ ତା'ର ରକ୍ଷଣାବେକ୍ଷଣ କାର୍ଯ୍ୟ କରିବ। ସେହିପରି ପ୍ରାଥମିକ ପର୍ଯ୍ୟାୟରେ ଜିଇଡିସିଓଏଲ ସଂସ୍ଥା ସରକାରୀ ଦପ୍ତରଗୁଡ଼ିକ ସହ ଛାତ ଲିଜ୍‌ର ବୁଝାମଣା କରି ସେସୁ ସହ ଏହି ପ୍ରକଳ୍ପକୁ ସଂଯୁକ୍ତ କରିବ ବୋଲି ନିଷ୍ପତ୍ତି ନିଆଯାଇଛି। ଏତଦ୍‌ବ୍ୟତୀତ ବିଦ୍ୟୁତ୍ ନିୟାମକ ଆୟୋଗ ଦ୍ୱାରା ସ୍ୱୀକୃତ ହୋଇଥିବା ନେଟ୍-ମିଟରିଂ ବ୍ୟବସ୍ଥାକୁ ମଧ୍ୟ ଜିଇଡିସିଓଏଲ ବିଦ୍ୟୁତ୍ ଆବଣ୍ଟନ କମ୍ପାନୀ ସେସୁ ସହ ସଂଯୋଗ କରିବ। ଫଳରେ ଛାତ ଉପରେ ଉତ୍ପନ୍ନ ବୁଦ୍ୟୁତ୍ ଶକ୍ତିର ବ୍ୟବହାର କରାଯିବା ପରେ ବଳକା କେତେ ଶକ୍ତି ସେସୁ ସେଠାରୁ ନେଲା ତାହା ଏହି ନେଟମିଟରିଂ ବ୍ୟବସ୍ଥା ଜରିଆରେ ସହଜରେ ଆକଳନ କରିହେବ। ଭୁବରେଶ୍ୱରରେ ଏହି କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଜାତୀୟ ରାଜପଥ ଉଇଙ୍ଗର ମୁଖ୍ୟ ଯନ୍ତ୍ରୀ ଓ କଟକରେ ଏହି କାର୍ଯ୍ୟ କରିବାକୁ ପୂର୍ତ୍ତବିଭାଗ ନିର୍ବାହୀ ଯନ୍ତ୍ରୀଙ୍କୁ ଦାୟିତ୍ୱ ଦିଆଯାଇଛି। ଭୁବନେଶ୍ୱରରେ ୫ମେଗାୱାଟ ଓ କଟକ ସହରରେ ୪ମେଗାୱାଟ ସୌରଶକ୍ତି ଉତ୍ପାଦନ ପାଇଁ ଲକ୍ଷ ଧାର୍ଯ୍ୟ କରାଯାଇଛି। ସରକାରୀ କାର୍ଯ୍ୟାଳୟ ବ୍ୟତୀତ ଏହି କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବାକୁ ସାଧାରଣ ଉପଭୋକ୍ତାଙ୍କୁ ମଧ୍ୟ ସାମିଲ କରିବାକୁ ବ୍ୟବସ୍ଥା କରାଯାଇଛି ଓ ସେଥି ସକାଶେ ୩୦ପ୍ରତିଶତ ସବ୍‌ସିଡି ବ୍ୟବସ୍ଥା ରହିଛି ବୋଲି ଓଇଆରସିର ବ୍ୟାପାର ଦାୟିତ୍ୱରେ ଥିବା ପ୍ରିୟବ୍ରତ ପଟ୍ଟନାୟକ କହିଛନ୍ତି।

## ସ୍ୱାଧୀନତା ଦିବସରେ 'ପୂର୍ଣ୍ଣ୍ୟ ଉତ୍କଳ' ଶାଖାର ଶୁଭାରମ୍ଭ

**କେନ୍ଦ୍ରାପଡ଼ା :** ଚଳିତ ୭୧ତମ ସ୍ୱାଧୀନତା ଦିବସ ଉପଲକ୍ଷେ ରାଜ୍ୟର ଅଗ୍ରଣୀ ସେବା ଓ କଳା ସଂସ୍କୃତିର ଅନୁଷ୍ଠାନ 'ପୂର୍ଣ୍ଣ୍ୟ ଉତ୍କଳ ଫାଉଣ୍ଡେସନ୍' ର ଜିଲ୍ଲା ସ୍ତରୀୟ ଶାଖା ସହରର ବଡ଼ହାଟ ଠାରେ ଶୁଭାରମ୍ଭ ହୋଇଯାଇଛି। ଏହି ଅବସରରେ ଉକ୍ତ କାର୍ଯ୍ୟାଳୟ ସମ୍ମୁଖରେ ଜାତୀୟ ପତାକା ଉତ୍ତଳନ ମାଧ୍ୟମରେ ୭୧ତମ ସ୍ୱାଧୀନତା ଦିବସ ପାଳନ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଯୁବନେତା ତଥା କେନ୍ଦ୍ରାପଡ଼ା କ୍ରେଡ଼ିଟ୍ କୋ-ଅପରେଟିଭ୍ ସୋସାଇଟ୍‌ର ସଭାପତି ପ୍ରମୋଦ କୁମାର ସାହୁ ଯୋଗଦେଇ ପତାକା ଉତ୍ତଳନ କରିବା ସହ ଦେଶର ସ୍ୱାଧିନତାରେ ବିପ୍ଳବୀଙ୍କ ଭୂମିକା ଓ ସେବା ଏବଂ କଳାସଂସ୍କୃତି କ୍ଷେତ୍ରରେ 'ପୂର୍ଣ୍ଣ୍ୟ ଉତ୍କଳ ଫାଉଣ୍ଡେସନ୍'ର ଭୂମିକା ସଂପର୍କରେ ଆଲୋକପାତ କରିଥିଲେ। ତେବେ ବଡ଼ହାଟସ୍ଥିତ



ଅଚ୍ୟୁତାନନ୍ଦ ମହିଳା ସମିତି ଓ ରାଧିକା ମହିଳା ସମିତିର ସହଯୋଗରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମକୁ ଅନନ୍ତ ଗୋପାଳ ସାହୁ ପରିଚାଳନା କରିଥିବାବେଳେ ସହଯୋଗ କରିଥିଲେ ବସନ୍ତ କୁମାର ଦାସ, ସଂଗ୍ରାମ ଜେନା, ଉମେଶ ବେହେରା ,ସସ୍ମିତା ସାହୁ, ରେବତୀ ସାହୁ, ଝରଣା ସାହୁ, ବ୍ରଜେଶ୍ୱରୀ ସହୁ ଓ ଅରୋସ୍ମିତା ସାହୁ ପ୍ରମୁଖ। ଏହି ଅବସରାର ଅନୁଷ୍ଠାନ ପକ୍ଷ୍ୟରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଶତାଧିକ ରୋଗୀଙ୍କୁ ଏଡ଼ିଏମ୍‌ଓଙ୍କ ଜରିଆରେ ଫଳ ବଂଟନ କରାଯାଇଥିଲା।

## ବିମାନ ଉଡାଣ ତାଲିମ ପ୍ରତିଷ୍ଠାନ; ବାଧକ ସାଜିଛି ଜିଏସ୍‌ଟି

**ଭୁବନେଶ୍ୱର :** ସମଗ୍ର ଦେଶରେ ଏକକ ଟିକସ ବ୍ୟବସ୍ଥା ଜିଏସଟି ପ୍ରଚଳନ କରାଯାଇଛି। ଜିଏସଟି ଲାଗୁ ହେବା ଫଳରେ ଏବେ ଓଡିଶା ସରକାରଙ୍କ ଦ୍ୱାରା ପରିଚାଳିତ ସରକାରୀ ବିମାନ ଉଡାଣ ତାଲିମ କେନ୍ଦ୍ର (ଜିଏଟିଆଇ) ପାଇଁ ଏବେ ସମସ୍ୟା ଦେଖାଦେଇଛି। ବିଶେଷ କରି ଏଠାରେ ତାଲିମ ନେଉଥିବା ଛାତ୍ରଛାତ୍ରୀ ଏବେ ଅଡୁଆରେ ପଡ଼ିଛନ୍ତି। ଏହାର ପୁନଃବିଚାର କରିବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ବେସାମରିକ ବିମାନ ଚଳାଚଳ ବିଭାଗକୁ ଚିଠି ଲେଖାଯାଇଛି । କେନ୍ଦ୍ର ବେସାମରିକ ବିମାନ ଚଳାଚଳ ବିଭାଗ ଯୁଗ୍ମ ସଚିବଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ସାଧାରଣ ପ୍ରଶାସନ ବିଭାଗ ପ୍ରମୁଖ ଶାସନ ସଚିବ ଅଶୋକ କୁମାର ମୀନା ଲେଖିଥିବା ଚିଠିରେ ଉଲ୍ଲେଖ କରିଛନ୍ତି ଯେ ଜିଏସଟି ଲାଗୁ ହେବା ଫଳରେ ବିଜୁ ପଟ୍ଟନାୟକ ଆନ୍ତର୍ଜାତିକ ବିମାନ ବନ୍ଦରରେ ଥିବା ବିମାନ ଉଡାଣ ତାଲିମ କେନ୍ଦ୍ର ବନ୍ଦ ହେବା ପରିସ୍ଥିତି ସୃଷ୍ଟି ହୋଇଛି । ଛାତ୍ରଛାତ୍ରୀ ଅଧିକ ଖର୍ଚ୍ଚାନ୍ତ ହେଉଥିବାରୁ ସେମାନେ ଘରୋଇ ତାଲିମ କେନ୍ଦ୍ରକୁ ଯିବା ଭଳି ପରିସ୍ଥିତି ଉପୁଜିଲାଣି। ପୂର୍ବରୁ ଏଭିଏସନ ଗ୍ୟାସ୍ ଉପରେ ୫ ପ୍ରତିଶତ ଟିକସ ଲାଗୁ ହେଉଥିବାବେଳେ ଏବେ ତାହା ୨୮ ପ୍ରତିଶତକୁ ବୃଦ୍ଧି ପାଇଛି । ତାଲିମ କେନ୍ଦ୍ରଗୁଡିକ ବିମାନ ଚଳାଚଳ ଶିଳ୍ପର ପ୍ରମୁଖ କ୍ଷେତ୍ର ହୋଇଥିବା ସତ୍ତ୍ୱେ ହଠାତ୍ ୨୩ ପ୍ରତିଶତ ଟିକସ ବୃଦ୍ଧିର କୌଣସି ଯଥାର୍ଥତା ନାହିଁ ବୋଲି ଚିଠିରେ ଉଲ୍ଲେଖ କରାଯାଇଛି । ସେହିପରି ବିମାନର ବିଭିନ୍ନ ଇଞ୍ଜିନ ଉପରେ ପୂର୍ବରୁ କୌଣସି ପ୍ରକାର ଟିକସ ପଡୁ ନ ଥିଲା ବେଳେ ଜିଏସଟି ଲାଗୁ ପରେ ଏହା ୨୮ ପ୍ରତିଶତରେ ପହଞ୍ଚିଛି। ବିମାନ ଯନ୍ତ୍ରାଂଶ ଉପରେ ଏବେ ୫ ପ୍ରତିଶତ ଲାଗୁ ହୋଇଛି। ଅନେକ ସମୟରେ ବିଭିନ୍ନ କ୍ଷେତ୍ର ଉପରେ ଜିଏସଟିରେ ପରିବର୍ତ୍ତନ ହେଉଥିବା ବେଳେ ବିମାନ ଉଡାଣ ତାଲିମ ଉପରେ ଆଗକୁ ଆଉ କି ପ୍ରକାର ଜିଏସଟି ଲାଗୁ ହେବ ସେ ନେଇ କୌଣସି ସୂଚନା ନଥିବାରୁ ଏଥିନେଇ ରାଜ୍ୟ ସରକାର ଦ୍ୱନ୍ଦ୍ୱରେ ଥିବା ଚିଠିରେ ଉଲ୍ଲେଖ କରାଯାଇଛି । ଏ ଦିଗରେ ଠିକଣା ପଦକ୍ଷେପ ନେବାକୁ ଅନୁରୋଧ କରାଯାଇଛି।

### ଧାର୍ଯ୍ୟ ହେଲା ନୂଆଁଖାଇ ଲଗ୍ନ

## ଚଳଚଞ୍ଚଳ ପଶ୍ଚିମ ଓଡ଼ିଶା



**ସମ୍ବଲପୁର :** ଓଡ଼ିଶାର ପଶ୍ଚିମାଞ୍ଚଳର ମହାନ ଗଣପର୍ବ 'ନୂଆଁଖାଇ' ପାଇଁ ଆଜି ଲଗ୍ନ ସ୍ଥିର ହୋଇଛି। ପଶ୍ଚିମ ଓଡ଼ିଶାର ଅଧିଷ୍ଠାତ୍ରୀ ଦେବୀ ମାଁ ସମଲେଶ୍ୱରୀଙ୍କଠାରେ ନବାନ୍ନ ଅର୍ପଣ ସକାଶେ ପ୍ରଚଳିତ ପରମ୍ପରା ଅନୁଯାୟୀ ଲଗ୍ନ ସ୍ଥିର କରାଯିବା ସକାଶେ ନନ୍ଦୋତ୍ସବ ଅବସରରେ ସ୍ଥାନୀୟ ପଣ୍ଡିତ ମହାସଭାର ବୈଠକ ଝାଡୁଆପଡ଼ାର ବ୍ରହ୍ମପୁରା ମନ୍ଦିରରେ ଅନୁଷ୍ଠିତ ହୋଇଥିଲା। ପଣ୍ଡିତ ମଣ୍ଡଳୀଙ୍କ ଧାର୍ଯ୍ୟ ଲଗ୍ନ ଅନୁସାରେ ଆସନ୍ତା ଅଗଷ୍ଟ ୨୬ ତାରିଖ ସକାଳ ୯ଟା ୫ ମିନିଟରୁ ୯ଟା ୧୫ ମିନିଟ ମଧରେ ଅଧିଷ୍ଠାତ୍ରୀ ମାଁ ସମଲେଶ୍ୱରୀ ଦେବୀଙ୍କଠାରେ ନବାନ୍ନ ଭୋଗଲାଗି କରାଯିବ। ଏହାପରେ ସମଗ୍ର ପଶ୍ଚିମ ଓଡ଼ିଶାରେ ନୂଆଁଖାଇ ପାଳନ କରାଯିବ। ପଣ୍ଡିତ ମଣ୍ଡଳୀ ସ୍ଥିର କରିବା ଲଗ୍ନପତ୍ରକୁ ପୂଜା ପରେ ସମଲେଶ୍ୱରୀ ମନ୍ଦିରକୁ ପହଞ୍ଚାଇ ଦିଆଯାଇଛି। ନୂଆଁଖାଇ ଲଗ୍ନ: ବୀର ବିକ୍ରମ ସମ୍ୱତ ୨୦୨୫ ଶ୍ରୀ ଶକାବ୍ଦ ୧୯୩୯ ସିଂହ ୧୦ ଦିନ ଭାଦ୍ରବ ଶୁକ୍ଳପକ୍ଷ ପଞ୍ଚମୀ ତିଥି ଶନିବାର ଇଂରାଜୀ ତାରିଖ ଅଗଷ୍ଟ ୨୬ ତାରିଖ ଚିତ୍ରା ନକ୍ଷତ୍ରେ, ତୁଳା ଚନ୍ଦ୍ରେ, କନ୍ୟା ଲଗ୍ନେ, କନ୍ୟା ନବାଂଶେ ଦିନ ୯ଟା ୫ ମିନିଟ ଗତେ ୯ ଟା ୧୫ ମିନିଟ ମଧ୍ୟେ' ଅଧିଷ୍ଠାତ୍ରୀ ମାଁ ସମଲେଶ୍ୱରୀ ଦେବୀଙ୍କ ଠାରେ ନବାନ୍ନ ଭୋଗଲାଗି କରାଯିବ। ବ୍ରହ୍ମପୁରା ଟ୍ରଷ୍ଟ କମିଟିର ଆବାହନରେ ଲଗ୍ନ ନିର୍ଦ୍ଧାରଣ ପାଇଁ ଅନୁଷ୍ଠିତ ବୈଠକରେ ପଣ୍ଡିତ ବିରଞ୍ଚି ନାରାୟଣ ପତି, ପଣ୍ଡିତ ପ୍ରଭାକର ତ୍ରିପାଠୀ, ପଣ୍ଡିତ ମହେଶ୍ୱର ନାୟକ, ପଣ୍ଡିତ କମଳାକାନ୍ତ ମିଶ୍ର, ପଣ୍ଡିତ ସଚ୍ଚିଦାନନ୍ଦ ମିଶ୍ର, ପଣ୍ଡିତ ଅମରନାଥ ମିଶ୍ର, ପଣ୍ଡିତ ଝସକେତନ ହୋତା, ପଣ୍ଡିତ ଶୈଳେନ୍ଦ୍ର ପୂଜାହାରୀ, ପଣ୍ଡିତ ମହେନ୍ଦ୍ର ପୂଜାରୀ, ପଣ୍ଡିତ ଗୋପୀନାଥ ପଣ୍ଡା, ପଣ୍ଡିତ ଦୀନବନ୍ଧୁ ପାଣିଗ୍ରାହୀ,ପଣ୍ଡିତ ଚନ୍ଦ୍ରକାନ୍ତ ପାଣିଗ୍ରାହୀ, ପଣ୍ଡିତ ସୁରେଶ ଚନ୍ଦ୍ର ଦେବତା, ପଣ୍ଡିତ ଜୀତେନ୍ଦ୍ର କୁମାର ନନ୍ଦ, ପଣ୍ଡିତ ଆର୍ତ୍ତତ୍ରାଣ ମିଶ୍ର, ପଣ୍ଡିତ ଶଶାଙ୍କ ଶେଖର ମିଶ୍ର, ପଣ୍ଡିତ ସୁରେନ୍ଦ୍ର ପତି ଓ ପଣ୍ଡିତ ଅମରନାଥ ପୂଜାରୀ ପ୍ରମୁଖଙ୍କ ସହ ମନ୍ଦିର ଟ୍ରଷ୍ଟ କମିଟି ପକ୍ଷରୁ ସରୋଜ ଦଲପତ, ସୁଶାନ୍ତ ପୁରୋହିତ, ସଞ୍ଜୟ ମିଶ୍ର, ଅଭିଷେକ ମିଶ୍ର ଓ ଶୁଭେନ୍ଦ୍ର ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ।

### ମାଲକାନଗିରି ପ୍ରଶାସନକୁ ଖାଦ୍ୟ କମିଶନଙ୍କ ପରାମର୍ଶ

# ଖାଦ୍ୟ ଦେଇ ନ ପାରିଲେ ଭତ୍ତା ଦିଅ

**ଭୁବନେଶ୍ୱର :** ସାଧାରଣ ବଣ୍ଟନ ବ୍ୟବସ୍ଥା, ମଧ୍ୟାହ୍ନ ଭୋଜନ ଏବଂ ପରିପୂରକ ପୁଷ୍ଟିକର ଖାଦ୍ୟ ଯୋଜନାରେ ହିତାଧିକାରୀଙ୍କୁ ଖାଦ୍ୟଶସ୍ୟ କିମ୍ବା ଭୋଜନ ଯୋଗାଇ ନ ପାରିଲେ ସେମାନଙ୍କୁ ଖାଦ୍ୟ ନିରାପତ୍ତା ବାବଦ ଭତ୍ତା ଦେବାକୁ ହେବ। ଖାଦ୍ୟ ନିରାପତ୍ତା ଆଇନ ଧାର୍ଯ୍ୟ ନିୟମାବଳି ଅନୁସାରେ ଯେପରି କଡ଼ାକଡ଼ି ଭାବେ ପାଳନ କରାଯିବ ସେଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ରାଜ୍ୟ ଖାଦ୍ୟ ଆୟୋଗର ଅଧ୍ୟକ୍ଷ ପ୍ରଶାସନକୁ ପରାମର୍ଶ ଦେଇଛନ୍ତି। ରାଜ୍ୟ ଖାଦ୍ୟ ଆୟୋଗର ଅଧ୍ୟକ୍ଷ ରଙ୍ଗଲାଲ ଜାମୁଡା ନିକଟରେ ମାଲକାନଗିରି ଜିଲା ଗସ୍ତ କରି ସେଠିକାର ଖାଦ୍ୟ ନିରାପତ୍ତା ଆଇନ କିପରି କାର୍ଯ୍ୟକାରୀ ହେଉଛି ତାହାର ସମୀକ୍ଷା କରିଥିଲେ। ସମୀକ୍ଷା କାଳରେ ବ୍ୟତିକ୍ରମ ଦୃଷ୍ଟିକୁ ଆସିବା ପରେ ଏହାକୁ ସୁଧାରିବା ପାଇଁ ସେ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ସମୀକ୍ଷାରୁ ଜଣାପଡ଼ିଛି ଯେ ମାଲକାନଗିରିରେ ସାଧାରଣ ବଣ୍ଟନ ବ୍ୟବସ୍ଥା ଏବଂ ଅନ୍ତ୍ୟୋଦୟ ଅନ୍ନ ଯାଜନାରେ ହିତାଧିକାରୀ ପ୍ରାପ୍ୟ ପାଉଥିଲେ ହେଁ ଏ ପର୍ଯ୍ୟନ୍ତ ଯୋଗ୍ୟ ବିବେଚିତ ୨୦୫୯ଜଣ ହିତାଧିକାରୀଙ୍କୁ ପଡ଼ି କାର୍ଡ଼ ମିଳିନାହିଁ। ସେପ୍‌ଟେମ୍ବର ସୁଦ୍ଧା ସମସ୍ତ ପଡ଼ି କାର୍ଡ଼ ଆଧାର ସଂଯୁକ୍ତ କରିବା ପାଇଁ ସେ ପରାମର୍ଶ ଦେଇଥିଲେ। ମହାତ୍ମା ଗାନ୍ଧି ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ମନରେଗା)ରେ ୨୦୧୬-୧୭ରେ ମାଲକାନଗିରି ଜିଲା ପାଇଁ ମଞ୍ଜୁର ୭୮୫୯ପ୍ରକଳ୍ପରୁ ପ୍ରାୟ ୯୨ପ୍ରତିଶତ ଅସମ୍ପୂର୍ଣ୍ଣ ରହିଛି। ଏହି ସମୟ ଭିତରେ ୧୪,୯୧୮ ପରିବାର କର୍ମନିଯୁକ୍ତି ପାଇଛନ୍ତି। ତେବେ ପଞ୍ଜିକୃତ ହିତାଧିକାରୀ ୧୦୦ଦିନ ପରିବର୍ତ୍ତେ ୨୩ଦିନର କାମ ପାଇଛନ୍ତି। ଜିଲାରେ ଜଙ୍ଗଲ ଅଧିକାର ଆଇନ କାର୍ଯ୍ୟକାରୀ ହୋଇଛି, ମାତ୍ର ଜମି ଲିଜ ଦିଆଯାଇଥିଲେ ବି ଚିହ୍ନଟ କରାଯାଇ ନାହିଁ। ଜିଲାରେ ଶୂନରୁ ୫ବର୍ଷ ମଧ୍ୟରେ ୮୭ ଜଣ ଶିଶୁ ଉତ୍କଟ ପୁଷ୍ଟିହୀନତା ଭିତରେ ଥିବାବେଳେ ୧୫,୩୮୭ଜଣ ଶିଶୁ ମଧ୍ୟମ ଧରଣର ପୁଷ୍ଟିହୀନତା ଜନିତ ରୋଗ ଭୋଗୁଛନ୍ତି। ଚତୁର୍ଥ ଜାତୀୟ ପରିବାର ସର୍ଭେ ରିପୋର୍ଟ ଅନୁସାରେ ଓଡ଼ିଶାରେ ୬.୪ପ୍ରତିଶତ ଶିଶୁ ଉତ୍କଟ ଅପୁଷ୍ଟି ଭିତରେ ଅଛନ୍ତି, କିନ୍ତୁ ସମନ୍ୱିତ ଶିଶୁ ବିକାଶ ଯୋଜନା ଦ୍ୱାରା ପ୍ରସ୍ତୁତ ରିପୋର୍ଟ କହୁଛି ଏହି ସଂଖ୍ୟା ୧ପ୍ରତିଶତରୁ କମ୍। ଏହି ପରିପ୍ରେକ୍ଷୀରେ ଜିଲା ସମାଜ କଲ୍ୟାଣ ଅଧିକାରୀ ଏବଂ ସିଡ଼ିପିଓ ଶୂନରୁ ୬ବର୍ଷ ଭିତରେ ଉତ୍କଟ ଅପୁଷ୍ଟିରେ ଥିବା ସ୍ୱଳ୍ପ ଓଜନର ଶିଶୁଙ୍କ ସମସ୍ୟାର ସମାଧାନ ନିମନ୍ତେ ଉଦ୍ୟମ କରିବା ଦରକାର। ସମୀକ୍ଷାରୁ ଜଣାପଡ଼ିଛି ଯେ ସମନ୍ୱିତ ଶିଶୁ ବିକାଶ ଯୋଜନାରେ ହିତାଧିକାରୀଙ୍କୁ ଘରକୁ ଦିଆଯାଉଥିବା ରେସନ ସାମଗ୍ରୀ ନିମ୍ନମାନର। ଜିଲାର ୮୭୦ ବିଦ୍ୟାଳୟ (୬୨ପ୍ରତିଶତ) ମଧ୍ୟାହ୍ନଭୋଜନ ରିପୋର୍ଟ ଏସଏମଏସରେ ଦେଉନାହାନ୍ତି। ଆଧାର ସଂଯୋଗ ନହେଲେ ମଧ୍ୟାହ୍ନଭୋଜନ ଦିଆଯିବ ନାହିଁ ବୋଲି କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶ ଥିବାରୁ ସେପ୍‌ଟେମ୍ବର ସୁଦ୍ଧା ଏହାକୁ ବାଧ୍ୟତାମୂଳକ କରାଯିବାକୁ ସେ ପରାମର୍ଶ ଦେଇଥିଲେ। ଜିଲାରେ ଲୌହସାର ବଟିକା ଓ କୃମିନାଶକ ଠିକଣା ଭାବେ ପ୍ରଦାନ କରାଯାଉ ନଥିବାରୁ ଏଥିନେଇ ସେ ଉଦ୍‌ବେଗ ପ୍ରକାଶ କରିବା ସହିତ ଏହା ତ୍ୱରାନ୍ୱିତ କରିବାକୁ କହିଥିଲେ। ମାଲକାନଗିରି ଜିଲାରେ ଜାପାନିଜ ଏନସେଫାଲାଇଟିସ ରୋଗ ସମ୍ପର୍କରେ ଆଲୋଚନା ହୋଇଥିଲା। ଏଠାରୁ ଘୁଷୁରି ହଟାଇବା ପାଇଁ ବିଭିନ୍ନ ମହଲରୁ ଦାବି ହେଉଥିଲେ ହେଁ ଘୁଷୁରି ଗ୍ରାମାଞ୍ଚଳ, ଆଦିବାସୀ ଅଞ୍ଚଳର ଲୋକଙ୍କ ପ୍ରମୁଖ ଜୀବିକା ହୋଇଥିବାରୁ ସେମାନଙ୍କୁ ସମ୍ପୂର୍ଣ୍ଣ ଭାବେ ହଟାଯାଇପାରିବ ନାହିଁ ମତ ରଖିଥିଲେ। ଘୁଷୁରି ଗ୍ରାମର ଜନବସତି ଅଞ୍ଚଳ ବାହାରେ ସ୍ୱତନ୍ତ୍ର ସ୍ଥାନରେ ପାଳନ ପାଇଁ ସେ ପରାମର୍ଶ ଦେଇଥିଲେ।



# ଉନ୍ନକୋଟି ପର୍ବତ ଅସଂଖ୍ୟ ରହସ୍ୟ



**ଯୁ**ଗେ ଯୁଗେ ପ୍ରକୃତିରେ ଲୁଚି ରହିଛସ ରହସ୍ୟ। ମଣିଷ ତାର ଜ୍ଞାନ ବୁଦ୍ଧିକୁ ନେଇ ଯେତିକି ଆଗକୁ ବଢୁଛି ରହସ୍ୟ ତାକୁ ସେତିକି ଅନ୍ଧାର ଭିତରକୁ ନେବା ପାଇଁ ପ୍ରୟାସ କରୁଛି। ହେଲେ ଏହି ଲୁଚକାଳୀ ଖେଳରେ କିଏ ଯିତିବ ଆଉ କିଏ ହାରିବ ତାହା ସବୁଦିନ ପ୍ରଶ୍ନବାଚୀ ଭିତରେ। ସେହିଭଳି ଏକ ରହସ୍ୟମୟ ପ୍ରାକୃତିକ ସ୍ଥାନ ହେଉଛି ତ୍ରିପୁରାର ଉନ୍ନକୋଟି। ଯାହାର ଅର୍ଥ ହେଲା କୋଟିଏରୁ ଗୋଟିଏ କମ। ତ୍ରିପୁରାର କୈଳାସସହର ସବ୍‌ଡିଭିଜନରେ ରହିଛି ଏହି ରହସ୍ୟମୟ ପର୍ବ। ଯେଉଁ ପର୍ବତରେ ରହିଛି ବିଭିନ୍ନ ଦେବାଦେବୀଙ୍କର ମୂର୍ତ୍ତି। ଆଉ ମୂର୍ତ୍ତିଗୁଡିକର ସଂଖ୍ୟା ୧ କୋଟିରୁ ଗୋଟିଏ କମ ବୋଲି ଧରାଯାଏ। ସେଥିପାଇଁ ଏହି ସ୍ଥାନର ନାଁ ରହିଛି ଉନ୍ନୋକୋଟି। ତେବେ ଏହି ମୂର୍ତ୍ତୀଗୁଡିକରେ ଇତିହାସକୁ ଅନୁଧ୍ୟାନ କଲେ ଜଣାଯାଏ ଏହି ସବୁ ମୂର୍ତ୍ତି ଗୁଡିକ ଖ୍ରୀଷ୍ଟାବ୍ଦ ୭ମ ଶତାବ୍ଦୀରୁ ୯ମ ଶତାବ୍ଦୀ ମଧ୍ୟରେ ନିର୍ମାଣ କରାଯାଇଥିଲା। ତେବେ ଏତେଗୁଡିଏ ମୂର୍ତ୍ତୀ ଏଭଳି ଏକ ପାର୍ବତ୍ୟ ଅଞ୍ଚଳରେ ନିର୍ମିତ ହେବା ହିଁ ଏକ ରହସ୍ୟର ବାତାବରଣ ସୃଷ୍ଟି କରିଥାଏ। ତେବେ ଏହି ସ୍ଥାନକୁ ନେଇ ଶୁଣାଯାଉଥିବା କିମ୍ବଦନ୍ତି ହିଁ ଏ ସବୁ ରହସ୍ୟର ମୂଳ ବୋଲି ଆମେ କହିପାରିବା। ପୁରାଣ ଅନୁସାରେ ଦେବଦେବ ମହାଦେବ ବାରଣାସୀକୁ ଯାତ୍ରା କରିବା ସମୟରେ ନିଜ ସହିତ ୧ କୋଟି ଦେବତାଙ୍କୁ ଧରି ଯାତ୍ରା କରୁଥିଲେ। ଆଉ ରାତିରେ ଏହି ସ୍ଥାନରେ ବିଶ୍ରାମ କରିଥିଲେ। ଆଉ ମହାଦେବ ରାତିରେ ସମସ୍ତ ଦେବଗଣଙ୍କୁ ସୂଚନା ଦେଇଥିଲେ ଯେ, ସୂର୍ଯ୍ୟାସ୍ତ ପୂର୍ବରୁ ଏହି ସ୍ଥାନକୁ ପରିତ୍ୟାଗ କରିବା ପାଇଁ। ହେଲେ ତା'ପରଦିନ ସକାଳେ କେହି ଦେବତା ସୂର୍ଯ୍ୟାସ୍ତ ପୂର୍ବରୁ ବାହାରିପାରିନଥିଲେ ଆଉ ଏଥିରେ ଉତ୍‌କ୍ଷିପ୍ତ ହୋଇ ଦେବଦେବ ମହାଦେବ ଅଭିଶାପ ଦେଇଥିଲେ ଆଉ ତାଙ୍କ ଅଭିଶାପ ଅନୁସାରେ ସବୁ ଦେବାଦେବୀ ଏହିଠାରେ ପାଷାଣ ରୂପ ଧାରଣ କରିଥିଲେ। ଭୈବନ୍ତୁ ଏ କିମ୍ବଦନ୍ତି କେତେ ରହସ୍ୟମୟ। ଆଉ ଏହାକୁ ନେଇ ସ୍ଥାନୀୟ ଜନାସଧାରଣଙ୍କ ଭିତରେ ରହିଛି ଅନେକ ରହସ୍ୟମୟ ଚିନ୍ତାଧାରା। ଆଉ ସବୁବେଳେ ଏଠାକୁ ଆସୁଥିବା ଭକ୍ତ, ଶ୍ରଦ୍ଧାଳୁ ଓ ପର୍ଯ୍ୟଟକମାନଙ୍କୁ ନେଇ ରହିଛି ରହସ୍ୟମୟ ଭାବନା। ସେମାନେ ଏ କ୍ଷେତ୍ରକୁ ଆସିବା ମାତ୍ରେ ସେମାନଙ୍କ ମନକୁ ଆସୁଛି ଅନେକ ପ୍ରଶ୍ନ। ନା ଏହା ପଛରେ ରହିଛି ଆଉ କିଛି କାରଣ। ଏଭଳି ଏକ ବନ ଭିତରେ କିଏ ସେ ଶିଳ୍ପୀ ଏପରି ମୂର୍ତ୍ତୀ ମାନ ନିର୍ମାଣ କରିଛନ୍ତି। ଏଭଳି ରହସ୍ୟମୟ ପ୍ରଶ୍ନଗୁଛ ସବୁବେଳେ ମଣିଷର ମନକୁ ଆସିଥିବା ନିଶ୍ଚୟ।

ଯୁଗେ ଯୁଗେ ରହସ୍ୟରେ ତ୍ରିପୁରାର ଉନ୍ନକୋଟି ପର୍ବତ। ପ୍ରତିଦିନ ଏଠାକୁ ଆସୁଥିବା ଭକ୍ତ, ଶ୍ରଦ୍ଧାଳୁ ଓ ପର୍ଯ୍ୟଟକ ମାନଙ୍କ ମନରେ ଉନ୍ନକୋଟି ସୃଷ୍ଟି କରୁଛି ରହସ୍ୟର ବଳୟ। ତ୍ରିପୁରାର ରାଜଧାନୀ ଅଗରତାଲା ଠାରୁ ପ୍ରାୟ ୧୭୮ କିଲୋମିଟର ଉତ୍ତରପୂର୍ବକୁ ଯିବା ପରେ ପଡେ ଏହି ପର୍ବତ ଉନ୍ନକୋଟି। ଉତ୍ତରତ୍ରିପୁରା ଜିଲ୍ଲାର ମୁଖ୍ୟସଦର ମହକୁମା କୈଳାସହର ଠାରୁ ମାତ୍ର ୮ କିଲୋମିଟର ପୂର୍ବକୁ ଗଲେ ପଡେ ଏହି ଚର୍ଚ୍ଚିତ ପର୍ବତ। ତେବେ ଉନ୍ନକୋଯି ପର୍ବତର ପରିବେଶ ହିଁ ଏହାର ମୁଖ୍ୟ ରହସ୍ୟ କହିଲେ ଅତ୍ୟୁକ୍ତି ହେବନାହିଁ। କାରଣ ସ୍ଥାନଟି ଏକ ନିକାଞ୍ଚଳ ପର୍ବତ ମାଳାର ଏକ ଅଂଶ ବୋଲି ଅନୁମାନ କରିହୁଏ। ତେଣୁ ଏଭଳି ଏକ ସ୍ଥାନରେ କାହିଁକି ଜଣେ ଏପରି ଅନେକ ଗୁଡିଏ ପଥରମୂର୍ତ୍ତି ନିର୍ମାଣ ଓ ଖୋଦନ କରିବ ତାହାହିଁ ମନ ଭିତରେ ସୃଷ୍ଟି କରିଥାଏ ରହସ୍ୟ। ତେବେ ଏତେବର୍ଷ ଧରି ଏଠାରେ ନିର୍ମିତ ହୋଇଥିବା ପଥର ମୂର୍ତ୍ତିଗୁଡିକ କଳାକାରୁକାର୍ଯ୍ୟପୂର୍ଣ୍ଣ ମଧ୍ୟ। ତେଣୁ ଏହା ପଛଷର କୌଣସି ଶିଳ୍ପୀର ହାତ ଥିବା ଯେ କେହିବି ଭାବିବେ। ଏହାକୁ ନେଇ ସ୍ଥାନୀୟ ଲୋକ ମାନେ ଏକ ଲୋକଥା କହିଥାନ୍ତି। ଲୋକକଥା ଅନୁସାରେ ସ୍ଥାନୀୟ ଜଣେ ସ୍ଥପତି ଓ ଶିଳ୍ପୀ କାଲୁକୁମାର ହିଁ ଏହି ରହସ୍ୟମୟ ନିର୍ମାଣ ପଛର କାରଣ। ସ୍ଥାନୀୟ ଅଧିବାରୀମାନଙ୍କର ବିଶ୍ୱାସ ଅନୁସାରେ ଶିଳ୍ପୀ କାଲୁକୁମାର ମାତା ପାର୍ବତୀଙ୍କ ଭକ୍ତ ଥିଲେ ଓ ତାଙ୍କର ଉପାସକ ଥିଲେ। ମାତା ପାର୍ବତୀ କାଲୁକୁମାରଙ୍କୁ ନିଜ ସହ କାଲୁକୁମାରଙ୍କୁ କୈଳାସ ପର୍ବତକୁ ନେବାକୁ ଚାହୁଁଥିଲେ, ହେଲେ ଏଥିରେ ଦେବଦେବ ମହାଦେବ ରାଜି ନଥିଲେ। ଆଉ କୈଳାସପତି ଶିବ, କାଲୁକୁମାରଙ୍କୁ ସାଙ୍ଗରେ ନେବା ପାଇଁ ଏକ ସର୍ତ୍ତ ରଖିଥିଲେ। ସର୍ତ୍ତ ଅନୁସାରେ ଯଦି କାଲୁକୁମାର ଗୋଟିଏ ରାତି ଭିତରେ ଏକକୋଟି ମୂର୍ତ୍ତି ନିର୍ମାଣ କରିପାରିବେ ତେବେ ତାଙ୍କୁ ସେ ସାଙ୍ଗରେ ନେବେ। ହେଲେ ସର୍ତ୍ତ ଅନୁସାରେ କାଲୁକୁମାର ଏକ କୋଟିରୁ ଗୋଟିଏ ମୂର୍ତ୍ତି କମ ନିର୍ମାଣ କରିଥିଲେ। ଯେଉଁଥିପାଇଁ ତାଙ୍କୁ ସାଙ୍ଗରେ ନେଇପାରିନଥିଲେ ମାତା ପାର୍ବତୀ। ତେଣୁ କାଲୁକୁମାର ହିଁ ଏହି ସମସ୍ତ ମୂର୍ତ୍ତିର ନିର୍ମାଣକାରୀ ଭାବେ ଲୋକବିଶ୍ୱାସ ରହିଛି। ତେବେ ଏଠାରେ ବିଶାଳ ଶିବ ମୂର୍ତ୍ତି ସହ ଗଣେଶ ଓ ମାତା ଦୁର୍ଗାଙ୍କ ମୂର୍ତ୍ତି ଦେଖିବାକୁ ମିଳେ। ସେହିପରି ମହାଦେବଙ୍କ ବାହାନ ନନ୍ଦିଙ୍କର ଏକ ବିଶାଳ ମୂର୍ତ୍ତି ମଧ୍ୟ ମାଟିତଳେ ଅଧା ପୋତା ଯାଇଥିବା ଅବସ୍ଥାରେ ଦେଖିବାକୁ ମିଳେ। ତେବେ ଉନ୍ନକୋଟି ସବୁବେଳେ ସାଧାରଣ ଜନତାଙ୍କ ମନରେ ଅନେକ ରହସ୍ୟମୟ ପ୍ରଶ୍ନ ଛାଡ଼ି ଯାଇଛି। ଏହି ସ୍ଥାନ, ଏଠାରେ ହୋଇଥିବା ନିର୍ମାଣ ଓ ଏ ସବୁ ନିର୍ମାଣ ପଛରେ ଥିବା ଶିଳ୍ପୀ ହିଁ ଲୋକ ବିଶ୍ୱାସରେ ସୃଷ୍ଟି କରୁଛି ରହସ୍ୟ।



ଉପସ୍ଥାପନା
ଜାହ୍ନବୀସୁତ

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଏଥର ଶଙ୍ଖ ...

ହେଲେ ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜାତୀୟ ରାଜନୀତିକୁ ଅନୁଧ୍ୟାନ କରି ଗୋଟିଏ ପରେ ଗୋଟିଏ ଲୋକାଭିମୁଖୀ ଯୋଜନା ପ୍ରଣୟନ କରୁଛନ୍ତି। ଘନ ଘନ ବୈଠକ ଡକାଇ ମୁଖ୍ୟ ଶାସନ ସଚିବଙ୍କ ସମେତ ବରିଷ୍ଠ ସଚିବଙ୍କ ସହ ଆଲୋଚନା କରୁଛନ୍ତି। ସାଧାରଣ ଲୋକଙ୍କ ହିତ ପାଇଁ ନୂଆ ଯୋଜନା କାର୍ଯ୍ୟକାରୀ କରାଇବାକୁ ନିଷ୍ପତ୍ତି ନେଇ ଯେଭଳି ସେ ୨୦୧୮ ସୁଦ୍ଧା ବିଧାନସଭା ନିର୍ବାଚନ କରାଇବା ଲକ୍ଷ୍ୟରେ ଥିବା ଜଣାପଡୁଛି। 'ଆମ ଗାଁ ଆମ ବିକାଶ' ହେଉଛି ଏହି ନୂତନ ଯୋଜନାର ଅଂଶ। ଯାହାକି ରାଜ୍ୟ ବିକାଶ ସହ ସାଧାରଣ ଲୋକଙ୍କ ବିକାଶକୁ ଯୋଡିବାର ମାଧ୍ୟମ ବୋଲି ଆଲୋଚନା ହେଉଛି।

ଏଭଳି ସ୍ଥିତିରେ ୱାର୍ଡ ସ୍ତରରୁ ଲୋକଙ୍କ ପାଇଁ କାର୍ଯ୍ୟ ଆରମ୍ଭ କରିଥିବା ବିଜୁ ଜନତା ଦଳର ବରିଷ୍ଠ ନେତା ତଥା ମନ୍ତ୍ରୀ ସୂର୍ଯ୍ୟ ନାରାୟଣ ପାତ୍ର କହିଛନ୍ତି, ଯଦି ନିର୍ବାଚନ କମିଶନ ଆଗୁଆ ନିର୍ବାଚନ କରନ୍ତି, ତେବେ ମୁଖ୍ୟମନ୍ତ୍ରୀଙ୍କ ଉପରେ ଏହା ନିର୍ଭର କରୁଛି। ସାଧାରଣ ଭାବେ ଆମ ଓଡ଼ିଶାରେ ଯେତେବେଳେ ଲୋକସଭା ନିର୍ବାଚନ ହୁଏ, ସାଧାରଣ ନିର୍ବାଚନ ସହିତ ହୁଏ। କଂଗ୍ରେସର ଓଡ଼ିଶା ପ୍ରଭାରୀ ବିକେ ହରିପ୍ରସାଦ କହିଛନ୍ତି, ପ୍ରଧାନମନ୍ତ୍ରୀଙ୍କ ନିଷ୍ପତ୍ତିକୁ ଆମେ ସ୍ୱାଗତ କରିବୁ। ଆମେ ମଧ୍ୟ ଆଗୁଆ ନିର୍ବାଚନର ମୁକାବିଲା ପାଇଁ ପ୍ରସ୍ତୁତ ଅଛୁ। ଏ ପ୍ରସଙ୍ଗରେ ବିଜେପି ବିଧାୟକ ଦଳ ନେତା କହିଛନ୍ତି, ଆଗୁଆ ନିର୍ବାଚନ ନେଇ ନିର୍ବାଚନ କମିଶନ କେନ୍ଦ୍ର ସରକାରଙ୍କ ନିକଟରେ ପ୍ରସ୍ତାବ ରଖିଛନ୍ତି। ଆମେ ଏହାକୁ ସ୍ୱାଗତ କରୁଛୁ ଓ ଏହା ହୋଇପାରିଲେ ନିର୍ବାଚନ କରାଯିବ। ତେଣୁ ଆଗୁଆ ନିର୍ବାଚନକୁ ନେଇ ଏବେ ଚାଲିଥିବା ଚର୍ଚ୍ଚାରେ କେନ୍ଦ୍ରର ମୋଦି ସରକାର ଓ ରାଜ୍ୟର ନବୀନ ସରକାରଙ୍କ ଲୋକପ୍ରିୟତାକୁ ବିଶେଷ ଗୁରୁତ୍ୱ ଦିଆଯାଉଛି। ହେଲେ ଓଡ଼ିଶା ସମେତ ପଶ୍ଚିମବଙ୍ଗ, ତେଲେଙ୍ଗାନା, ତାମିଲନାଡୁ, କେରଳ ଓ କର୍ଣ୍ଣାଟକର ଲୋକସଭା ଆସନଗୁଡିକୁ ହାତେଇବା ପାଇଁ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହା ଏବେଠୁ ଜୋର ଲଗାଇବା ଆରମ୍ଭ କରିଦେଇଛନ୍ତି। ଏନେଇ ଶାହା ଦିଲ୍ଲୀରେ ମିଶନ ୩୫୦ ଆରମ୍ଭ କରି ୩୫୦ ଆସନରେ ଜିତିବାର ନୂଆ ବ୍ଲୁପ୍ରିଣ୍ଟ୍ ପ୍ରସ୍ତୁତ କରିସାରିଲେଣି। ତେଣୁ ଆଗାମୀ ନିର୍ବାଚନରେ ଅମିତଙ୍କ ଗେମ୍‌ପ୍ଲାନ୍ ବା ନବୀନଙ୍କ ଲୋକପ୍ରିୟତା କାମ କରୁଛି ତାହା ଦେଖିବାକୁ ବାକି ରହିଲା।

### 'ସ୍ୱପ୍ନ ସାକାର...

ଭାରତର ଯୁବଶ୍ରେଣୀକୁ ଏଭଳି ସୁଯୋଗକୁ ହାତଛଡ଼ା ନ କରି ଦେଶର ଭବିଷ୍ୟତ ଗଢ଼ିବାକୁ ପଡ଼ିବ ଏବଂ ସେମାନଙ୍କୁ ଭାରତର ବିକାଶରେ ସାମିଲ ହେବାକୁ ପଡ଼ିବ। ପ୍ରଧାନମନ୍ତ୍ରୀ ଗତବର୍ଷ ତୁଳନାରେ ଏଥର କମ୍ ସମୟ ପାଇଁ ଉଦ୍‌ବୋଧନ ଦେଇଥିଲେ। ଗତବର୍ଷ ସ୍ୱାଧୀନତା ଦିବସ ଅବସରରେ ସେ ୯୪ ମିନିଟ୍ ଉଦ୍‌ବୋଧନ ଦେଇଥିଲା ବେଳେ ଏଥର ମାତ୍ର ୫୪ ମିନିଟ୍ କହିଥିଲେ। ତେବେ ଏହି ଉଦ୍‌ବୋଧନ କାଳରେ ମୋଦି ଦେଶର ସୁରକ୍ଷା ଠାରୁ କଳାଧନ ପର୍ଯ୍ୟନ୍ତ ଅନେକ ପ୍ରସଙ୍ଗରେ ନିଜର ମତ ରଖିଥିଲେ। ଦେଶର ସୁରକ୍ଷା ସମ୍ପର୍କରେ ସେ କହିଲେ, "ଜାତୀୟ ସୁରକ୍ଷା ଆମ ପାଇଁ ସବୁଠାରୁ ବଡ଼। ସବୁ କ୍ଷେତ୍ରରେ ଆମ ଦେଶକୁ ରକ୍ଷା କରିବା ପାଇଁ ଆମେ ପୂରାପୂରି ସକ୍ଷମ।" କାଶ୍ମୀର ସମସ୍ୟା ସମ୍ପର୍କରେ ସେ କହିଲେ, କଶ୍ମୀରକୁ ଭୂସ୍ୱର୍ଗ କୁହାଯାଏ। ରାଜ୍ୟରେ ଶାନ୍ତି ଓ ସ୍ଥିରତା ଫେରାଇ ଆଣିବା ଲାଗି ଆମେ ସଂକଳ୍ପବଦ୍ଧ। ଏହି ସମସ୍ୟା ବୁଲେଟ୍ ଦ୍ୱାରା ସମାଧାନ ହୋଇପାରିବ ନାହିଁ। କଶ୍ମୀରର ସମସ୍ତ ଜନସାଧାରଣଙ୍କୁ ଆପଣାର କରିପାରିଲେ, ଏହାର ସମାଧାନ ହୋଇପାରିବ। ତେବେ ଆତଙ୍କବାଦ ପ୍ରସଙ୍ଗରେ ନରମ ମନୋଭାବ ପୋଷଣ କରିବାର ପ୍ରଶ୍ନ ଉଠୁନାହିଁ। ଦେଶରେ କୃଷିର ଅଗ୍ରଗତି ସମ୍ପର୍କରେ ସେ କହିଲେ, ପ୍ରାକୃତିକ ବିପର୍ଯ୍ୟୟ ସତ୍ତ୍ୱେ ଭାରତରେ ରେକର୍ଡ ପରିମାଣର ଫସଲ ଉତ୍ପାଦନ ହୋଇଛି। ଉଲ୍ଲେଖନୀୟ ବିଷୟ ଡାଲି ଜାତୀୟ ଫସଲ ପର୍ଯ୍ୟାପ୍ତ ଉତ୍ପାଦନ ହୋଇପାରିଛି। ସରକାର ୧୬ ଲକ୍ଷ ଟନ୍ ଡାଲି କିଣିଛନ୍ତି। ୨୦୧୯ ସୁଦ୍ଧା ୯୯ଟି ଜଳସେଚନ ଯୋଜନା ପୂର୍ଣ୍ଣାଙ୍ଗ ହେବ। ୯ କୋଟି ଚାଷୀଙ୍କୁ ମୃତ୍ତିକା କାର୍ଡ ମିଳିପାରିଛି। ଜିଏସ୍‌ଟି ପ୍ରସଙ୍ଗରେ ସେ କହିଲେ, ଏହା ଏକ ବଡ଼ ସଫଳତା। ସାରା ଦେଶରେ ଏହି ଏକକ ଟିକସ ବ୍ୟବସ୍ଥା ଖୁବ୍ କମ୍ ସମୟ ମଧ୍ୟରେ ଲାଗୁ ହୋଇପାରି ଥିବାରୁ ସଂଘୀୟ ବ୍ୟବସ୍ଥାର ମହନୀୟତା ପ୍ରତିପାଦିତ ହୋଇଛି। ଜିଏସ୍‌ଟି ଲାଗୁ ହେବା ଦ୍ୱାରା ଚେକ୍‌ପୋଷ୍ଟ୍‌ଗୁଡ଼ିକ ହଟିଯାଇଛି ଏବଂ ସାମଗ୍ରୀ ପରିବହନ ସମୟ ୩୦% ହ୍ରାସ ପାଇଛି। ଦୁର୍ନୀତି ଓ କଳାଧନ ସମ୍ପର୍କରେ ପ୍ରଧାନମନ୍ତ୍ରୀ ମୋଦି ୧.୨୫ ଲକ୍ଷ କୋଟି ଟଙ୍କାର କଳାଧନ ଠାବ କରାଯାଇ ପାରିଛି। ବିମୁଦ୍ରାକରଣ ପରେ ୩ ଲକ୍ଷ କୋଟି ଟଙ୍କା ବ୍ୟାଙ୍କ୍‌କୁ ଆସିପାରିଛି। ୧.୭୫ ଲକ୍ଷ କୋଟି ଟଙ୍କା ଯାଞ୍ଚ୍ ପରିସରକୁ ଆସିଛି। ୨ ଲକ୍ଷ କୋଟି ଟଙ୍କାର କଳା ଧନ ବ୍ୟାଙ୍କ୍‌ରେ ପହଞ୍ଚି ପାରିଛି। ବିମୁଦ୍ରାକରଣ ଦୁର୍ନୀତି ଓ କଳାଧନ ରୋକିବାରେ ସହାୟକ ହୋଇଛି। ବିମୁଦ୍ରାକରଣ ପରେ ୩ ଲକ୍ଷ ସେଲ୍ କମ୍ପାନୀକୁ ଠାବ କରାଯାଇ ପାରିଛି। ୧.୭୫ ଲକ୍ଷ ସେଲ୍ କମ୍ପାନୀ ବନ୍ଦ ହୋଇଯାଇଛି। ସରକାର ୮୦୦ କୋଟି ଟଙ୍କାର ବେନାମୀ ସମ୍ପତ୍ତି ଜବତ କରିପାରିଛନ୍ତି। କଳାଧନ ବିରୋଧରେ ସରକାରଙ୍କ ଏଭଳି ପଦକ୍ଷେପ ଯୋଗୁ ଚଳିତ ବର୍ଷ ଆୟକରଦାତାଙ୍କ ସଂଖ୍ୟା ଗତ ବର୍ଷ ତୁଳନାରେ ଦୁଇଗୁଣିତ ହୋଇ ୫୬ ଲକ୍ଷରେ ପହଞ୍ଚିଛି ବୋଲି ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି। ପ୍ରଧାନମନ୍ତ୍ରୀ ତାଙ୍କର ଏହି ଉଦ୍‌ବୋଧନ ସମୟରେ ଗୋରଖପୁର ହସ୍‌ପିଟାଲରେ ଶିଶୁଙ୍କ ଅକାଳ ମୃତ୍ୟୁ ଏବଂ ଦେଶର ବିଭିନ୍ନ ଭାଗରେ ବନ୍ୟାଜନିତ ମୃତ୍ୟୁ ନେଇ ଗଭୀର ଉଦ୍‌ବେଗ ପ୍ରକାଶ କରିଥିଲେ। ତଥାକଥିତ ଗୋରକ୍ଷକଙ୍କ ହିଂସାକାଣ୍ଡ ନେଇ ମଧ୍ୟ ଅସନ୍ତୋଷ ପ୍ରକାଶ କରିଥିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।

### ଖୋଲିବ ବ୍ରହ୍ମ ...

ପୂର୍ବତନ ମୁଖ୍ୟ ପ୍ରଶାସକ ଏବଂ ବର୍ତ୍ତମାନର ଜଙ୍ଗଲ ଓ ପରିବେଶ ବିଭାଗର ପ୍ରମୁଖ ଶାସନ ସଚିବଙ୍କୁ ଚିଠି ଲେଖିଥିଲା। ୨୦୧୫ ଜୁନ୍ ୧୫ ରାତିରେ ମହାପ୍ରଭୁଙ୍କ ନବକଳେବର ବ୍ରହ୍ମ ପରିବର୍ତ୍ତନ ପାଇଁ ପ୍ରଶାସନ ନିଷ୍ପତ୍ତି ନେଇଥିଲା। ନିଶାର୍ଦ୍ଧରେ ବ୍ରହ୍ମ ପରିବର୍ତ୍ତନ କରାଯାଉଥିବାରୁ ସମସ୍ତେ ଅନିଦ୍ରା ରହି ଭାଗବତ ପାଠ କରିବା ସହିତ ଦୀପଜାଳି ଭଗବାନଙ୍କୁ ଆରାଧନା କରିବା ପାଇଁ କୁହାଯାଇଥିଲା। ମାତ୍ର ୧୫ ତାରିଖ ରାତିରେ ଘଟ ପରିବର୍ତ୍ତନ କରାନଯାଇ ୧୬ତାରିଖ ସ୍ୱଷ୍ଟ ଦିବାଲୋକରେ ବ୍ରହ୍ମ ପରିବର୍ତ୍ତନ କରାଯିବା ଦ୍ୱାରା କୋଟି କୋଟି ଜଗନ୍ନାଥ ଭକ୍ତଙ୍କ ଭାବାବେଗକୁ ଆଘାତ ଲାଗିଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାର ତଦନ୍ତ କରିଥିଲେ ତତ୍କାଳୀନ ମୁଖ୍ୟପ୍ରଶାସକ ସୁରେଶଚନ୍ଦ୍ର ମହାପାତ୍ର। ତଦନ୍ତ ସମୟରେ ମୁଖ୍ୟ ପ୍ରଶାସକ, ୪ ବାଡ଼ଗ୍ରାହୀ, ୪ ଉପଦଳପତି, ବିଶ୍ୱାବସୁ, ବିଦ୍ୟାପତି, ବିଶ୍ୱକର୍ମା ଓ ଦେଉଳକରଣ ପ୍ରମୁଖଙ୍କ ବୟାନ ରେକର୍ଡ କରାଯାଇଥିଲେ ବି ଏହାର ଚୂଡ଼ାନ୍ତ ରିପୋର୍ଟ ଦାଖଲ ହୋଇପାରିନଥିଲା।

### ଆଇଓସିଏଲ୍ ...

ମଧ୍ୟରେ ହୋଇଥିବା ଚୁକ୍ତିର ପୁନର୍ବିଚାର କରିବାକୁ ଉଭୟ ପକ୍ଷ ରାଜି ହୋଇଛନ୍ତି। ବୈଠକ ଶେଷରେ ଗଣମାଧ୍ୟମକୁ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସୌହାର୍ଦ୍ଦ୍ୟପୂର୍ଣ୍ଣ ଭାବରେ ଏହି ବିବାଦର ସମାଧାନ ପନ୍ଥା ବାହାରିବ ବୋଲି ସେ ଆଶାବାଦୀ ଅଛନ୍ତି। କେନ୍ଦ୍ରମନ୍ତ୍ରୀଙ୍କ ସହିତ ଏହି ପ୍ରସଙ୍ଗ ନେଇ ତାଙ୍କର ସକାରାତ୍ମକ ଆଲୋଚନା ହୋଇଥିବା ସେ ସୂଚନା ଦେଇଛନ୍ତି। ସେହିପରି ପେଟ୍ରୋଲିୟମ୍ ମନ୍ତ୍ରୀ କହିଛନ୍ତି ୨୦୦୪ରେ ହୋଇଥିବା ଚୁକ୍ତିର ସର୍ତ୍ତାବଳୀ କାହାକୁ ସୁହାଉ ନାହିଁ। ତେଣୁ ଏଥିରେ ପରିବର୍ତ୍ତନର ଆବଶ୍ୟକତା ରହିଛି। ଆପୋସ ଆଲୋଚନା ମାଧ୍ୟମରେ ଏହି ସମସ୍ୟାର ସମାଧାନ ଉପରେ ଗୁରୁତ୍ୱ ଦିଆଯିବା ଦରକାର ବୋଲି ସେ କହିଛନ୍ତି। ୨୦୦୪ ମସିହାରେ ରାଜ୍ୟ ସରକାର ଏବଂ ଆଇଓସିଏଲ୍ ମଧ୍ୟରେ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଥିଲା। ଚୁକ୍ତି ଅନୁସାରେ ରାଜ୍ୟ ସରକାର ସମ୍ପୃକ୍ତ ପ୍ରକଳ୍ପ ପାଇଁ କର ରିହାତି ସୁଯୋଗ ପ୍ରଦାନ କରିଥିଲେ। ମାତ୍ର ପରବର୍ତ୍ତୀ ସମୟରେ ଏହି ପ୍ରକଳ୍ପର କ୍ଷମତା ୯ ନିୟୁତ ଟନରୁ ୧୫ ନିୟୁତ ଟନକୁ ବୃଦ୍ଧି କରାଯାଇଥିଲା। ଏହା ଛାଡ଼ା ପ୍ରକଳ୍ପ କାର୍ଯ୍ୟ ଧାର୍ଯ୍ୟ ୨୦୧୦ ମସିହା ବଦଳରେ ୨୦୧୬ରେ ଶେଷ ହୋଇଥିଲା। ବର୍ତ୍ତମାନ ଆଇଓସିଏଲ୍ ଲାଭରେ ଚାଲିଥିବାରୁ ରାଜ୍ୟ ସରକାର ସୁଧମୁକ୍ତ ଋଣ ଛାଡ଼ ପ୍ରତ୍ୟାହାର କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହା ବାଦ୍ ଭାଟ୍ ବାବଦକୁ ରାଜ୍ୟ ସରକାରଙ୍କ ବାର୍ଷିକ ୧୪୮୫ କୋଟି ଟଙ୍କା ରାଜସ୍ୱ କ୍ଷତି ହେଉଥିବାର ମଧ୍ୟ ଦର୍ଶାଯାଇଥିଲା। ଏହାକୁ ଆଇଓସିଏଲ୍ ପକ୍ଷରୁ ବିରୋଧ କରାଯାଇଥିଲା। ଫଳରେ ଗତ ମାର୍ଚ୍ଚ ମାସରେ ଓଡ଼ିଶା ହାଇକୋର୍ଟ ଏନେଇ ଏକ ୱାର୍କିଂ ଗ୍ରୁପ ପ୍ରତିଷ୍ଠା କରି ବିବାଦର ଆପୋସ ଆଲୋଚନା ମାଧ୍ୟମରେ ସମାଧାନ କରିବା ପାଇଁ ଉଭୟ ପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଇତି ମଧ୍ୟରେ ଦିଲ୍ଲୀରେ ଏହି ଗ୍ରୁପର ଛଅ ଥର ବୈଠକ ଅନୁଷ୍ଠିତ ହୋଇସାରିଲାଣି। ଉଭୟ ପକ୍ଷ ନିଜ ନିଜ ଜିଦ୍‌ରେ ଅଟଳ ରହିବା କାରଣରୁ ଏନେଇ କୌଣସି ସମାଧାନ ବାହାରି ପାରୁ ନାହିଁ। ଏହି ଗତିରୋଧକୁ ହଟାଇବା ପାଇଁ ଆଜି ଶୀର୍ଷସ୍ତରରେ ଆଲୋଚନା ହୋଇଛି। ଆଲୋଚନାରେ କେନ୍ଦ୍ର ପେଟ୍ରୋଲିୟମ ସଚିବ ଏବଂ ଆଇଓସିଏଲର ଅଧ୍ୟକ୍ଷଙ୍କ ସମେତ ରାଜ୍ୟ ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନର ଏବଂ ଅର୍ଥ ସଚିବ ଯୋଗ ଦେଇଥିଲେ। ଉଭୟ ପକ୍ଷଙ୍କ ମଧ୍ୟରେ ଆଲୋଚନା ପରେ ବର୍ତ୍ତମାନ ରାଜ୍ୟର ଆର୍ଥିକ ସ୍ଥିତି ତଥା ଆଇଓସିଏଲର ବ୍ୟବସାୟିକ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏକ ସମାଧାନର ପନ୍ଥା ବାହାର କରିବାକୁ ନିଷ୍ପତ୍ତି ହୋଇଛି। ଏଭଳି ଏକ ମଧ୍ୟମ ପନ୍ଥା ବାହାର କରାଯିବା ଦରକାର ଯେଉଁଥିରେ କି ରାଜ୍ୟ ସରକାର ଏବଂ ଆଇଓସିଏଲ୍ ପରସ୍ପରର ସର୍ତ୍ତକୁ ମାନି ନିଜ ଜିଦରୁ ଓହରି ଯିବେ ବୋଲି କୁହାଯାଇଛି। ଏହା ଫଳରେ ରାଜ୍ୟରେ ପେଟ୍ରୋଲିୟମ ଶିଳ୍ପର ବିକାଶ ସାଙ୍ଗକୁ ସରକାରଙ୍କ ରାଜସ୍ୱ ବୃଦ୍ଧି ହୋଇପାରିବ ବୋଲି କୁହାଯାଇଛି। ଏହା ସହିତ ରାଜ୍ୟର ବେକାର ଯୁବକ ଯୁବତୀମାନଙ୍କ ପାଇଁ ନିଯୁକ୍ତି ସୁଯୋଗ ମିଳିପାରିବ ବୋଲି କୁହାଯାଇଛି। ଆପୋସ ଆଲୋଚନା ମାଧ୍ୟମରେ ଏହାର ସମାଧାନ ପନ୍ଥା ବାହାର କରିବା ପାଇଁ ନିଷ୍ପତ୍ତି ହେବା ପରେ ପୁଣି ଥରେ ୱାର୍କିଂ ଗ୍ରୁପର ବୈଠକ ବସିବ। ଏହାଦ୍ୱାରା ଓଡ଼ିଶାର ସ୍ୱାର୍ଥରକ୍ଷା ସହ ଆଇଓସିଏଲ୍ ଭଳି ଏକ ଗୁରୁତ୍ୱପୂର୍ଣ୍ଣ ସଂସ୍ଥା ରାଜ୍ୟରେ ସୁରକ୍ଷିତ ଭାବେ କାର୍ଯ୍ୟ କରିପାରିବ।

### 'ଓଡ଼ିଶା...

ତେବେ ଅନଲାଇନ୍ ଭୋଟିଂରେ ନବୀନଙ୍କୁ ସର୍ବାଧିକ ଭୋଟ୍ ମିଳିଥିବା ସମ୍ପର୍କରେ ସମ୍ପୃକ୍ତ ସଂସ୍ଥା ତରଫରୁ କୁହାଯାଇଥିଲା। ପୁରସ୍କାର ଗ୍ରହଣ କରିବା ପରେ ଓଡ଼ିଶାର ଜନପ୍ରିୟ ମୁଖ୍ୟମନ୍ତ୍ରୀ ରାଜ୍ୟର ସାଢ଼େ ଚାରିକୋଟି ଜନତାଙ୍କୁ ଏହା ଉତ୍ସର୍ଗ କରିଛନ୍ତି। ଏହି ଅବସରରେ ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ୧୭ ବର୍ଷ ପୂର୍ବେ ସେ ରାଜ୍ୟ କ୍ଷମତାକୁ ଆସିବା ବେଳେ ଓଡ଼ିଶା ବାହାର ରାଜ୍ୟରୁ ଚାଉଳ ଆମଦାନୀ କରୁଥିଲା। ମାତ୍ର ବର୍ତ୍ତମାନ ସ୍ଥିତି ସମ୍ପୂର୍ଣ୍ଣ ବଦଳି ଯାଇଛି। ଧାନ ଉତ୍ପାଦନ କ୍ଷେତ୍ରରେ ସାରା ଦେଶରେ ତୃତୀୟ ସ୍ଥାନରେ ରହିଛି ଓଡ଼ିଶା। ସେହିପରି ଶିଶୁ ମୃତ୍ୟୁ ହାର ରୋକିବା କ୍ଷେତ୍ରରେ ମଧ୍ୟ ବିଜେଡି ସରକାର ସଫଳ ହୋଇଥିବା ସେ ଉଲ୍ଲେଖ କରିଥିଲେ। ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ପ୍ରୋତ୍ସାହନ ଦିଆଯାଇ ବିଜେଡି ସରକାର ମହିଳା ଏବଂ ଆଦିବାସୀଙ୍କ ସଶକ୍ତୀକରଣ ଦିଗରେ ଉଲ୍ଲେଖନୀୟ ସଫଳତା ହାସଲ କରିପାରିଛି। ସେହିପରି କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟଲୀଙ୍କୁ ଶ୍ରେଷ୍ଠ ସାଂସଦ ଭାବରେ ମନୋନୀତ କରାଯାଇଛି। ଇଲା ରମେଶ ଭଟ୍ଟଙ୍କୁ ଲାଇଫ୍ ଟାଇମ୍ ଆଚିଭ୍‌ମେଣ୍ଟ୍ ଆୱାର୍ଡ, ଆଶିଷ ନନ୍ଦୀଙ୍କୁ ବେଷ୍ଟ୍ ଏକାଡେମିସିଆନ୍, ଅକ୍ଷୟ ମୁକୁଲ୍‌ଙ୍କୁ ବେଷ୍ଟ୍ ନନ୍ ଫିକ୍ସନ୍ ଅଥର୍ ଏବଂ ହରିଶ ଦାମୋଦରନ୍‌ଙ୍କୁ ୨୦୧୭ ମସିହା ପାଇଁ ବେଷ୍ଟ୍ ଜର୍ଣ୍ଣାଲିଷ୍ଟ୍ ଆୱାର୍ଡ ପ୍ରଦାନ କରାଯାଇଛି। ଅନ୍ୟାନ୍ୟ କ୍ଷେତ୍ରରେ ଶ୍ରେଷ୍ଠ ସାଂସଦ ଭାବେ କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟଲୀ, ଶିଳ୍ପପତି ଅଜୀମ୍ ପ୍ରେମଜୀ, ଗଣିତଜ୍ଞ ଆନନ୍ଦ କୁମାର, ମନସ୍ତତ୍ତ୍ୱବିତ୍ ଆଶିଷ ନନ୍ଦୀ, ସାମ୍ବାଦିକତା କ୍ଷେତ୍ରରେ ଅକ୍ଷୟ ମୁକୁଲ, ହରୀଶ ଦାମୋଦରନ୍, ନାଟ୍ୟକାର ରତନ ଥିୟାମ୍ ଓ ସାମାଜିକ କର୍ମୀ ଇଲା ଭଟ୍ଟଙ୍କୁ ପୁରସ୍କୃତ କରାଯାଇଛି। ଓଡ଼ିଶାରୁ ସାଂସଦ ପିନାକୀ ମିଶ୍ର, ପ୍ରତାପ ଦେବ, ବିଧାୟକ ଦେବୀପ୍ରସାଦ ମିଶ୍ର, ଅରୁଣ ସାହୁ, ଖଦୀ ବୋର୍ଡର ଅଧ୍ୟକ୍ଷ ତେଜେଶ୍ୱର ପରିଡ଼ା, ନୀଳମାଧବ ପଣ୍ଡା, ମୁଖ୍ୟ ସଚିବ ଆଦିତ୍ୟ ପାଢ଼ୀ, ଉନ୍ନୟନ କମିଶନର ବାଲକ୍ରିଷ୍ଣନ, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବ ରାଜେଶ ବର୍ମା, ବ୍ୟକ୍ତିଗତ ସଚିବ ଭି.କାର୍ତ୍ତିକେୟ ପାଣ୍ଡିଆନ୍, ସାଧାରଣ ପ୍ରଶାସନ ବିଭାଗ ସ୍ୱତନ୍ତ୍ର ସଚିବ ଅଶୋକ ମୀନାଙ୍କ ସମେତ ବହୁ ପ୍ରବାସୀ ଓଡ଼ିଆ ଏହି ଉତ୍ସବରେ ଉପସ୍ଥିତ ଥିଲେ।

### ପାଇପ୍ ଗ୍ୟାସ୍ ...

ସହରାଞ୍ଚଳରେ ସିଜିଡି (ସିଟି ଗ୍ୟାସ୍ ଡିଷ୍ଟ୍ରିବ୍ୟୁସନ) ନିମନ୍ତେ କେନ୍ଦ୍ର ନଗର ଉନ୍ନୟନ ବିଭାଗ ପକ୍ଷରୁ ଗତବର୍ଷ ସେପ୍ଟେମ୍ବର ମାସରେ ଓଡ଼ିଶା ସମେତ ବିଭିନ୍ନ ରାଜ୍ୟଗୁଡିକୁ ପ୍ରସ୍ତାବ ଦିଆଯାଇଥିଲା। ଧାର୍ଯ୍ୟ ସମୟ ମଧ୍ୟରେ ଯେଉଁ ସହରାଞ୍ଚଳଗୁଡିକ ଅନୁମତି ଦେବେ ସେଠାରେ ଏହି ବ୍ୟବସ୍ଥା ପ୍ରଚଳନ କରାଯିବ। ମାତ୍ର ଇତିମଧ୍ୟରେ ପାଖାପାଖି ବର୍ଷେ ବିତିଯାଇଥିଲେ ମଧ୍ୟ ଏ କ୍ଷେତ୍ରରେ ବିଶେଷ ଅଗ୍ରଗତି ହୋଇନାହିଁ। ତେଣୁ ଓଡ଼ିଶା ସମେତ ବିଭିନ୍ନ ରାଜ୍ୟକୁ ଏ ସମ୍ପର୍କରେ କେନ୍ଦ୍ର ନଗର ଉନ୍ନୟନ ମନ୍ତ୍ରଣାଳୟ ଚିଠି ଲେଖି ପ୍ରସ୍ତାବ, ଅନୁମତି ଓ ଅନ୍ୟାନ୍ୟ ପ୍ରକ୍ରିୟା ଶେଷକରିବା ଓ ପାଇପ୍ ବିଛା ନିମନ୍ତେ ରାସ୍ତା ଖନନ ଓ ମରାମତି, ବାର୍ଷିକ ଦେୟ ଆଦି ସମ୍ପର୍କରେ ପ୍ରସ୍ତାବ ଦେବାକୁ ଅନୁରୋଧ କରିଛନ୍ତି।

### ଜେଲ୍ ଗଲା ...

ଅଭିଯୁକ୍ତ ବିରୋଧରେ ୩୦୨ ଦଫାରେ ଡେଲାଙ୍ଗଥାନା ମାମଲା ନମ୍ବର ୧୮୬ ରୁଜୁ କରାଯାଇ ତାକୁ କୋର୍ଟ ଚାଲାଣ କରାଯାଇଛି। ପୁଲିସ ଆଇଜି ସୌମେନ୍ଦ୍ର ପ୍ରିୟଦର୍ଶୀ ଓ ଏସ୍‌ପି ଡା. ସାର୍ଥକ ଷଡ଼ଙ୍ଗୀ ପ୍ରକାଶ କରିଛନ୍ତି ଯେ, ଏହି ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତ ଦେବଗଡ଼ ଜିଲ୍ଲା ଅନ୍ତର୍ଗତ ବଡଚପଳ ଗ୍ରାମପଞ୍ଚାୟତର ଖଣ୍ଡେଇଗୋଳା ଥାନା ଅନ୍ତର୍ଗତ ଗିନାହାଜା ଗ୍ରାମର ଅଖିଳ ବେହେରାଙ୍କ ପୁତ୍ର ବୁଦ୍ଧଦେବ ବେହେରା ଓରଫ ରାଜେଶ ଓରଫ ଜିତୁ ଓରଫ ରାଜନ ଓରଫ ସୁବାଷ ନାୟକ (୩୧)କୁ ଯାଜପୁରରୁ ଗିରଫ କରାଯାଇଛି। ପୁଲିସ ମୋବାଇଲ ଟ୍ରାକିଂରୁ ତାର ଗତିବିଧି ଲକ୍ଷ୍ୟକରି ତାକୁ ଗିରଫ କରିବାରେ ସଫଳ ହୋଇଛି। ବୁଦ୍ଧଦେବ ଜଣେ ଶ୍ରମିକ ଠିକାଦାର। ଚୋରି କରିବା ତାର ପେଶା। ୨୦୧୦ ମସିହାରେ ପ୍ରଥମ ପତ୍ନୀକୁ ଯୌତୁକ ନିର୍ଯାତନା ଦେଉଥିବା ଅଭିଯୋଗରେ ଜେଲ ଯାଇଥିଲା। ସେ ଏହିଭଳି ଧର୍ଷଣ ଓ ହତ୍ୟାଜନିତ ୫ଟି ମାମଲା କରିଥିବା ପୁଲିସ ତଦନ୍ତରୁ ଜାଣିପାରିଛି। ଅଭିଯୁକ୍ତ ବୁଦ୍ଧଦେବ ଓଡ଼ିଶା ଓ ଝାଡ଼ଖଣ୍ଡ ସୀମା, ଆନ୍ଧ୍ରପ୍ରଦେଶ ଅଞ୍ଚଳରେ ଏହିଭଳି ଘଟଣାମାନ ଘଟାଇଛି। ୨୦୧୨ ମସିହାରେ ଦେବଗଡ଼ରେ ଏହିଭଳି ଘଟଣା ଘଟାଇଥିବାବେଳେ ୨୦୧୬ ଅଗଷ୍ଟ ୨୬ ତାରିଖ ଦିନ ବଇରି ଓ ୨୦୧୭ ଜୁଲାଇ ୧୪ ତାରିଖରେ ଆନ୍ଧ୍ରପ୍ରଦେଶରେ ହତ୍ୟାକାଣ୍ଡ ଘଟାଇଥିଲା। ଖଣ୍ଡେଇଗୋଲା ଥାନା, ଦେବଗଡ଼ ଥାନା, ବଇରି ଥାନା, ଚିଲାକୋରେ ଥାନା, ଡେଲାଙ୍ଗଥାନା ଓ ସମୁଦ୍ରକୂଳ ଥାନାରେ ଚୋରି, ହତ୍ୟା ଆଦି ବୁଦ୍ଧଦେବ ବିରୋଧରେ ଅନେକ ମାମଲା ରହିଛି। ଆଇଜି ଶ୍ରୀ ପ୍ରିୟଦର୍ଶୀ ଗଣମାଧ୍ୟମକୁ ସୂଚନାଦେଇ କହିଥିଲେ ଯେ, ଡେଲାଙ୍ଗଥାନା ଅନ୍ତର୍ଗତ ବଢିହୁଡ଼ା ଜଙ୍ଗଲରେ ଜଣେ ଅପରିଚିତା ମହିଳାଙ୍କର ଉଲଗ୍ନ ଶବ ପଡ଼ିଥିବା ସଂକ୍ରାନ୍ତରେ ଜଗଦଳପୁର ଗ୍ରାମର ରାମଚନ୍ଦ୍ର ରାଉତରାୟଙ୍କ ପୁତ୍ର ସଞ୍ଜୟ ଗତ ୨ତାରିଖ ସକାଳ ସାଢେ ୬ଟାରେ ଡେଲାଙ୍ଗ ଥାନାକୁ ଜଣାଇଥିଲେ। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ୨୭ବର୍ଷର ମୃତ ମହିଳାଙ୍କ ଶବକୁ ଜବତ କରିଥିଲା। ଶବ ନିକଟରେ ଏକ ନାଲିରଙ୍ଗର ଅନ୍ତବସ୍ତ୍ର, ଗୋଟିଏ ଷ୍ଟିଲ ଛୁରି, ଗୋଟିଏ ଆଇବ୍ରୋ ପେନ୍‌ସିଲ୍, ଗୋଟିଏ ଏଟିଏମ୍ ଡେବିଟ କାର୍ଡ ଓ ସୁନୀଲ କୁମାର ମାହତୋଙ୍କ ଗୋଟିଏ ଏସ୍‌ବିଆଇ ଗ୍ରୀନକାର୍ଡ ପଡ଼ିଥିବାର ଦେଖାଯାଇଥିଲା। ପୁଲିସ ସେଗୁଡିକୁ ସଂଗ୍ରହ କରି ତଦନ୍ତ ଆରମ୍ଭ କରିଥିଲା। ଗ୍ରୀନକାର୍ଡ, ମୋବାଇଲ ଫୋନ୍ ଆଦି ସୁନୀଲ ମାହତୋଙ୍କର ଏବଂ ଏହିସବୁ ସାମଗ୍ରୀ ଗତ ୧୪ ତାରିଖ ଦିନ ବେଜୱାଡା ଷ୍ଟେସନରୁ ଚୋରି ହୋଇଯାଇଥିଲା ବୋଲି ସୁନୀଲଙ୍କଠାରୁ ପୁଲିସ ଜାଣିକାବୁ ପାଇଥିଲା। ପୁଲିସକୁ ଚକମା ଦେଖାଇବା ପାଇଁ ମହିଳାଙ୍କ ଶବ ନିକଟରେ ଏହିସବୁ ସାମଗ୍ରୀ ବୁଦ୍ଧଦେବ ପକାଇଦେଇଥିଲା। ଅଗଷ୍ଟ ୧ ତାରିଖ ରାତିରେ ବୁଦ୍ଧଦେବ ମଙ୍ଗୁପଡ଼ା ଗ୍ରାମ ନିକଟରେ କନ୍ଧମାଳ ଜିଲ୍ଲା ରାଇକିଆ ଥାନା ଅନ୍ତର୍ଗତ ଦିବାରି କଲୋନୀର ପଦ୍ମଲୋଚନ ନାୟକଙ୍କ ପତ୍ନୀ ଅନିତା ନାୟକ (୨୭)କୁ ହତ୍ୟା କରିଥିବା ତଦନ୍ତରୁ ଜଣାପଡ଼ିଥିଲା। ମୃତା ଅନିତା ଜଣେ ବିବାହିତ ମହିଳା। ତାଙ୍କର ଦୁଇଟି ସନ୍ତାନ ଅଛନ୍ତି। ପାରିବାରିକ କଳହ ଯୋଗୁଁ ଅନିତା ନିଜ ସ୍ୱାମୀଙ୍କଠାରୁ ଅଲଗା ହୋଇ ମା'ଙ୍କ ପାଖରେ ରହୁଥିଲେ। ଆନ୍ଧ୍ରପ୍ରଦେଶର ବିଭିନ୍ନ କମ୍ପାନୀରେ ସେ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ଏହି ହତ୍ୟା ଘଟଣାର ଦୁଇତିନିମାସ ପୂର୍ବରୁ ଅଭିଯୁକ୍ତ ବୁଦ୍ଧଦେବ ଅନିତାଙ୍କ ସହ ବନ୍ଧୁତା ସ୍ଥାପନା କରିଥିଲା। ଗତ ଜୁଲାଇ ୩୧ ତାରିଖରେ ଅନିତା ଘରକୁ ଯାଇ ବୁଦ୍ଧଦେବ ରହିଥିଲା। ଅଗଷ୍ଟ ୧ ତାରିଖ ସକାଳେ ସେମାନେ ଜଟଣୀକୁ ଆସିଥିଲେ। ରାଇକିଆରୁ ବସ୍ ଯୋଗେ ବ୍ରହ୍ମପୁର ଓ ପରେ ଟ୍ରେନରେ ଜଟଣୀ ଆସିଥିଲେ। ଜଟଣୀରୁ ବୁଦ୍ଧଦେବ ଆଙ୍କୋଇରେ ଅବସ୍ଥିତ ତାର ଶ୍ୱଶୁର ଘରକୁ ଯିବାପାଇଁ କହି ଅନିତାକୁ ସାଙ୍ଗରେ ନେଇ ଯାଇଥିଲା। ଏକ ଅଟୋରିକ୍ସାରେ ଦୁହେଁ ବସିବା ବେଳେ ବୁଦ୍ଧଦେବ ଅନିତାକୁ ଥଣ୍ଡା ପାନୀୟ ପିଇବାକୁ ଦେଇଥିଲା। ହତ୍ୟାକାଣ୍ଡ ଘଟିଥିବା ସ୍ଥାନର କିଛି ଦୂରରେ ଅଟୋଚାଳକ ଦୁହିଁଙ୍କୁ ଓହ୍ଲାଇଦେଇ ପଳାଇ ଯାଇଥିଲା। ଥଣ୍ଡାପାନୀୟରେ ନିଦ ବଟିକା ମିଶା ଯାଇଥିବାରୁ ତାହାକୁ ପିଇ ଅନିତା ଢୁଳାଇଥିଲା। ଏହାର ସୁଯୋଗ ନେଇ ବୁଦ୍ଧଦେବ ଅନିତାକୁ ଏକ ବୁଦାମୂଳକୁ ନେଇଯାଇ ସେଠାରେ ଦୁଷ୍କର୍ମ କରିଥିଲା। ଏହାପରେ ସେ ଅନିତାର ତଣ୍ଟିକାଟି ହତ୍ୟା କରିଥିଲା। ଏହାପରେ ସେ ମୋଟରୀ ରେଳଷ୍ଟେସନକୁ ଆସି ସେଠାରୁ ଟ୍ରେନ ଯୋଗେ ଫେରାର ହୋଇଯାଇଥିଲା। ଏହି ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ବନବିହାରୀ ସାହୁ ଉପସ୍ଥିତ ଥିଲେ। ଏଭଳି ଜଣେ ଯୌନ ପିପାଷୁ ହତ୍ୟାକାରୀର କାରନାମା ଜାଣିବା ପରେ ସମସ୍ତେ ଚକିତ ହୋଇଯାଇଛନ୍ତି। ହିତାହିତ ଜ୍ଞାନ ଭୂଲି ଯେ ଜଣେ ଏଭଳି ଅପକର୍ମ କରିବାକୁ ପଛାଏ ନାହିଁ ତାହା ଏବେ ଚନ୍ତାର ବିଷୟ।




# ସ୍ୱାଧୀନତା ଦିବସର ମହକ

## ସହିଦ୍ ଆମର ନମସ୍ୟ'




**ଭୁବନେଶ୍ୱର :** ଶ୍ରୀ କ୍ରିଷ୍ଣା ଇଣ୍ଟରନ୍ୟାସନାଲ ସ୍କୁଲରେ ୭୧ତମ ସ୍ୱାଧୀନତା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଶିକ୍ଷାନୁଷ୍ଠାନର ଚେୟାରମ୍ୟାନ୍ ପବିତ୍ର ରାଉତରାୟ ଜାତୀୟ ପତାକା ଉତ୍ତୋଳନ କରିବା ସହିତ ଅଭିଭାଷଣ ରଖିଥିଲେ। ସେ କହିଥିଲେ ଦେଶର ସ୍ୱାଧୀନତା ପାଇଁ ଯେଉଁ ସଂଗ୍ରାମୀମାନେ ପ୍ରାଣବଳୀ ଦେଇଛନ୍ତି ସେମାନେ ଆମର ନମସ୍ୟ। ପୂର୍ବସୁରୀଙ୍କ ତ୍ୟାଗ ଓ ବଳିଦାନକୁ ମନେ ରଖିବା ଆମର ପ୍ରଧାନ କର୍ତ୍ତବ୍ୟ।

କାର୍ଯ୍ୟକ୍ରମ ଆରମ୍ଭ ପୂର୍ବରୁ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଜାତୀୟ ସଂଗୀତ ଗାନ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ସମାଜସେବୀ ଜୀବନ ମହାପାତ୍ର ଯୋଗଦେଇ ପିଲାମାନଙ୍କୁ ଦେଶପ୍ରେମର ଭାବନା କଥା କହିଥିଲେ। ବିଦ୍ୟାଳୟର ନିର୍ଦ୍ଦେଶକ ଆଚାର୍ଯ୍ୟ ସ୍ୱରୂପା ନନ୍ଦ ମିଶ୍ର ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରି କହିଥିଲେ ଆଜିର ପିଲା ହେଉଛନ୍ତି ଦେଶର ଭବିଷ୍ୟତ। ଏହି ଅବସରରେ ବିଦ୍ୟାଳୟର ଅଧକ୍ଷା ସ୍ମୃତିରେଖା ଷଡଙ୍ଗୀ ବକ୍ତବ୍ୟ ରଖିଥିଲେ। ପରିଶେଷରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ ସହ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ ଅନୁଷ୍ଠାନର ଉପାଧକ୍ଷ କବିନ୍ଦ୍ର ଦାସ।

## 'ଦେଶ ପାଇଁ ତ୍ୟାଗ ବୃଥା ଯାଏନାହିଁ'





**କେନ୍ଦ୍ରାପଡ଼ା :** ପାଟକୁରା ନିର୍ବାଚନ ମଣ୍ଡଳୀର ବିଲବଲରାମପୁର ଓ ଆଇତିପୁରଠାରେ ୭୧ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ବିଜେପି ନେତା ଇଂ. ମାନସ ରଞ୍ଜନ ମହାନ୍ତି ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହିତ କର୍ମୀମାନଙ୍କୁ ସମ୍ବୋଧିତ କରିଥିଲେ। ସେ କହିଥିଲେ ସ୍ୱାଧୀନତା ସଂଗ୍ରାମର ବଳିଦାନ ଓ ତ୍ୟାଗ ଅବିସ୍ମରଣୀୟ। ଏହାକୁ ଭବିଷ୍ୟତ ବଂଶଧରମାନେ ମନେ ରଖି ଦେଶ ପାଇଁ କାର୍ଯ୍ୟ କଲେ ଦେଶର ବିକାଶ ହେବା ସହିତ ସାଧାରଣ ଲୋକଙ୍କ ବିକାଶ ହୋଇପାରିବ। ତେଣୁ ତୃଣମୂଳ ସ୍ତରରୁ ଦେଶ ପାଇଁ କିଛି କରାନଗଲେ ଏହା ଏକ ଜାତିର ପ୍ରଗତିରେ ବାଧକ ସୃଷ୍ଟି କରିବ।

ଏହି ଅବସରରେ ଜିଲ୍ଲା ପରିଷଦ ସଦସ୍ୟ, ସ୍ଥାନୀୟ ସରପଞ୍ଚ ଓ ବହୁ ବିଜେପି କର୍ମୀ ଜାତୀୟ ସଙ୍ଗୀତ ଗାନ କରିଥିଲେ। ସ୍ୱାଧୀନତା ଦିବସ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଥିଲେ। ପରିଶେଷରେ ଇଂ. ମହାନ୍ତି ସମସ୍ତଙ୍କୁ ମିଷ୍ଟାନ୍ନ ବଣ୍ଟନ କରିଥିଲେ।

## କଳିଙ୍ଗ ଷ୍ଟାଡିୟମରେ ଖୁବ୍‌ଶୀଘ୍ର ଅନ୍ତର୍ଜାତୀୟ ରଗ୍‌ବୀ ଟୁର୍ଣ୍ଣାମେଣ୍ଟ



**ଭୁବନେଶ୍ୱର :** ୨୦୧୪ରେ ଚାମ୍ପିଅନ୍ସ ଟ୍ରଫି ଓ ଗତ ଜୁଲାଇରେ ଏସିଆନ୍ ଆଥଲେଟିକ୍ସ ଚାମ୍ପିଅନ୍‌ସିପ୍‌ର ଆୟୋଜନ କରିସାରିଥିବା କଳିଙ୍ଗ ଷ୍ଟାଡିୟମ୍‌ରେ ଖୁବ୍ ଶୀଘ୍ର ଅନ୍ତର୍ଜାତୀୟ ରଗ୍‌ବୀ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହେବାର ସମ୍ଭାବନା ରହିଛି। ଓଡ଼ିଶାର ଅନେକ ରଗ୍‌ବୀ ଖେଳାଳି ଜାତୀୟ ଦଳରେ ପ୍ରତିନିଧିତ୍ୱ କରିଆସୁଥିବା ବେଳେ ଜାତୀୟ ସ୍ତରରେ ଆସନ୍ତା ବର୍ଷ ରଗ୍‌ବୀ ବିଶ୍ୱକପ୍ ଓ ଏସିଆନ୍ ରଗ୍‌ବୀ ଚାମ୍ପିଅନ୍‌ସିପ୍ ଓଡ଼ିଶାରେ ଆୟୋଜନ କରିବା ସକାଶେ ଏସିଆ ଏଗ୍‌ବୀ, ୱାର୍ଲ୍ଡ ରଗ୍‌ବୀ ଓ ରଗ୍‌ବୀ ଇଣ୍ଡିଆ ଆଗ୍ରହୀ ଥିବା ବେଳେ ଏଥିପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ପ୍ରତିନିଧି ଦଳ ଆଲୋଚନା କରିଛନ୍ତି। କଳିଙ୍ଗ ଷ୍ଟାଡିୟମ୍‌ରେ ଆବଶ୍ୟକ ଭିତ୍ତିଭୂମି ରହିଥିବା ବେଳେ ରାଜ୍ୟ ସରକାର ଉପଯୁକ୍ତ ସହଯୋଗ ଯୋଗାଇଦେଲେ ନିଶ୍ଚିତ ଭାବେ ବିଶ୍ୱକପ୍ ସହ ଏସିଆ କପ୍ ଆୟୋଜିତ ହୋଇପାରିବ ବୋଲି ପ୍ରତିନିଧି ଦଳ କହିଛନ୍ତି। ପ୍ରତିନିଧି ଦଳର ସଦସ୍ୟମାନେ କଳିଙ୍ଗ ଷ୍ଟାଡିୟମ୍ ପରିଦର୍ଶନ କରି ଭିତ୍ତିଭୂମି ଅନୁଧ୍ୟାନ କରିବା ସହ ଏଥିରେ ସନ୍ତୋଷ ପ୍ରକଟ କରିଛନ୍ତି। ବିଗତ କିଛି ବର୍ଷ ମଧ୍ୟରେ ଭାରତ ଓ ଓଡ଼ିଶା ରଗ୍‌ବୀ ଖେଳରେ ବେଶ୍ ଉନ୍ନତି କରିଛି। ଭାରତୀୟ ଦଳର ଅଧିକାଂଶ ଖେଳାଳି ଓଡ଼ିଶାର ହୋଇଥିବା ବେଳେ ସେମାନେ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଭାରତ ପାଇଁ ଅନେକ ଉଲ୍ଲେଖନୀୟ ସଫଳତା ଆଣିଦେଇଛନ୍ତି। ତେଣୁ ରାଜ୍ୟରେ ରଗ୍‌ବୀ ପ୍ରତି ଯୁବ ପିଢ଼ି ମଧ୍ୟରେ ଆଗ୍ରହ ସୃଷ୍ଟି କରିବା ସହ ଏହାର ବିକାଶ ପାଇଁ ଅନ୍ତର୍ଜାତୀୟ ପ୍ରତିଯୋଗିତାର ଆବଶ୍ୟକତା ରହିଥିବାରୁ ବିଶ୍ୱକପ୍ ସହ ଏସୀୟ ଚାମ୍ପିଅନ୍‌ସିପ୍ ଆୟୋଜନ ପାଇଁ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଥିବା ପ୍ରତିନିଧି ମଣ୍ଡଳ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ଆଲୋଚନା ବେଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆୟୋଜନ ପାଇଁ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ପ୍ରତିନିଧି ଦଳରେ ୱାର୍ଲ୍ଡ ରଗ୍‌ବୀ ପକ୍ଷରୁ ରିଦଜାଲ୍ ସାତ୍, ଏସିଆ ରଗ୍‌ବୀ ପକ୍ଷରୁ ବେଞ୍ଜାମିନ୍ ଭାନ୍ ରୁୟେନ୍ ଓ ଉପସଭାପତି ଆଗା ହୁସେନ୍, ରଗ୍‌ବୀ ଇଣ୍ଡିଆ ପକ୍ଷରୁ ମହାସଚିବ ମହେଶ ମାଥାଇ, କୋଷାଧ୍ୟକ୍ଷ ସୌରଭ ଚାଟାର୍ଜୀ ରହିଥିଲେ। ଏହି ଅବସରରେ ରଗ୍‌ବୀ ଇଣ୍ଡିଆ ପକ୍ଷରୁ ଓଡ଼ିଶାରେ ଏକ ଅନ୍ତର୍ଜାତୀୟ ସ୍ତରର ରଗ୍‌ବୀ ଗ୍ରାଉଣ୍ଡ୍ ପ୍ରତିଷ୍ଠା କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଅନୁରୋଧ କରାଯାଇଛି। ଆଲୋଚନା ବେଳେ ଓଡ଼ିଶା ରଗ୍‌ବୀ ଫୁଟ୍‌ବଲ୍ ଆସୋସିଏସନ୍ (ଓଆର୍‌ଏଫ୍‌ଏ) ସଭାପତି ତଥା ଭୁବନେଶ୍ୱର (ଉତ୍ତର) ବିଧାୟକ ପ୍ରିୟଦର୍ଶୀ ମିଶ୍ର ମଧ୍ୟ ଉପସ୍ଥିତ ଥିଲେ।

## ୱାର୍ଲ୍ଡ ଡ୍ୱାର୍ଫ ଗେମ୍ସରେ ଭାରତକୁ ୩୬ ପଦକ




**ନୂଆଦିଲ୍ଲୀ :** ଟରଣ୍ଟୋରେ ଅନୁଷ୍ଠିତ ୱାର୍ଲ୍ଡ ଡ୍ୱାର୍ଫ (ବାଙ୍ଗରା) ଗେମ୍ସରେ ଭାରତ ରେକର୍ଡ ସଂଖ୍ୟକ ପଦକ ଜିତି ଇତିହାସ ରଚିଛି। ଓଣ୍ଟାରିଓର ୟୁନିଭରସିଟି ଅଫ୍ ଗୁଏଲ୍‌ଫଠାରେ ୨୪ଟି ଦେଶର ୪୦୦ ଆଥ୍‌ଲେଟ୍ସଙ୍କୁ ନେଇ ଅନୁଷ୍ଠିତ ଚାମ୍ପିଅନସିପ୍‌ରେ ୨୧ଜଣିଆ ଭାରତୀୟ ଦଳ ୧୫ଟି ସ୍ୱର୍ଣ୍ଣ ସମେତ ମୋଟ ୩୭ଟି ପଦକ ଜିତିଛି। ଭାରତ ପକ୍ଷରୁ ୨ଟି ସ୍ୱର୍ଣ୍ଣ, ତିନୋଟି ରୌପ୍ୟ ଓ ଗୋଟିଏ ବ୍ରୋଞ୍ଜ ପଦକ ଜିତିଥିବା ଜବି ମାଥ୍ୟୁ କହିଛନ୍ତି, ଟରଣ୍ଟୋରେ ମୋର ଅଭିଜ୍ଞତା ବହୁତ ଖାସ୍ ଥିଲା। ମୁଁ ବ୍ୟାଡ୍‌ମିଣ୍ଟନ୍ ଡବଲ୍ସ, ବ୍ୟାଡ୍‌ମିଣ୍ଟନ୍ ସିଙ୍ଗଲ୍ସ, ସଟ୍‌ପୁଟ୍, ଜ୍ୟାଭେଲିନ୍ ଥ୍ରୋ ଏବଂ ଶକ୍ତିଉତ୍ତୋଳନରେ ଭାଗ ନେଇଥିଲି। ଭାରତୀୟ ଆଥ୍‌ଲେଟ୍ ଭାବେ ମୁଁ ନିଜକୁ ଗୌରବାନ୍ୱିତ ମନେ କରୁଛି। ୱାର୍ଲ୍ଡ ଡ୍ୱାଫ୍ ଗେମ୍ସ ଛୋଟିଆ ଲୋକଙ୍କର ଅଲିମ୍ପିକ୍ ଭାବେ ପରିଚିତ। ଭାରତର ପ୍ରଦର୍ଶନ ନେଇ ଟିମ୍‌ର ମ୍ୟାନେଜର ତଥା କୋଚ୍ ଶିବାନନ୍ଦ ଗୁଞ୍ଜାଲ କହିଛନ୍ତି, ଅଗଷ୍ଟ ୧୫ରେ ସ୍ୱାଧୀନତା ଦିବସ ଅବସରରେ ଦେଶକୁ ୧୫ଟି ପଦକ ଦେଇଥିବାରୁ ଆମେ ବହୁତ ଖୁସି। ଆମେ ଟରଣ୍ଟୋରେ ଭରପୂର ସମ୍ମାନ ପାଇଛୁ। ଏଠାକାର ପରିବେଶ ସମ୍ପୂର୍ଣ୍ଣ ଭାବେ ନୂଆ ଥିଲା। ଏହା ସତ୍ତ୍ୱେ ଆମ ଆଥ୍‌ଲେଟ୍ସମାନେ ଯେଉଁଭଳି ପ୍ରଦର୍ଶନ କଲେ, ତାହା ନିଶ୍ଚିତ ଭାବେ ପ୍ରଶଂସନୀୟ ବୋଲି ଶିବାନନ୍ଦ କହିଛନ୍ତି।






ସ୍ୱାଧୀନତା ଦିବସ ଅବସରରେ କୁନି କୁନି ପିଲାମାନଙ୍କ ସହ ନବୀନ ନିବାସରେ ମୁଖ୍ୟମନ୍ତ୍ରୀ



ଓଡ଼ିଶା ହାଇକୋର୍ଟ ପରିସରରେ ୭୧ତମ ସ୍ୱାଧୀନତା ଦିବସ ପାଳନ



ଭୁବନେଶ୍ୱରର ଭଞ୍ଜ କଳାମଣ୍ଡପ ପରିସରରେ ଓଡ଼ିଶା ମାର୍ଶାଲ ଆର୍ଟ୍ସ ଆସୋସିଏସନ ପକ୍ଷରୁ ସ୍ୱାଧୀନତା ଦିବସ ପାଳନ





ଭୁବନେଶ୍ୱର ନୀଳାଦ୍ରିବିହାର ଏବଂ ଶୈଳଶ୍ରୀବିହାର ଅଞ୍ଚଳରେ ସ୍ୱାଧୀନତା ଦିବସ ପାଳନ




Printed, Published and Owned by **Rasmita Patra**, Published at Flat-003, Mahadev Orchid, Cosmopolis Road, Dumduma, Bhubaneswar-19, Dist- Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● Editorial Office : HIG-137, Dharma Vihar, Khandagiri, Bhubaneswar, Odisha, PIN-751030, Phone : 7008340389 (Editorial), Email : ekamaatra@gmail.com

Chief Editor : **Bibhuti Bhusan Patra**
ମୁଖ୍ୟ ସମ୍ପାଦକ : ବିଭୁତି ଭୂଷଣ ପାତ୍ର

Managing Editor : **Laxmipriya Dash**
ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ

Editor : **Tarak Mohanty**
ସମ୍ପାଦକ : ତାରକ ମହାନ୍ତି